ସୁନ୍ଦରୀ [illegible]

■ ୩ ■

■ ଏଡ଼ଭେଞ୍ଚର ସିରିଜ ■ ୩ ■

ମୂଳ ରଚନା ▸ ଏଡ଼ଗାର ରାଇସ୍ ବରୋଜ

■ ରୂପାନ୍ତର ▸ ଶ୍ରୀ ଆରଣ୍ୟକ

Digitized by srujanika@gmail.com

ଟାରଜନ୍ ଅନୁଭବ କଲା ଯେ ଏକ ବିରାଟକାୟ ଜଳଜନ୍ତୁ ତାର ଜଙ୍ଘକୁ କାମୁଡ଼ି ଧରିଛି ଓ ତାକୁ ପାଣି ତଳକୁ ଟାଣି ନେଉଛି । ମନଇଚ୍ଛା ବାୟୁ ପେଟ ଭିତରକୁ ନେଇ ସେ ପାଣି ଉପରୁ ତଳକୁ ବୁଡ଼ି ଯାଉ ଯାଉ ତା ମୁଣ୍ଡ ଉପରେ ସାମାନ୍ୟ ଆଘାତ ଲାଗିଲା ପରି ଜଣାଗଲା ।

କୁମ୍ଭୀରଟା ତାକୁ ଭୀଷଣ ବେଗରେ ପାଣି ଭିତରେ ଟାଣି ନେଉଥିଲା । ପାଣିରେ କୁମ୍ଭୀର ହାତୀକୁ ମଧ୍ୟ ଅକ୍ତିଆର କରିପାରେ । ଟାରଜନ ନିଜକୁ ମୁକୁଳାଇବା ପାଇଁ ବହୁ ଚେଷ୍ଟା କଲା—କିନ୍ତୁ କୁମ୍ଭୀରର ବଜ୍ର ବନ୍ଧନରୁ ନିଜକୁ ମୁକ୍ତ କରିବାର ଶକ୍ତି ତାର ନଥିଲା ।

Digitized by srujanika@gmail.com

BEASTS OF TARZAN

Edgar Rice Burrcughs

★

Abridged & Adopted in Oriya

by Sri Aranyaka

★

ପ୍ରକାଶକ : ଲିପିକା, କଟକ-୯

ପ୍ରଥମ ପ୍ରକାଶ : ସେପ୍‌ଟେମ୍ବର ୧୯୭୧

ପରିପାଟୀ : ଶିଳ୍ପ ରୂପମ

ମୁଦ୍ରକ : ଲିପିକା, କଟକ-୯

ମୂଲ୍ୟ : ଦୁଇଟଙ୍କା

★

Digitized by srujanika@gmail.com

ଆଡ଼ଭେଞ୍ଚର ସିରଜ୍ ॥ ୩ ॥

ଟାରଜନର ଜାନୁଆର

ମୂଳରଚନା : ଏଡ଼ଗାର ରାଇସ୍ ବରୋକ୍
ରୂପାନ୍ତର : ଶ୍ରୀ ଆରଣ୍ୟକ

Digitized by srujanika@gmail.com

ଏହାପରେ

ଚତୁର୍ଥ ବହି : ସନ୍ ଅଫ୍ ଷ୍ଟାର୍କନ

ମନେ ରଖନ୍ତୁ

ଲିପିକା ବହି

Digitized by srujanika@gmail.com

"ଏ ଘଟଣା ଯେ କିଭଳି ଘଟିଲା ତାହା ବୁଝିବା ମୋ ପକ୍ଷରେ ମଧ୍ୟ ସମ୍ଭବ ହୋଇପାରୁ ନାହିଁ—ଟାରଜନ୍—" ଆର୍ଣ୍ଣଟ୍ ବିଚଳିତ ସ୍ୱରରେ ଘଟଣାଟିକୁ ପୁଙ୍ଖାନୁପୁଙ୍ଖରୂପେ ବିଶ୍ଳେଷଣ କରି କହିବାକୁ ଲାଗିଲେ—

"ଆଫ୍ରିକାରୁ ନିକୋଲାସ୍‌କୁ ବନ୍ଦୀ ଅବସ୍ଥାରେ ମିଲିଟାରୀ ପହରାରେ ଫ୍ରାନ୍ସକୁ ଅଣାଗଲା । ସେଇ ମିଲିଟାରୀ କୋର୍ଟର ଆଦେଶାନୁଯାୟୀ ତାକୁ ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ କରାଗଲା । ବର୍ତ୍ତମାନ ଦେଖିଲାବେଳକୁ—ନିକୋଲାସ୍ ଫେରାର ! ଫ୍ରାନ୍ସର ବନ୍ଦୀଶାଳାର ଅଭେଦ୍ୟ ସେଲ୍ ମଧ୍ୟରୁ ଲୋକଟା ପବନପରି କେଉଁଆଡ଼େ ଯେ ଉଭେଇଗଲା ସେ କଥା ପୋଲିସ କିମ୍ବା ଡିଟେକ୍‌ଟିଭ କାହାରି ହେଲେ ବୋଧଗମ୍ୟ ହୋଇପାରିଲା ନାହିଁ ; ଆଶ୍ଚର୍ଯ୍ୟର କଥା—ଟାରଜନ୍- ନିତାନ୍ତ ଆଶ୍ଚର୍ଯ୍ୟର କଥା—"

ଓ୍ୱାକିରି ଯୋଦ୍ଧାମାନଙ୍କୁ ତାଙ୍କ ରାଜ୍ୟରେ ଛାଡ଼ି ଟାରଜନ୍, ମିସ୍ ପୋର୍ଟରଙ୍କୁ ବିବାହକରି ପୁତ୍ର ସନ୍ତାନଟିଏ ଲାଭ କରିବା ପରେ ଲଣ୍ଡନ ଆସି ଆଫ୍ରିକାର ବର୍ଷାଦିନର ଅସହ୍ୟ ଯନ୍ତ୍ରଣାରୁ ପତ୍ନୀପୁତ୍ରଙ୍କୁ

Digitized by srujanika@gmail.com

ନଗରପଦରେ ରଖିବା ଉଦ୍ଦେଶ୍ୟରେ ତାଙ୍କ ସହିତ ରହୁଥିଲା । ବର୍ତ୍ତମାନ ସେ ଲର୍ଡ଼ ଉପାଧିଧାରୀ ଲର୍ଡ଼ ଗ୍ରେଷ୍ଟୋକ୍ । ଲଣ୍ଡନର ଅତି ସମ୍ଭ୍ରାନ୍ତ ଧନୀ ପରିବାରର ଏକମାତ୍ର ଉତ୍ତରାଧିକାରୀ । ଅଭାବ ନାହିଁ କି ଚିନ୍ତା ନାହିଁ । ଆର୍ଣ୍ଣଟଙ୍କୁ ଭେଟିବା ଉଦ୍ଦେଶ୍ୟରେ ସେ ଫ୍ରାନ୍ସ ଆସିଥିଲେ କିନ୍ତୁ ଆର୍ଣ୍ଣଟଙ୍କଠାରୁ ସେ ଯାହା ଶୁଣିଲେ—ତାହା ଯେ ତା ପ୍ରତି ଏକ ଭବିଷ୍ୟତ ବାଣୀ ସେ କଥା ସେ ସଙ୍ଗେ ସଙ୍ଗେ ହୃଦୟଙ୍ଗମ କରି କହି ଉଠିଲେ—

"ଲୋକଟା ଯେ ନିତାନ୍ତ ମାରାତ୍ମକ ଏଥିରେ ସନ୍ଦେହ ନାହିଁ—କିନ୍ତୁ ମୁଁ ସେଥିପାଇଁ ଭୀତତ୍ରସ୍ତ ନୁହେଁ । ମୋର କେବଳ ଏତିକି ଆଶଙ୍କା ଯେ ଲୋକଟା ମୋ ଉପରେ ପ୍ରତ୍ୟକ୍ଷ ଆଘାତ ନକରି ବର୍ତ୍ତମାନ ଅତି ସହଜରେ ମୋ ସ୍ତ୍ରୀ ପୁତ୍ରଙ୍କ ଜରିଆରେ ମୋ ଉପରେ ପ୍ରତିଶୋଧ ନେବ । ମୋର ବର୍ତ୍ତମାନ ସେମାନଙ୍କ ନିକଟରେ ଉପସ୍ଥିତ ରହିବା କଥା ।"

ଏଣେ ପ୍ୟାରିସ୍‌ରେ ଟାରଜନ୍ ଓ ଆର୍ଣ୍ଣଟ୍ ଯେଭଳି ମନ୍ତ୍ରଣା କରୁଥିଲେ—ତେଣେ ଲଣ୍ଡନର ଉପକଣ୍ଠରେ ଗୋଟାଏ ଅନାମଧେୟ ଗଳିର ଏକ କୁଡ଼ିଆ ଭିତରେ ଅନ୍ୟ ଦୁଇଜଣ ସେହିଭଳି ଗୁପ୍ତ ମନ୍ତ୍ରଣାରେ ବ୍ୟାପୃତ ଥିଲେ—ନିକୋଲାସ୍ ଓ ତା'ର ସଙ୍ଗୀ—"ତୁମର ଏଇ ଦାଢ଼ି ନ କାଟିଲେ ଟାରଜନ୍ ତୁମକୁ ନିଶ୍ଚୟ ଚିହ୍ନି ପକାଇବ । ମୁଁ ଆଜି ଦିନକ ଭିତରେ ଆମର ଅନିର୍ଦ୍ଦିଷ୍ଟ ଯାତ୍ରାପଥର ସଙ୍ଗୀ ଦୁଇ ଜଣଙ୍କ ମଧ୍ୟରୁ ଜଣକୁ ଏଇ ବନ୍ଦରର ଏକ ଜାହାଜ ମଧ୍ୟକୁ ନେଇ ଆସିବି । ଆଉ ଖୋଦ୍ ଟାରଜନ୍‌କୁ ଆଣିବାର ଭାର ତୁମ ଉପରେ, ସେ ଯେ ଫ୍ରାନ୍ସରୁ ସଙ୍ଗେ ସଙ୍ଗେ ଫେରିଆସିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଆଉ ଶୁଣ—ଆମର କାର୍ଯ୍ୟ

Digitized by srujanika@gmail.com

ଯେ କେଡ଼େ ଲାଭଦାୟକ ଆଉ ଆମର ଭବିଷ୍ୟତ ଯେ କେଡ଼େ ଉଜ୍ଜ୍ୱଳ—ଏ କଥା କେବେ ହେଲେ ଭୁଲିବ ନାହିଁ—ଆଲେକ୍। ଫ୍ରାନ୍ସର ଲୋକଗୁଡ଼ାକ ନିତାନ୍ତ ବୋକା। ସେମାନଙ୍କୁ ବୋକା ବନେଇ ମୁଁ ଖସି ଆସିଲି—ଅଥଚ ମୋର ପଳାୟନ କଥାଟାକୁ ସେମାନେ ଲୋକରେ ପ୍ରକାଶ କରିପାରୁ ନାହାନ୍ତି। ତେଣୁ ଆମର ଆଉ ଡର କାହାକୁ ? ସ୍ୱାଧୀନ ଭାବରେ କାମ କରିବା କଥା।"

ଏଇ କଥାବାର୍ତ୍ତାର ତିନିଘଣ୍ଟା ପରେ ପ୍ୟାରିସ୍ ସହରର ଆର୍ଷ୍ଟ୍ରିଚ୍‌ଙ୍କ ପ୍ରାସାଦରେ ଟାରଜନ୍ ଗୋଟାଏ ଟେଲିଗ୍ରାମ୍ ପାଇଲା—ଜେନ୍ ପୋଟର ଲେଖିଛି।

'ଜାକ୍'କୁ ସେମାନେ ଆମର ନୂଆ ଚାକରର ଜରିଆରେ ଚୋରେଇ ନେଇଛନ୍ତି—ଶୀଘ୍ର ଆସ—"

ଟାରଜନ୍ ଫ୍ରାନ୍ସରୁ ଲଣ୍ଡନ ଏତେ ଦୂରପଥ କିପରି ଅବସ୍ଥାରେ ଅତିକ୍ରମ କରିଛି ତା ସେ ନିଜେ ଜାଣେନା—। ଲଣ୍ଡନର ନିଜ ବଙ୍ଗଳାର ପାହାଚରେ ପାଦ ନ ଦେଉଣୁ 'ଜେନ୍' ଅଧା ପାଗଳ ଓ ଅଧା ପ୍ରକୃତିସ୍ଥ ଅବସ୍ଥାରେ ତା ନିକଟରେ ଏକା ନିଃଶ୍ୱାସକେ କହିଗଲା—

'ଜାକ୍'ର ନର୍ସ ତାକୁ ଗାଡ଼ିରେ ଧରି ବଗିଚାକୁ ବୁଲେଇ ନେଇଥିଲା। ବଗିଚାର ପାଖ ସଡ଼କରେ ହଠାତ୍ ଗୋଟାଏ ଟାକ୍ସି ଠିଆ ହୋଇଗଲା। ନର୍ସ ବା ସେ ଆଡ଼କୁ ନଜର ଦେବ କାହିଁକି ? ଏତିକି ବେଳେ ଆମ ନୂଆ ଚାକର 'କାର୍ଲ' ଘର ଭିତରୁ ଆସି ନର୍ସକୁ ଭିତରେ ମୁଁ ଡାକୁଛି ବୋଲି କହି ପିଲାର ଗାଡ଼ିଟାକୁ ଧାଇ ଧଇଲା। ନର୍ସ ଘର ଭିତରକୁ ପଶି ଯାଉ ଯାଉ ପଛକୁ ଚାହିଁ

Digitized by srujanika@gmail.com

ଦେଖିଲାବେଳକୁ "କାର୍ଲ" ପିଲାକୁ ଗାଡ଼ିସହ ବଜୁଳିବେଗରେ ନେଇ ଟାଙ୍କ ପାଖରେ ପହଞ୍ଚାଇ ଦେବାକୁ ଯାଉଚି ଓ ଟାଙ୍କ ଭିତରୁ ଗୋଟାଏ ବଦମାସ ଦ୍ୱାର ଖୋଲିକରି ରଖିଛି । ନର୍ସ ପଛକୁ ଫେରି ଛୁଟି ଆସିଲା ବେଳକୁ କ'ଣ ହେଲା—ଟାଙ୍କ ହଠାତ୍ ଷ୍ଟାର୍ଟ କରି ପାରିଲା ନାହିଁ । ନର୍ସ ଟାଙ୍କ ଉପରେ ଚଢ଼ିଗଲା ବେଳକୁ କାର୍ଲ ତାକୁ ଧକ୍କା ଦେଇ ଚାଲିଗଲା ।"

ଘଟଣା ମୂଳରେ କିଏ ଜେନ୍ ସେ କଥା ଜାଣିବ କିପରି ? ଟାରଜନ୍ ନିକୋଲସ୍ କଥା କହୁ କହୁ ତେଣେ ଫୋନ୍ ବାଜି ଉଠିଲା—ଟାରଜନ୍ ଫୋନ୍ଧରି ଶୁଣିଲା ଜଣେ ଅପରିଚିତର କଣ୍ଠସ୍ୱର—"ମୁଁ ଜଣେ ଅପରିଚିତ । ତୁମର ପୁଅ ହଜି ଯାଇଚି ନା ? ତୁମ ପୁଅ କେଉଁଠି ମୁଁ ତା ଜାଣେ । ଆଜି ରାତି ଦଶଟା ବେଳେ ନିକଟସ୍ଥ ବନ୍ଦରର ପାଣି ପାଖରେ ଥିବା ସେଇ ବଡ଼ ହୋଟେଲରେ ମୋ ସହିତ ଯଦି ଦେଖାକର ତା'ହେଲେ ମୁଁ ତୁମକୁ ତୁମର ପୁଅ ନିକଟକୁ ନେଇଯିବି । ଅପହରଣକାରୀଙ୍କ ମଧ୍ୟରୁ ମୁଁ ଜଣେ କିନ୍ତୁ ମୋର ପୁରସ୍କାର ମିଳିଲା ନାହିଁ । ତୁମେ ମୋତେ ସରକାରୀ ସାକ୍ଷୀ କରିବାର ବିଶ୍ୱାସ ଥିବାରୁ ମୁଁ ତୁମକୁ ଏ ସବୁ କଥା କହୁଚି । ସାବଧାନ ହାଙ୍ଗରେ କାହାକୁ ଆଣିବ ନାହିଁ କି କାହାକୁ ହେଲେ ଏ ଖବର ଜଣାଇବ ନାହିଁ ।

ସମ୍ବାଦ ପରେ ଫୋନ୍ କଟିଗଲା ।

ଟାରଜନ୍ ନିଜର ସ୍ତ୍ରୀକୁ ଯାହା ଶୁଣିଥିଲା ସବୁ କହିଗଲା ।

"ମୋତେ ଯିବାକୁ ହିଁ ହେବ ଜେନ୍—କୌଣସିମତେ 'ଜାକ୍'କୁ ଉଦ୍ଧାର କରିବାକୁ ହେବ ।"

Digitized by srujanika@gmail.com

ତା ସନ୍ଧାନ ଯିବା ପାଇଁ ଜେନ୍‌ର କାକୁତମିନତି ସତ୍ତ୍ୱେ ଏକୁଟିଆ ନ ଗଲେ 'ଜାକ୍'କୁ ପାଇବା ସମ୍ଭବ ହେବ ନାହିଁ କହି ଟାରଜନ୍ ଦ୍ରୁତ ପଦରେ ଜେନ୍‌ଠାରୁ ବିଦାୟ ନେଇ ଚାଲିଗଲା ।

ଜେନ୍ ଶବ୍ଦ ଶୁଣିଲାପରେ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲା । ତା'ର ଯେତେବେଳେ ବୋଧଶକ୍ତି ଫେରି ଆସିଲା ତା'ର ହୃଦୟ ଭିତରୁ କିଏ ଯେପରି କହି ଉଠିଲା—ଏ ଏକ ଷଡ଼ଯନ୍ତ୍ର ଛଡ଼ା ଅନ୍ୟ କିଛି ନୁହେଁ ।

କଥାଟା ତା'ର ପଞ୍ଚଭୂତ ଆତ୍ମାରେ ଭେଦ ତାକୁ ଅସ୍ଥିର କରିପକାଇଲା । ସେ ଚାହିଁ ଦେଖିଲା ଦଶଟା ବାଜିବାକୁ ଆଉ ଅଳ୍ପ କେତେ ମିନଟ୍ ବାକି । ରକ୍ଷା ନାହିଁ—ବର୍ତ୍ତମାନ ହିଁ ତାକୁ ଗାଡ଼ିଧରି ଯିବାକୁ ହେବ ସେଇ ସ୍ଥାନକୁ । ଜେନ୍ ଚାକରକୁ ସେ ଯାଉଥିବା କଥା କହି ସଙ୍ଗେ ସଙ୍ଗେ ବାହାରି ପଡ଼ିଲା ।

ଏଣେ ଟାରଜନ୍ ହୋଟେଲରେ ପହଞ୍ଚି ଦେଖିଲା ଯେ ଗୋଟାଏ ଲୋକ ମଫଲର ଗୁଡ଼ାଇ ହୋଇ ତାକୁ ତା ପଛେ ପଛେ ଯିବାକୁ କହୁଛି । ଟାରଜନ୍ ଚାଲିଲା । ଅନ୍ଧାରୁଆ, ଝାପ୍ସା, ରହସ୍ୟମୟ ଗଳିକନ୍ଧି ଦେଇ ସେ ଆଗକୁ ଗତିକଲା । ଆଗରେ ସମୁଦ୍ର । ତା ଭିତରେ ଅନତି ଦୂରରେ ଗୋଟାଏ ଷ୍ଟିମର ଜାହାଜ—"ଏଇ ଯେଉଁଠି ଆଲୁଅ ଦେଖାଯାଉଛି । ସେଇ ଜାହାଜ ଭିତରେ ତୁମ ପୁଅକୁ ଲୁଚାଇ ରଖାଯାଇଛି ।"

କୂଳରେ ଅଟକାଇ ରଖାଯାଇଥିବା ଗୋଟାଏ ଡଙ୍ଗା ଫିଟାଇ ସେମାନେ ତା ଉପରେ ବସି ଆବ୍ଦୁଲ୍‌ମାରି ଜାହାଜ ପାଖକୁ ଗଲେ । ଗୋଟାଏ ସିଡ଼ି ଦେଇ ସେମାନେ ଜାହାଜ ଉପରକୁ ଉଠିଲେ ।

Digitized by srujanika@gmail.com

ଲୋକଟା ନିର୍ଜ୍ଜନ ଓ ଶୂନ୍ୟ ଜାହାଜ ଉପରେ ବାଟ କଢ଼ାଇ ତଳକୁ ତଳ ଓହ୍ଲାଇ ଯାଉଥାଏ । ତା ପଛେ ପଛେ ଚାଲିଥାଏ ଟାରଜନ୍ । ଗୋଟାଏ ଦ୍ୱାର ନିକଟରେ ଠିଆ ହୋଇ ଲୋକଟା କହିଲା—"ଏଇ ଭିତରେ ଅଛି । ଶୀଘ୍ର ଯାଅ—ମୁଁ ଏଇଠାରେ ଅପେକ୍ଷା କରିଛି ।" ମୁହୂର୍ତ୍ତକ ମଧ୍ୟରେ ଟାରଜନ୍ ଗୋଟାଏ କୋଠରୀ ଭିତରକୁ ଖସି ପଡ଼ିଲା ।

ହଠାତ୍ ଉପରୁ ଗୋଟାଏ ବଡ଼ଗଟକାୟ ଦ୍ୱାର ଯନ୍ତ୍ରାପରି ପଡ଼ିଯାଇ ତାକୁ ଗୋଟାଏ ଶକ୍ତିଶାଳୀରୁଦ୍ଧ ପ୍ରକୋଷ୍ଠ ଭିତରେ ବନ୍ଦୀ କରିଦେଲା ।

ଜାହାଜର ଇଞ୍ଜିନ୍ ଗର୍ଜ୍ଜି ଉଠିଲା । ଚଳନ୍ତା ତରଙ୍ଗରେ ଧକ୍କା ଖାଇ ଜାହାଜ କମ୍ପି ଉଠିଲା । ଜାହାଜର ଘର୍ଘର ଶବ୍ଦରେ ଟାରଜନ୍‌ର ଶ୍ରବଣ ଶକ୍ତି କ୍ଷୀଣ ହୋଇ ଆସିଲା । ତଥାପି—ତଥାପି ସେଇ ଘୋର ଘର୍ଘର ଶବ୍ଦକୁ ଭେଦକରି ଟାରଜନ୍ କାନରେ ବାଜିଲା ଭୟତ୍ରସ୍ତା ଏକ ତରୁଣୀର କାତର କ୍ରନ୍ଦନ—

★

ଟାରଜନ୍ ହୋଟେଲରୁ ବାହାରିଯିବା ପରେ ଜେନ୍ ହୋଟେଲ ଭିତରକୁ ପ୍ରବେଶ କଲା । ଗୁଡ଼ାଏ ମଦୁଆ ନାବିକ ହୋଟେଲ ଭିତରେ ଚିତ୍କାର ଓ କୋଳାହଳ କରୁଥାନ୍ତି । ଚତୁର୍ଦ୍ଦିଗରେ ଉତ୍କଟ ମଦ ଓ ବାସି ଖାଦ୍ୟର ଗନ୍ଧ । ଜେନ୍‌ର ଶ୍ୱାସରୁଦ୍ଧ ହେବା ଉପରେ । ତଥାପି ସେ ହୋଟେଲ ଭିତରେ ପ୍ରବେଶକରି ମଦ

Digitized by srujanika@gmail.com

ବଳୁଥିବା ମହିଳାଟିକୁ ଜଣେ ସ୍ୱାସ୍ଥ୍ୟବାନ୍, ଖୁବ୍ ଡେଙ୍ଗା ଲୋକ, ସେଠାକୁ ଆସିଥିଲା କି ନାହିଁ ସେ ବିଷୟରେ ପ୍ରଶ୍ନ କଲା । ମହିଳାଟି ଜେନ୍‌ର ବେଶପୋଷାକ ପ୍ରତି ଈର୍ଷାନ୍ୱିତ ଦୃଷ୍ଟିରେ ଚାହିଁ ଚାହିଁ ଅବଜ୍ଞାର ସହିତ ଉତ୍ତର ଦେଲା –

"ସେଭଳି ଜଣେ ଲୋକ ଏଠାକୁ ଆସିଥିଲା ଏବଂ ଆଉ ଜଣେ ଲୋକ ସହିତ ସେ ଏଠାରୁ ଏହିକ୍ଷଣି ଚାଲିଗଲା କିନ୍ତୁ କେଉଁଆଡ଼କୁ ଗଲା ସେ କଥା କିଏ କହିବ ?"

ମହିଳା ଦୁଇଜଣଙ୍କ କଥୋପକଥନ ଶୁଣୁଥିବା ଜଣେ ନାବିକ ହଠାତ୍ କହି ଉଠିଲା—

"ସେ ଦୁଇଜଣଙ୍କୁ ସମୁଦ୍ର ଆଡ଼କୁ ଯିବାର ମୁଁ ଦେଖିଛି ।"

"ମୋତେ ରାସ୍ତା ଦେଖାଇଦେଇ ପାରିବ ?" ଜେନ୍ ଅନୁରୋଧ ସ୍ୱରରେ କହିଲା ।"

ନାବିକଟି ଯିବ କି ନାହିଁ ବିଚାରୁ ବିଚାରୁ ଜେନ୍ ତା ହାତରେ ଗୋଟାଏ ମୁଦ୍ରା ଧରାଇ ଦେଲା ।

ବନା ଦ୍ୱିଧାରେ ନାବିକଟି ଜେନ୍‌କୁ ରାସ୍ତା ପାର କରାଇନେଇ ସମୁଦ୍ର କୂଳରେ ପହଞ୍ଚାଇ ଦେଲା ।

"ଏଇ ଯେଉଁ ଆଲୁଅ ଦେଖାଯାଉଛି – ସେହି ଜାହାଜ ଆଡ଼କୁ ସେମାନେ ଗଲେ ।"

"ତୁମେ ମୋତେ ସେଠାକୁ ନେଇ ପାରିବ ? ମୁଁ ଯଥେଷ୍ଟ ପାରିଶ୍ରମିକ ଦେବି ।" ଜେନ୍ ଅନୁରୋଧ ସ୍ୱରରେ କହିଲା ।

ନାବିକଟି ପାଣିକୂଳରେ ଥିବା ଡଙ୍ଗାଟି ଖୋଲି ସେଥିରେ ବସିବାକୁ ଜେନ୍‌କୁ ଅନୁରୋଧ କଲା । ଡଙ୍ଗାରେ ଚଢ଼ି ସେମାନେ

Digitized by srujanika@gmail.com

ଜାହାଜ ନିକଟକୁ ଗଲେ । ସେଇ ସିଡ଼ି ଦେଇ ଜେନ୍ ଉପରକୁ ଉଠି ଯାଉଯାଉ ଗୁଡ଼ାଏ ନୋଟ୍ ନାବିକ ହାତରେ ଗୁଞ୍ଜିଦେଲ । ନାବିକଟି ଦେଖିଲ ତା'ର ଭାଗ୍ୟ ତା ପ୍ରତି ସୁ-ପ୍ରସନ୍ନ ପୁଣି କାଳେ ଜାହାଜ ଭିତରୁ ଭଦ୍ରମହିଳା ଫେରିଆସିବ ସେଥିପାଇଁ ସେ ଅପେକ୍ଷା କରିବାକୁ ପ୍ରସ୍ତୁତ ଥିଲ ।

କିନ୍ତୁ ଜେନ୍ ଉପରକୁ ଉଠି ସାରିବାର କିଛି ସମୟ ପରେ ଜାହାଜର ଇଞ୍ଜିନ ଷ୍ଟାର୍ଟ ହେଲ । ଘର୍ଘର ଶବ୍ଦରେ ସାମୁଦ୍ରିକ ବାୟୁମଣ୍ଡଳ ହଠାତ୍ ମୁଖରିତ ହୋଇଉଠିଲ । ପାଣି ଭିତରେ ଜାହାଜର ଚକ୍ର ଘୁରି ଲହରୀର ଶବ୍ଦକୁ ଆହୁରି ତୀବ୍ରତର କରିଦେଲ ।

ଏବଂ ଜାହାଜ ଗ୍ଲଲବା ଦେଖି ଓ ମହିଳାଙ୍କର ଅସହାୟ ଚିତ୍କାର ଶୁଣି ନାବିକ ଡଙ୍ଗାଟାକୁ କୂଳକୁ ଫେରାଇଲ ।

ଜେନ୍ ଜାହାଜର ଡେକ୍ ଉପରକୁ ଉଠି ଦେଖିଲ ଜାହାଜଟା ପୂରାପୂରି ଶୂନ୍ୟ । ଜନମାନବର ଚିହ୍ନ ନାହିଁ, କୌଣସି ଶବ୍ଦ ଶୁଣାଯାଉ ନାହିଁ । ଡେକ୍ ତଳକୁ ଓହ୍ଲାଇ ଜେନ୍ ନିଃଶବ୍ଦରେ ଜାହାଜର କୋଠରୀ ଭିତରକୁ ପ୍ରବେଶ କଲ । କୋଠରୀ ପରେ କୋଠରୀ—ନାବିକମାନଙ୍କର ରହିବା ଘର । ତା ଆଗେ ଆଗେ ହାତଦେବା ମାତ୍ରେ ଦ୍ୱାର ସବୁ ଖୋଲି ଯାଉଛି । ସେତେବେଳକୁ ଇଞ୍ଜିନ୍ ଷ୍ଟାର୍ଟକରି ସାରିଲଣି କିନ୍ତୁ ଜେନ୍‌ର ସେ ଦିଗକୁ ନଜର ନାହିଁ । ତା'ର ପ୍ରାଣର 'ଜାକ୍' କେଉଁଠି ଅଛି ଶୁଣିବା ପାଇଁ ସେ ପ୍ରଥମେ ପ୍ରତ୍ୟେକଦ୍ୱାର ନିକଟରେ କାନଦେଇ କିଛି ସମୟ ଅପେକ୍ଷା କଲ ପରେ ଭିତରକୁ ପାଦ ଦେଉଛି । ଶେଷରେ ଗୋଟାଏ ବଡ଼ କୋଠରୀ ଭିତରକୁ ସେ ପ୍ରବେଶ କଲ । ସେଠାରୁ ଆଉ ଗୋଟାଏ

Digitized by srujanika@gmail.com

ଦ୍ୱାର ସେ ଯେମିତ ଖୋଲିଛି ସଙ୍ଗେ ସଙ୍ଗେ ଭିତରୁ ଦୁଇଟା ଶକ୍ତିଶାଳୀ ହାତ ତାକୁ ଧରିନେଇ ଗୋଟାଏ ଛୋଟ କୋଠରୀ ଭିତରକୁ ତାକୁ ଟାଣି ନେଲେ । ଉପରୁ ଜେନ୍ ଚିତ୍କାରକରି ଉଠିଲା—

"ପାଟିକରି କିଛି ଲାଭନାହିଁ, ଏଠି ଆଉ ପାଟି ଶୁଣିବ କିଏ ?"

ଜେନ୍ ଆଶ୍ଚର୍ଯ୍ୟର ସହିତ ଦେଖିଲା ତା ଆଗରେ ଠିଆ ହୋଇଛି ନିକୋଲାସ୍ । ତା ମୁହଁରୁ ବାହାରି ପଡ଼ିଲା—ନିକୋଲାସ୍—ମି: ଠୁରାନ୍—ତୁମେ ?"

"ହଁ ମୁଁ—ତୁମର ଜଣେ ଗୁଣମୁଗ୍ଧ ପ୍ରଣୟୀ—"

"ଜାକ୍ କାହିଁ ? ମୋତେ ତା ନିକଟକୁ ନେଇଚାଲ ।"

"ଆଗେ ମୋ କଥା ଅନୁସାରେ କାମ କର । ଜାକ୍ ପ୍ରତି କୌଣସି ବିପଦର ଆଶଙ୍କା ନାହିଁ କିନ୍ତୁ ତୁମେ ଏଠାକୁ ଆସି ନିଜେ ନିଜେ ବିପଦକୁ ବରଣ କରିଛ । ସେଥିରେ ମୋର ଦୋଷ ନାହିଁ ।"

ନିକୋଲାସ୍ ମନେ ମନେ ଭାବୁଥିଲା—"ଭାଗ୍ୟରେ ଥିଲେ ଏଭଳି ଭାବରେ ଶୀକାର ପରେ ଶୀକାର ଆପେ ଆସି ଫାଶରେ ଧରା ଦିଅନ୍ତି ।"

ଜେନ୍‌କୁ ସେଇ ଘରେ ତାଲା ପକାଇ ଦେଇ ନିକୋଲାସ୍ ଚାଲିଗଲା ।

ତା'ପରେ ଅନେକ ଦିନ ପର୍ଯ୍ୟନ୍ତ ଜେନ୍ ଆଉ ନିକୋଲାସ୍‌କୁ ଦେଖିଲା ନାହିଁ । ଜାହାଜରେ ଯାତ୍ରା କରିବା ପରଠାରୁ ନିକୋଲାସ୍ ସାମୁଦ୍ରିକ ଜ୍ୱରରେ ଆକ୍ରାନ୍ତ ହୋଇ ପଡ଼ିଲା ।

Digitized by srujanika@gmail.com

ଏହି ସମସ୍ତ ଭିତରେ ତା'ର ସାକ୍ଷାତ ହେଉଥିଲା କେବଳ ଜାହାଜର ପାଚକ ସହିତ । ବ୍ଲେକ୍‌ଷ୍ଟାର କଦର୍ଯ୍ୟ କୁତ୍ସିତ ଚେହେରା ଓ ଖାଦ୍ୟ ପଦାର୍ଥରେ ମଇଳା ନଖ ବୁଡ଼ାଇ ଖାଦ୍ୟ ଦେବାର ଅଭ୍ୟାସ ଜେନ୍ ମନରେ ଏତେ ଘୃଣା ଭରି ଦେଇଥିଲା ଯେ ତା'ର ଖାଇବାର କୌଣସି ପ୍ରବୃତ୍ତି ନ ଥିଲା ।

ବ୍ଲେକଷ୍ଟାର ଚେହେରା ଯେମିତି—ତା ସାଙ୍ଗକୁ ସେ କାନ୍ଧରେ ଗୋଟାଏ ରସି ସାହାଯ୍ୟରେ ଝୁଲାଇଥିବା ଗୋଟାଏ ଛୁରୀ ତା'ର ରୂପକୁ ଆହୁରି ଭୟଙ୍କର କରିଦେଉଥିଲା ତଥାପି ସେ ଯେତେବେଳେ ଖାଇବା ଜିନିଷ ଧରି ଆସୁଥିଲା ଜେନ୍ ତାକୁ ଧନ୍ୟବାଦ ଦେଉଥିଲା--ମୁହଁରେ ଚେଷ୍ଟାକରି ମିଠା ହସ ଫୁଟାଇ ତାକୁ ସନ୍ତୁଷ୍ଟ କରୁଥିଲା କିନ୍ତୁ ଅନେକ ସମୟରେ ସେ ଆଣିଥିବା ଖାଦ୍ୟପଦାର୍ଥ "ଜେନ୍" ବାହାରକୁ ଫିଙ୍ଗି ଦେଉଥିଲା ।

ଜେନ୍ ମନରେ କିନ୍ତୁ ଦୁଇଟି କଥା ସବୁବେଳେ ବାତଚକ୍ରପରି ଘୁରିବୁଲୁଥାଏ । ନିଜର ସ୍ୱାମୀ ଓ ପ୍ରାଣର ପୁଅର କଥା । ପୁଅଟି ଯେ ସେ ଜାହାଜ ଭିତରେ ଅଛି ଏଥିରେ ତା'ର ସନ୍ଦେହ ନଥିଲା । କିନ୍ତୁ ସ୍ୱାମୀଙ୍କୁ ଜାହାଜ ଭିତରେ ଏକୁଟିଆ ପାଇ ନିକୋଲାସ୍ ତା'ର ଦୁର୍ଦ୍ଦଶାର କାରଣ ଟାରଜନ୍--ଟାରଜନ୍‌କୁ ଯେ ପ୍ରାଣରେ ନ ମାରି ରଖିଥିବ, ଏହାହିଁ ଜେନ୍‌ର ଚିନ୍ତାର ପ୍ରଧାନ କାରଣ ହୋଇଥିଲା ।

ତେଣେ ଟାରଜନ୍ ଅନ୍ଧାର କୋଠରୀ ମଧ୍ୟରେ ବନ୍ଦୀ ଅବସ୍ଥାରେ କାଳ କଟାଉଥିଲା । ସେ ଅବା କିପରି ଜାଣନ୍ତା ଯେ ତା'ର ପ୍ରାଣପ୍ରିୟା 'ଜେନ୍' ତା'ର ମୁଣ୍ଡ ଉପରକୁ ଆଉ ଏକ କୋଠରୀ ଭିତରେ ତା'ରି ଭଳି ବନ୍ଦୀ ଅବସ୍ଥାରେ କାଳ କାଟୁଛି ।

Digitized by srujanika@gmail.com

ଯାଚକ ସହିତ ଟାରଜନ୍‌ର ମଧ୍ୟ ସାକ୍ଷାତ ହେଉଥିଲା । ଟାରଜନ୍ ନାନା ଭାବରେ ଯାଚକ ସହିତ ବନ୍ଧୁତା ବାନ୍ଧିବା ପାଇଁ ଚେଷ୍ଟା ଚଳାଇଥାଏ । କିନ୍ତୁ କେତେବେଳେ ହେଲେ ତା'ର ଚେଷ୍ଟା ଫଳବତୀ ହୁଏ ନାହିଁ ।

ଦୁଇ ତିନି ସପ୍ତାହକାଳ ଜାହାଜ ସମୁଦ୍ର ଗର୍ଭରେ ଚାଲିଥାଏ । ଜେନ୍ ଓ ଟାରଜନ୍‌କୁ ଲାଗୁଥାଏ ଯେମିତି ଜାହାଜଟା ମାସ ମାସ ଧରି ଚାଲିଛି । ମଝିରେ ମଝିରେ ସ୍ଥାନେ ସ୍ଥାନେ ଜାହାଜ କୋଇଲା ପାଇଁ ଅଳ୍ପ ସମୟ ଅଟକି ପୁଣି ଗନ୍ତବ୍ୟ ପଥରେ ଚାଲିଥାଏ ।

ନିକୋଲାସ୍‌ର ଦେହ ଭଲ ହେବାପରେ ସେ ଥରେ ଜେନ୍ ନିକଟକୁ ଯାଇ ତା'ର ବ୍ୟକ୍ତିଗତ ସୁରକ୍ଷା ବଦଳରେ ତା'ଠାରୁ ଗୋଟାଏ ମୋଟା ରକମର 'ଚେକ୍' ଚାହିଁଲା । ପ୍ରତ୍ୟୁତ୍ତରରେ ଜେନ୍ ଉତ୍ତର ଦେଲା—

"ତୁମେ ମୋତେ, ମୋ ପୁଅ ଓ ମୋ ସ୍ୱାମୀଙ୍କୁ ଯେ କୌଣସି ବନ୍ଦରରେ ଅକ୍ଷତ ଅବସ୍ଥାରେ ଓହ୍ଲାଇ ଦିଅ—ତୁମେ ଯେତିକି ପରିମାଣର ଧନ ଚାହୁଁଚ ତା'ର ଦୁଇଗୁଣ ଦେବାକୁ ମୁଁ ପ୍ରସ୍ତୁତ ଅଛି ।"

ନିକୋଲାସ୍ ଗର୍ଜି ଉଠିଲା—ତୁମକୁ ଚେକ୍‌ଟା ଦସ୍ତଖତ କରି ଦେବାକୁହିଁ ପଡ଼ିବ । ନଚେତ୍ ତୁମେ—ତୁମ ସ୍ୱାମୀ ଓ ତୁମର ପୁଅ କେହି ହେଲେ କୌଣସି ବନ୍ଦରରେ କେବେ ଓହ୍ଲାଇ ପାରିବେ ନାହିଁ ।"

"ଟଙ୍କା ପାଇଲେ ଯେ ତୁମେ ପ୍ରତିଶ୍ରୁତି ପାଳନ କରିବ ମୁଁ ତାହା କେମିତି ବିଶ୍ୱାସ କରିବ ?"

Digitized by srujanika@gmail.com

"ତୁମେ ବିଶ୍ୱାସ କର ବା ନକର, ତୁମର ସାମନାରେ ଗୋଟାଏ ଛୁଆ ଯେତେବେଳେ ମରଣାନ୍ତକ ଚିତ୍କାର କରିବ ସେତେବେଳେ ତୁମେ ନିଜେ ବୁଝିବ ।"

"ନିର୍ଦ୍ଦୋଷ ଛୁଆଟାକୁ ତୁମେ କ୍ଷତ ବିକ୍ଷତ କରି କଷ୍ଟ ଦେବ ନିକୋଲାସ୍ ତୁମେ ମଣିଷ ନା ରାକ୍ଷସ ?"

"ସେଥିପାଇଁ ତୁମେ ନିଜେ ଦାୟୀ । ତୁମର ନିଜର ପୁଅର ଓ ନିଜର ସୁରକ୍ଷା ପାଇଁ ସାମାନ୍ୟ ଧନ ଦେବାକୁ ତୁମେ ପ୍ରସ୍ତୁତ ନୁହଁ ।"

ଜେନ୍‌ର ଆଉ ଉପାୟ ନ ଥିଲା । ସେ ମୋଟା ରକମର ଚେକ୍‌ଟାଏ କାଟିଦେଲା । ନିକୋଲାସ୍ ଖୁସି ମନରେ ବିଦାୟ ଗ୍ରହଣ କଲା ।

ଠିକ୍ ତା ପରଦିନ ନିକୋଲାସର ସାଙ୍ଗ "ପାଲ୍‌ଭର୍" ଟାରଜନ୍ ପାଖକୁ ଯାଇ ଦ୍ୱାରଟା ଖୋଲି ଟାରଜନ୍‌କୁ ସାବଧାନ ବାଣୀ ଶୁଣାଇଲା—"ସାବଧାନ—ମୋତେ କିମ୍ବା ଆଉ କାହାରିକୁ ଆକ୍ରମଣ କଲେ ଗୁଳିରେ ମୁଣ୍ଡ ଉଡ଼ାଇ ଦେବ ।"

ଟାରଜନ୍ ଦେଖିଲା ତା ସମ୍ମୁଖରେ ଆଠ ଦଶଜଣ ନାବିକ ବନ୍ଧୁକ ଓ ରିଭଲଭର୍ ଧରି ତାକୁ ଜଗି ରହିଛନ୍ତି ।

ଲୋକଟା ଟାରଜନ୍‌କୁ ଉଦ୍ଦେଶ୍ୟକରି ନାଟକୀୟ ଭଙ୍ଗୀରେ ଆରମ୍ଭ କଲା—

"ଦେଖ—ତୁମେ ମାନ୍ୟବର ବନ୍ଧୁ ନିକୋଲାସ୍‌ଙ୍କ ସହିତ ବାରମ୍ବାର ଶତ୍ରୁତା ଆଚରଣ କରି ନିଜ ମୁଣ୍ଡକୁ ଏଇ ବିପଦ ଡାକି

Digitized by srujanika@gmail.com

ଆଣିଛ । ଏଥିପାଇଁ ତୁମେ ନିଜେ ଦାୟୀ । ତମର କାର୍ଯ୍ୟକଳାପ ଆମ୍ଭମାନଙ୍କୁ ଏହି ବ୍ୟୟସାଧ୍ୟ ସମୁଦ୍ର ଯାତ୍ରାର ଆୟୋଜନ କରିବା ପାଇଁ ବାଧ୍ୟ କରିଥିବା ହେତୁ ଏହି ବ୍ୟୟ ଭାର ବହନ କରିବା ପାଇଁ ତୁମେ ବାଧ୍ୟ । ପୁଣି ଏଥି ସହିତ ତୁମେ ଯଦି ତୁମର ସ୍ତ୍ରୀ ଓ ପୁତ୍ରର ମଙ୍ଗଳ ତୁମେ ଚାହିଁ ତା ହେଲେ ଆମର ନ୍ୟାଯ୍ୟ ଦାବୀ ତୁମକୁ ଅବଲମ୍ବେ ପୂର୍ଣ୍ଣ କରିବାକୁ ହେବ ।"

"ତୁମର ଦାବୀ କେତେ ? ଏବଂ ତୁମ ଭଳି ବଦମାସ ଯେ ପ୍ରତିଶ୍ରୁତି ରକ୍ଷା କରିବ ତାର ଗ୍ୟାରେଣ୍ଟି କଣ ?"

"ଗ୍ୟାରେଣ୍ଟି କିଛି ନାହିଁ । ବର୍ତ୍ତମାନ ଆମ୍ଭମାନଙ୍କୁ ଅପମାନ କରି କହିବାର ସ୍ଥିତିରେ ବି ତୁମେ ନାହିଁ । ତେବେ ଆମେ କେବଳ ଏତିକି ଗ୍ୟାରେଣ୍ଟି ଦେଇପାରୁ ଯେ ତୁମେ ଆମ କହିବା ଅନୁସାରେ କାମ ନ କଲେ ତୁମକୁ ମୁହୂର୍ତ୍ତକେ ଯମ ଭୁବନକୁ ପଠାଇ ଦିଆଯିବ । ତୁମକୁ ଏଇ ମୁହୂର୍ତ୍ତରେ ଗୁଳିକରି ଉଡ଼ାଇ ଦେବାଠାରୁ ବଳି ଆନନ୍ଦ ଆଉକିଛି ନାହିଁ । କିନ୍ତୁ ତୁମ ପୁଅ ଜରିଆରେ ତୁମକୁ କାଲବଲ କରିବା ଆମର ଇଚ୍ଛା । ତୁମେ ବଞ୍ଚିରହି ଏବଂ ମଲାପରି ଯନ୍ତ୍ରଣା ଭୋଗକର ଏହାହିଁ ଆମର ଇଚ୍ଛା ।"

"ପୁଅ କଣ ଏଇଠି ଅଛି ।"

"ନା-ସେ ଅନ୍ୟ ସ୍ଥାନରେ ନିରାପଦରେ ଅଛି । ତେବେ ତୁମେ ଚେକ୍ ନ ଦେଲେ ତୁମେ ଓ ତୁମ ପୁଅ ଦୁହିଁଙ୍କୁ ଶେଷ କରିବାକୁ ହେବ । କାରଣ ତୁମେ ମଲେ ତୁମ ପୁଅକୁ ନମାରି ଆମେ ତାକୁ ନେଇ ବିପଦ ବରଣ କରିବାକୁ ଯିବୁ କାହିଁକି ?"

Digitized by srujanika@gmail.com

ଟାରଜନ୍ ଚେକ୍ କେତେ ଟଙ୍କାର ହେବ ପଚାରିବା ମାତ୍ରେ ଲୋକଟା ଗୋଟାଏ ଅସମ୍ଭବ ରକମର ସଂଖ୍ୟା କହିଲା । ଟାରଜନ୍ ଚେକ୍ କାଟିଦେଲା । ମୂର୍ଖଗୁଡ଼ାକ କେମିତି ଜାଣିବେ ଯେ ବ୍ୟାଙ୍କ୍‌ରେ ଥିବା ଟଙ୍କା ଅପେକ୍ଷା ଚେକ୍‌ଟା ଥିଲା ବହୁଗୁଣ ବେଶି । ତେଣୁ ଚେକ୍‌ଟା ଥିଲା ମୂଲ୍ୟହୀନ ।

ଟାରଜନ୍ ଦସ୍ତଖତକରି ଚେକ୍ ବଢ଼ାଇ ଦେଉ ଦେଉ ଦେଖିଲା ତା ଜାହାଜର ଅତି ନିକଟରେ ଘନ ଜଙ୍ଗଲପୂର୍ଣ୍ଣ ସ୍ଥଳ ଭାଗ ।

ଲୋକଟା ଟାରଜନ୍‌ର ମନର ଭାବ ଠଉରାଇ କହିଲା— "ତୁମକୁ ଏହିଠାରେ ଜଙ୍ଗଲ ଭିତରେ ଛାଡ଼ି ଦିଆଯିବ ।"

"ଟାରଜାନ୍ ମନରେ ଭାବିଲା—"ଏଠାରୁତ ଅକ୍ଳେଶରେ ପୃଥିବୀର ଯେ କୌଣସି ସ୍ଥାନକୁ ଯାଇହେବ ।"

ତା'ପରେ ଗୋଟାଏ ଡଙ୍ଗା ତଳକୁ ଖସାଇ ଦିଆଯାଇ ସଶସ୍ତ୍ର ପ୍ରହରୀମାନଙ୍କ ସହିତ ଟାରଜନ୍‌କୁ କୂଳରେ ଛାଡ଼ି ଦିଆଗଲା ।

ଜାହାଜ ପୁଣି ଦ୍ରୁତଗତିରେ ଗନ୍ତବ୍ୟ ପଥରେ ଆଗେଇଲା । ଏତିକି ବେଳେ ଟାରଜନ୍ ଦେଖିଲା ଜାହାଜ ଉପରେ ନିକୋଲାସ୍ ତା ମୁଥକୁ ଟେକିଧରି ତା ଆଡ଼କୁ ଦେଖାଇ ତାକୁ ପରିହାସ କରୁଛି ।

ପାଣି ଭିତରକୁ ଡେଇଁ ଜାହାଜକୁ ଧରିନେବା ପାଇଁ ଟାରଜନ୍ ମନରେ ହଠାତ୍ ଗୋଟାଏ ଉତ୍ତେଜନା ଖେଳିଗଲା କିନ୍ତୁ ସେଭଳି କାର୍ଯ୍ୟର ନିଷ୍ଫଳତା ସମ୍ବନ୍ଧରେ ସେ ମୁହୂର୍ତ୍ତକେ ସଚେତନ ହୋଇଉଠିଲା । ଯାହାହେଉ—'ଜେନ'ତ ନିରାପଦରେ ଲଣ୍ଡନରେ ଅଛି । ସେ ମନେ ମନେ ସାନ୍ତ୍ୱନା ଲାଭକଲା ।

Digitized by srujanika@gmail.com

ଟାରଜନ୍ ଏକ ଲୟରେ ଜାହାଜକୁ ଅନାଇଥାଏ ।

ତେଣେ ତା'ର ପଶ୍ଚାଦ୍ଦେଶରେ ଦୁଇଟି ହିଂସ୍ର ଜଙ୍ଗଲି ଆଖି ତା'ର ଗତିବିଧିକୁ ଲକ୍ଷ୍ୟ କରିବାରେ ଲାଗିଥାଏ ଓ ତା'ର ନିକଟକୁ ଧୀରେ ଧୀରେ, ଅତି ସନ୍ତର୍ପଣରେ ଆଗେଇ ଆସୁଥାଏ । ଦୂରରୁ ଚିତାବାଘ ହେଣ୍ଟାଳ ମାରୁଥାଏ । ଗଛ ଉପରେ ମାଙ୍କଡ଼ମାନେ ଚିତ୍କାର କରୁଥାଆନ୍ତି ।

ଟାରଜନ୍ କିନ୍ତୁ ପ୍ରକୃତିସ୍ଥ ଅବସ୍ଥାରେ ନଥାଏ । ତା'ର ଜଙ୍ଗଲର ସମସ୍ତ ପ୍ରବୃତ୍ତି ଯେପରିକି ଲୋପ ପାଇ ଯାଇଥାଏ ।

★

ତାର ଠିକ୍ ପଶ୍ଚାଦ୍ଦେଶରେ ଜଂଗଲରେ କ'ଣ ଘଟୁଛି ସେ କଥା ହୃଦୟଂଗମ କରିବାକୁ ଟାରଜନ୍‌ର ସମୟ ନଥିଲା । ଡଂଗାରୁ କୂଳକୁ ଓହ୍ଲାଇବା ବେଳେ ତା ହାତରେ ଖଣ୍ଡେ ଚିଠି ଗୁଞ୍ଜି ଦିଆଯାଇଥିଲା । ଟାରଜନ୍ ଚିଠିଟି ଖୋଲି ପଢ଼ିବାକୁ ଲାଗିଲା---

"ଏ ଚିଠିରୁ ତୁମେ ସବୁ ବୁଝି ପାରିବ । ତୁମକୁ ମାରିଦେବା ଆମ ପକ୍ଷରେ ଖୁବ୍ ସହଜ ହୋଇଥାଆନ୍ତା—କିନ୍ତୁ ମାରିଦେଲେ ତୁମେ ବର୍ତ୍ତମାନ ଯେମିତି କଷ୍ଟପାଇବ—ତାହା ଆଉ ହୋଇ ପାରିବ ନାହିଁ । ତେଣୁ ତୁମକୁ ତୁମର ଆଦିମ ଅସଭ୍ୟ ବର୍ବର ଜୀବନଯାପନ କରିବାକୁ ଏଠାରେ ଛାଡ଼ିଦିଆଗଲୁ ।

Digitized by srujanika@gmail.com

ଆଜି ତୁମ ପୁଅ ? ତା ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି । ତୁମେ ମର୍କଟ ଥିଲ । ତୁମ ପୁଅ ଆଜି ଟିକିଏ ଉପରକୁ ଉଠିବ ସେ ହେବ ଆଦିମ ଅଧିବାସୀ । ନାକରେ ବଳା ପିନ୍ଧି ସେ ଧନୁର୍ଦ୍ଧର ଧରି ନରଖାଦକ ଆଦିମ ଅଧିବାସୀମାନଙ୍କ ସହିତ ବିଚରଣ କରିବ ଏବଂ ତା'ର ଏହି ଅବସ୍ଥା କଥା ସ୍ମରଣକରି ତୁମେ କ୍ଲେଶରେ ଛଟପଟ ହୋଇ ଦଗ୍ଧ ହେଉଥିବ ।

ଏହାଛଡ଼ା ତୁମ ସ୍ତ୍ରୀଙ୍କ ପ୍ରତି ମଧ୍ୟ ବିପଦର ବନ୍ଦୋବସ୍ତ କରି ଦିଆଯାଇଛି । ନିକୋଲାସ ସହିତ ଶତ୍ରୁତାର କି ବିଷମ ପରିଣତି ତାହା ତୁମେ ସାରାଜୀବନ ଅନୁଭବ କରିବାକୁ ପାଇବ ।"

॥ ଇତି ॥

ନିକୋଲାସ୍

ଘୃଣାରେ, ରାଗରେ ଟାରଜନ୍‌ର ଶରୀର କମ୍ପିବାକୁ ଲାଗିଲା । ଏତିକିବେଳେ ତା'ର ପୃଷ୍ଠଭାଗରେ ସାମାନ୍ୟ ଶବ୍ଦ ହେବାରୁ ଟାରଜନ୍ ଚମକି ଉଠି ନିଜକୁ ସଂଯତ କଲା ।

ସଙ୍ଗେ ସଙ୍ଗେ ସେ ଅନୁଭବ କଲା ଯେ ସେ ଘୋର ହିଂସ୍ର ଅରଣ୍ୟ ମଧ୍ୟରେ ଏକାକୀ । ବିଗତ ଦିନର ସମସ୍ତ ଆଦିମ ପ୍ରବୃତ୍ତି ତା ଦେହକୁ ଫେରି ଆସିଲା । ସଭ୍ୟ ଜଗତରେ ତା'ର ବିହାର ବା କେତେ ଦିନର ?

ଆଗରେ ଭୀଷଣାକାର ବଣ ମଣିଷ । ଆଖି ତା'ର ନାଲି । ଦେହରେ ଅସମ୍ଭବ ବଳ । ଲୋମଶ ଜନ୍ତୁଟା ଆକ୍ରମଣର ଭଙ୍ଗୀରେ ସ୍ଥିର ହୋଇ ରହିଛି । ପାଟି ଦୁଇଟା ମେଲା । ଛୁରୀପରି ତୀକ୍ଷ୍ଣ ଦାନ୍ତଗୁଡ଼ାଏ ବାହାରକୁ ବାହାରି ପଡ଼ିଛି ।

Digitized by srujanika@gmail.com

ବର୍ତ୍ତମାନ ଆତ୍ମରକ୍ଷାର ବେଳ । ଏଠାରେ ଯୁଦ୍ଧ ଓ ରକ୍ତପାତ ଭିତରେ ଜୀବନଯାପନ କରାଯାଏ । ଟାରଜନ୍ ଦେଖିଲା ବରାଟକାୟ ବଣମଣିଷ ପନ୍ତରେ ଆହୁରି ଅନେକ ବଣମଣିଷ କୌତୂହଳୀ ହୋଇ ଅନାଇ ରହିଛନ୍ତି । ଟାରଜନ୍‌ର ଜଙ୍ଗଲୀ ପଶୁମାନଙ୍କ ବ୍ୟବହାର ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନଥିଲା । ବଣମଣିଷଟାର ପଛରେ ତା'ର ଦଳର ଅନ୍ୟମାନେ ଅଛନ୍ତି କିନ୍ତୁ ଏକାଠି ଆକ୍ରମଣ କରିବା ସେମାନେ ଜାଣନ୍ତି ନାହିଁ । ସମନ୍ୱୟ ଓ ସହଯୋଗ ସେମାନଙ୍କର ଧାରଣାର ବାହାରେ । ତା ନହେଲେ ସେମାନେ ଜଙ୍ଗଲର ସବୁଠାରୁ ଶ୍ରେଷ୍ଠ ଶକ୍ତି ହୋଇଉଠନ୍ତେ ।

ଏଥିମଧ୍ୟରେ ଟାରଜନ୍ କେତେକ ଯୁଦ୍ଧ କୌଶଳ ସଭ୍ୟ ସମାଜରୁ ଶିଖିନେଇଛି । ବଣମଣିଷ ଯେମିତି ତାକୁ ଆକ୍ରମଣ କରିବାକୁ ଛୁଟି ଆସିଛି ସେ ସଙ୍ଗେ ସଙ୍ଗେ ଗୋଟାଏ ପାଖକୁ ଘୁଞ୍ଚି ନିଜକୁ ବଞ୍ଚାଇ ନେଲା । ଜନ୍ତୁଟା ନିଜକୁ ସମ୍ଭାଳି ନପାରି ତଳେ ପଡ଼ିବା ସଙ୍ଗେ ସଙ୍ଗେ ଆରମ୍ଭ ହେଲା ଟାରଜନର ଆକ୍ରମଣ । ବଣମଣିଷର ପେଟରେ ଗୋଟାଏ ପ୍ରଚଣ୍ଡ ଆଘାତକରି ସେ ତା ଉପରକୁ କୁଦି ପଡ଼ିଲା । ମୁହୂର୍ତ୍ତକ ମଧ୍ୟରେ ଆଘାତ ସମ୍ଭାଳି, ବଣମଣିଷ ଯେମିତି ଠିଆ ହୋଇଛି ଟାରଜନ୍ ତାକୁ ଧରିପକାଇ ତା'ପାଟିକୁ ଦୁଇହାତରେ ଚିପି ତା'ବେକରେ ନିଜର ଦାନ୍ତ ଲଗାଇଲା ।

ରକ୍ତ, ଲୋମ ଓ ଧଳା ଚମଡ଼ା ସବୁ ଛିନ୍ନ ଛିନ୍ନ ହୋଇ ଛିଟିକି ପଡ଼ୁଥାଏ । ବଣ ମଣିଷର ଦଳ ସେମାନଙ୍କୁ ଘେରିଯାଇ ଯୁଦ୍ଧ ଦେଖି ଆନନ୍ଦ ଅନୁଭବ କରିବାରେ ଲାଗିଥାଆନ୍ତି ।

ତା ପରେ ଟାରଜନ୍ ପଛପଟୁ ବଣମଣିଷର କାଖ ତଳେ ହାତପୂରାଇ ତା ମୁଣ୍ଡକୁ ତଳକୁ ଚିପିବାରେ ଲାଗିଲା । ପ୍ରଚଣ୍ଡ

Digitized by srujanika@gmail.com

ଶକ୍ତି ପ୍ରୟୋଗ କରି ସେ ବେକଟାକୁ ତା'ର ମଡ଼୍ କରି ଭାଂଗିଦେଲା । ଘୋର ରଡ଼ିକରି ବଣମଣିଷଟା ତଳେ କଚଡ଼ି ହୋଇ ପଡ଼ିଲା ।

ଗୃହୁଁ ଗୃହୁଁ ଟାରଜନ୍ ତା ଦେହରେ ପାଦରଖି ଉପରକୁ ଗୃହିଁ ନିଜର ବିଜୟସୂଚକ ଗର୍ଜ୍ଜନ ଆରମ୍ଭକରି ଦେଲା ।

ସେ ଗର୍ଜ୍ଜନରେ ଜଙ୍ଗଲ ଥର ଥର କମ୍ପି ଉଠିଲା । ଚଢ଼େଇମାନେ ଉପରକୁ ଉଡ଼ିବାରେ ଲଗିଲେ । ମାଙ୍କଡ଼ମାନେ ଗଛ ଉପରେ ଡେଇଁ ପଳାଇଲେ । ଦୂରରୁ ଗର୍ଜ୍ଜନର ପ୍ରତ୍ୟୁତ୍ତର ଦେଲା ଜଙ୍ଗଲର ପଶୁରାଜ ସିଂହ ।

ସଂଗ୍ରାମ କିନ୍ତୁ ଏତିକରେ ଶେଷ ହେଲା ନାହିଁ । ଦଳର ଉପଦଳପତି ଦଳପତିର ସ୍ଥାନ ନେବା ପାଇଁ ଆଗେଇ ଆସିଲା ।

ଟାରଜନ୍ ସେ କଥା ଆଗରୁ ଜାଣି ନିଜକୁ ପ୍ରସ୍ତୁତ କରି ରଖିଥିଲା । ନୀରବ ନିଶ୍ଚଳ ଭାବରେ ସେ ଠିଆ ହୋଇଥିଲା ଏବଂ ଆଉ ଗୋଟାଏ ବିରାଟକାୟ ବଣମଣିଷ ତା'ର ଚାରିପାଖରେ ଘୁରି ଘୁରି ତା'ର ବଳକଳ କଳନା କରୁଥିଲା । ଟାରଜନ୍ ବଣମଣିଷର ଭାଷାରେ ଚିତ୍କାର କଲା—ତୁ କିଏ ?

ଆଶ୍ଚର୍ଯ୍ୟର କଥା ଅନ୍ୟଜାତିର ବଣମଣିଷ ହେଲେ ବି ଜନ୍ତୁଟା ଉତ୍ତର ଦେଲା—ମୁଁ ଆକୁଟ୍ । 'ମୋଲକ୍' ମରିଛି । ମୁଁ ରାଜା—ମୁଁ ତୋତେ ମାରିବି ।

"ମୋଲକ୍ ମଲା—ତୁ ମଧ୍ୟ ମରିବୁ । ମୁଁ ଦଳର ରାଜା ହେବାକୁ ଚାହେଁ ନା । ତୁ ରାଜା ହୁଅ—କିନ୍ତୁ ଏଠାରୁ ପଳାଅ—ନଚେତ୍ ତୋତେ ମାରିବି ।

Digitized by srujanika@gmail.com

"ଆକୁଟ୍‌କୁ କଏ ମାରିବ ?"

ବଣମଣିଷର କଥା ନସରୁଣୁ ଟାରଜନ୍ ତା'ର ପିଠିପଟୁ ତାକୁ ଆକ୍ରମଣ କରି ସାରିଥିଲା । ତା ବେକକୁ ଚିପିଧରି ସେ କହିଲା— 'କାଗୋଡ଼ା' ଅର୍ଥାତ୍ ଆତ୍ମସମର୍ପଣ କର ।

ଦଳପତିର ବେକମୋଡ଼ ହେବା ସେ ଦେଖିଛି । ଏଣୁ ଭୟରେ ତା ପାଟିରୁ ବାହାରି ପଡ଼ିଲା—

'କାଗୋଡ଼ା'—ଆତ୍ମସମର୍ପଣ କଲି ।

ଟାରଜନ୍ ତାକୁ ଛାଡ଼ିଦେଲା ।

ଦୁହେଁ ବନ୍ଧୁ ହେଲେ । ବଣମଣିଷର ଦଳ ପଡ଼ିଉଠି ପଳାଇଗଲେ ।

ଦେହସାରା ଯୁଦ୍ଧର ଯନ୍ତ୍ରଣା ଓ କ୍ଷତ । ପେଟରେ ଅସମ୍ଭବ ଭୋକ । ମନରେ ସ୍ତ୍ରୀ ପୁତ୍ର ପାଇଁ ଦାରୁଣ ଚିନ୍ତା । ସେଥିରେ ପୁଣି ଜୀବନ ଉପରେ ପ୍ରତି ମୁହୂର୍ତ୍ତରେ ବିପଦ ।

ଭୋକରେ ଅସ୍ଥିର ହୋଇ ଟାରଜନ୍ କ୍ଷୁଧା ନିବାରଣର ଉପାୟ ଉଦ୍ଭାବନ କରିବାରେ ଲାଗିଲା । ହାତରେ ଅସ୍ତ୍ରଶସ୍ତ୍ର କିଛି ନାହିଁ । ଖାଲି ହାତରେ ଶିକାର କରିବା ଅସମ୍ଭବ ।

ସମୁଦ୍ରକୂଳରୁ ଖଣ୍ଡେ ଧାରୁଆ ପଥର ସଂଗ୍ରହକରି ସେ ଗୋଟାଏ ଶୁଖିଲା ଗଛରେ କାଠକୁ କାଠ ଘଷି ନିଆଁ କଲା । ନିଆଁରେ ବାରମ୍ବାର ପଥରକୁ ଦେଇ ଓ ପାଣିରେ ବୁଡ଼ାଇ ସେ ପଥରଟାକୁ ମୁନିଆ ଓ ଦାଡ଼ୁଆକରି ଛୁରୀ ତିଆରିକରି ନେଲା । ସେଇ ଛୁରୀରେ କାଠକାଟି ଧନୁ ଓ ତୀର ତିଆରି କଲା । କାଠରେ ଗୋଟାଏ ପଟ ମୁନିଆକରି ତାକୁ ଭାଲୁପରି ଗୋଟାଏ ଅସ୍ତ୍ରର ପରିଣତ କଲା ।

Digitized by srujanika@gmail.com

ତା ପରେ ନିକଟରେ ଥିବା ଗୋଟାଏ ବଡ଼ ଗଛରେ ମଞ୍ଚା ନିର୍ମାଣକରି ଟାରଜନ ଖାଦ୍ୟ ଅନ୍ୱେଷଣରେ ବାହାରିଲା ।

ଖାଦ୍ୟ ପାଇଁ ତାକୁ ବେଶି ଦୂରକୁ ଯିବାକୁ ପଡ଼ିଲା ନାହିଁ । ନିକଟରେ ଗୋଟାଏ ପାଣିଜାଗା । ପଶୁମାନଙ୍କ ଯିବା ଆସିବାର ଚିହ୍ନରୁ ସେ ଜାଣିନେଲା ଯେ ଶୀକାର ପାଇଁ ସେ ସ୍ଥାନଟା ନିତାନ୍ତ ଉପଯୋଗୀ । ଟାରଜନ୍ ଗୋଟାଏ ଗଛ ଉପରେ ଶୀକାରକୁ ଅପେକ୍ଷା କରି ବସି ରହିଲା ।

ଶୀକାର ପାଇଁ ବେଶି ସମୟ ଅପେକ୍ଷା କରିବାକୁ ପଡ଼ିନାହିଁ । ଗୋଟିଏ ହରିଣଟିଏ ଡେଇଁ ଡେଇଁ ଆସିଲା । ଟାରଜନ୍ ଦୂରରୁ ଲକ୍ଷ୍ୟ କଲା ଯେ ହରିଣ ପଛେ ପଛେ ଅନ୍ୟ ଏକ ଜନ୍ତୁ ମଧ୍ୟ ଅଛି ।

ସେମାନେ ତା ଆଡ଼କୁ ଆସିବାକୁ ଲାଗିଲେ । ହରିଣଟା ଧୀରେ, ସତର୍କ ଦୃଷ୍ଟିରେ ଆଗକୁ ପଛକୁ ଚାହିଁ ଚାହିଁ ଚାଲିଛି । ତା ପଛେ ପଛେ ସିଂହ ନିଃଶବ୍ଦରେ ଛପି ଛପି ଚାଲିଛି ।

ଟାରଜନ୍ ନିକଟରେ ହେବାମାତ୍ରେ ଟାରଜନ ଗଛଉପରୁ ହରିଣ ଉପରକୁ ଡେଇଁ ପଡ଼ିଲା । ତା ବେକ ମୋଡ଼ି ଦେଇ ଶୂନ୍ୟେ ଶୂନ୍ୟେ ଗଛ ଉପରକୁ ଟେକି ନେଲା ।

ସିଂହ କୁଦା ମାରିବା ପୂର୍ବରୁ ଟାରଜନ୍ ଗଛର ବହୁ ଉପରକୁ ଉଠି ଗୋଟାଏ ଡାଳରେ ବସି ମୃଗର କଞ୍ଚା ମାଂସ ଖାଇବାରେ ଲାଗିଲା । ସିଂହକୁ ପରିହାସ କରି ସେ ହରିଣଟାକୁ ତା ଆଡ଼କୁ ଦେଖାଇ ଦେଖାଇ ଖାଉଥାଏ । ସିଂହ ରାଗରେ ଗର୍ଜ୍ଜନକରି ତଳେ ପଇଁତରା ମାରୁଥାଏ ।

ଟାରଜନ ଏତେ ଦିନକେ ଯେପରିକି ଅରଣ୍ୟ ଭୋଜନର ତୃପ୍ତି ପାଇଲା ।

Digitized by srujanika@gmail.com

ତା'ପର ଦିନ ମଞ୍ଚା ଉପରେ ରାତି କଟାଇ ନିଦରୁ ଉଠିଲା ବେଳକୁ ସୂର୍ଯ୍ୟ ଦିଗ୍‌ବଳୟୁ ଉପରକୁ ଉଠି ସାରିଥାଆନ୍ତି । ଟାରଜାନ୍ ତା କାମରେ ଲାଗିଗଲା । ଛୁରୀର ବେଣ୍ଟ ତିଆରି କରିବା ଜଙ୍ଗଲରୁ ରସି ପାଇଁ ଖୁବ୍ ଶକ୍ତ ଘାସ ସଂଗ୍ରହକରି ତାକୁ ଶୁଖାଇ ରସି କରିବା ଇତ୍ୟାଦିରେ ତା'ର ଅନେକ ସମୟ ବ୍ୟୟିତ ହୋଇଗଲା । ଏ ସବୁ କାମ ଜୀବନଧାରଣ ପାଇଁ ନିତାନ୍ତ ଆବଶ୍ୟକ । ନକଲେ ନଚଳେ ।

କେବଳ ସେତିକି ନୁହେଁ ମୃଗର ଚମଡ଼ାରୁ ଧନୁ ପାଇଁ ଗୁଣ ମଧ୍ୟ ସେ ତିଆରି କରିନେଲା । ସେଇ ମୃଗଚର୍ମ ତା'ର ବସ୍ତ୍ରର କାର୍ଯ୍ୟ ସାଧନ କଲା । ଚମଡ଼ାରେ ତୂଣୀର ତିଆରି କରି ସେ କାନ୍ଧରେ ଝୁଲାଇ ଦେଲା ।

ଏ ସବୁ କାମ କରିବା ସମୟରେ ସେ ନିଜକୁ ନିତାନ୍ତ ଏକୁଟିଆ ମନେ କରୁଥାଏ । ଘୋର ଅରଣ୍ୟ ମଧ୍ୟରେ ସେ କେବଳ ଜଣେ ମନୁଷ୍ୟ । ସାହା ଭରସା କେହି ନାହିଁ ।

ଯେତେବେଳେ ମନୁଷ୍ୟ ସମାଜ ମଧ୍ୟରେ ଚିରଦିନ ବାସକରି ଆସିଛି ତା ମନରେ ମାୟା ମମତା ସବୁବେଳେ ବସା ବାନ୍ଧି ରହିଛି । କି ସବଳ, କି ଦୁର୍ବଳ—ସମସ୍ତଙ୍କର ଦରକାର ବନ୍ଧୁବାନ୍ଧବ କନ୍ୟା ସ୍ତ୍ରୀ ପୁତ୍ର ।

Digitized by srujanika@gmail.com

ଟାରଜନ୍ ନିଜ ସ୍ତ୍ରୀ'ଠାରୁ ଦୂରରେ । ତା ମନରେ ଗଭୀର କ୍ଷତ । କିଏ ଜାଣେ ବର୍ତ୍ତା କଭଲ ଲଣ୍ଡନ ସହରରେ କାଳ କାଟୁଥିବ । ସ୍ୱାମୀ କେଉଁଠି ବା ପ୍ରାଣର ପୁଅ କେଉଁଠି ସେ କଥା ସେ ଜାଣେନା ।

ଭାଗ୍ୟକୁ ଟାରଜନ୍ ନିଜେ ସ୍ତ୍ରୀ'ର ପ୍ରକୃତ ପରିସ୍ଥିତି ସମ୍ବନ୍ଧରେ କିଛି ଜାଣି ନଥିଲା । ନାଚେନ୍ ଘେର ଯନ୍ତ୍ରଣାରେ ତା'ର ଦିନ ଅତିବାହିତ ହେଉଥାଆନ୍ତା ।

ପୁଅ ସମ୍ବନ୍ଧରେ ଚିନ୍ତା କଲାବେଳକୁ ତା' ଅନ୍ତର ହାହାକାର କରି ଉଠୁଥିଲା । ନିକୋଲାସ୍‌ର ଚିଠି କଥା ମନେ ପଡ଼ିବା ମାତ୍ରେ ତା ଆଖି ଆଗରେ ପ୍ରାଣପ୍ରତିମା ଶିଶୁର ଛବି ନାଚି ଉଠୁଥିଲା ଓ ତା ସହିତ ଜଙ୍ଗଲୀ ବର୍ବରମାନଙ୍କର ଜୀବନର କଥା, ସେମାନଙ୍କ ଦୁଃଖ, କଷ୍ଟ, ଅସଭ୍ୟତା ତା ନିକଟରେ ସ୍ପଷ୍ଟ ହୋଇ ଉଠୁଥିଲା । ତା' ପୁଅର କ'ଣ ଏହି ଭବିଷ୍ୟତ ?

ଦୁଶ୍ଚିନ୍ତାରୁ ରକ୍ଷା ପାଇବା ପାଇଁ ସାଥି ସାଙ୍ଗମାନଙ୍କର ପ୍ରୟୋଜନ ବେଶି । ବଣମଣିଷଙ୍କ ଦଳର ସେହି ଦିନଠାରୁ ଆଉ ଦେଖାନାହିଁ । ସେମାନଙ୍କ ସହିତ ଜୀବନଯାପନ କରିଥିଲେ ବୋଧହୁଏ ଭଲ ହୋଇଥାଆନ୍ତା ।

ଏହିପରି ଜଙ୍ଗଲରେ ବୁଲୁବୁଲୁ ଟାରଜନ୍ ନାକରେ ବାଘର ଗନ୍ଧ ବାଜିଲା । ଆଫ୍ରିକାର ଚିତାବାଘ ଅତି ଭୟଙ୍କର । ଟାରଜନ୍‌ର ବାଘଟାଏ ଦରକାର । କାରଣ ବାଘର ତନ୍ତରେ ଧନୁର ଗୁଣ ଖୁବ୍ ଟାଣ ହୁଏ ।

Digitized by srujanika@gmail.com

ଡାଳେ ଡାଳେ ଗୁଣ୍ଡିଶମୂଷାପରି ଟାରଜନ୍ ଆଗେଇ ଗୁଲିଲା । ଗଛ ବାରିବାରି ଅନେକ ଦୂର ଯିବା ପରେ ଟାରଜନ୍ ଦେଖିଲା । ଶିତାବାଘ ଡାଳ ଉପରେ ବସି ତଳକୁ ଏକଲୟରେ ଗୃହାଁଶ ।

ଏବଂ ତଳେ ତା'ର ପୂର୍ବପରିଚିତ ବଣ ମଣିଷର ଦଳ ସେମାନଙ୍କର ଅଭ୍ୟସ୍ତ ଖାଦ୍ୟ ଅନ୍ୱେଷଣରେ ଲାଗିଛନ୍ତି ।

ଧୀରେ ଧୀରେ ଦଳପତି 'ଆକୁଟ୍' ବାଘର ନିକଟବର୍ତ୍ତୀ ହେଉଥିଲା । ବାଘର ଉପସ୍ଥିତି ସମ୍ବନ୍ଧରେ ସେ ମୋଟେ ସଚେତନ ନ ଥିଲା । ବାଘ ମଧ ଏଇ ଅବସରରେ ତା ଉପରକୁ କୁଦିପଡ଼ି ଏକାଥରକେ ତା'ର ପ୍ରାଣନାଶ କରିବାର ଉଦ୍ୟମରେ ଲାଗିଥିଲା । ଡାଳ ଉପରେ ନିଃଶବ୍ଦରେ ସେ କୁଦାମାରିବାକୁ ପ୍ରସ୍ତୁତ ହେଉଥିଲା ।

ଟାରଜନ୍ ଗଛ ଉପରକୁ ଉଠିଗଲା । ଏତେ ଧୀର ଓ ନିଃଶବ୍ଦରେ ସେ ଏହି କାର୍ଯ୍ୟ ସମ୍ପାଦନ କଲା ଯେ ବାଘ ତାର ଟେର୍ ବି ପାଇପାରିଲା ନାହିଁ ।

ତା'ପରେ ବଣ ମଣିଷ ଉପରକୁ ବାଘ କୁଦିବା ପୂର୍ବରୁ ଟାରଜନ୍ ବାଘ ଉପରକୁ କୁଦିପଡ଼ି ତା'ର ବେକରେ ଦାନ୍ତ ଲଗାଇ ସାରିଥିଲା ।

ବାଘଟା ତଳେ ପଡ଼ିବା ମାତ୍ରେ ତାକୁ କାବୁକରି ଟାରଜନ୍ ତାର ପଞ୍ଜରାରେ ଛୁରୀ ଭୁଷିବାରେ ଲାଗିଲା । କିଛି ସମୟପରେ ବାଘଟା ପ୍ରାଣ ଯିବା ଅବସ୍ଥାରେ ଛଟପଟ ହୋଇ ନିଶ୍ଚଳ ହୋଇ ପଡ଼ିଗଲା ।

ତା'ପରେ ଟାରଜନ୍‌ର ବିଜୟସୂଚକ ଗର୍ଜନ ସାରା ଜଙ୍ଗଲର ପଶୁପକ୍ଷୀ ନିସ୍ତବ୍ଧହୋଇ ଶୁଣିବାକୁ ପାଇଲେ ।

Digitized by srujanika@gmail.com

ଟାରଜନ୍ 'ଆକୁଟ୍'କୁ ଅନାଇଲା—ମୁଁ ଟାରଜନ୍—ମୁଁ ଜଙ୍ଗଲର ରାଜା । ଥରେ ତୋତେ ବଞ୍ଚାଇଲି । ଏଥର ବାଘ ମୁହଁରୁ ବଞ୍ଚାଇଲି । ତୋ'ର ବିପଦ ହେଲେ ମୋତେ ଡାକ୍ । ଏଇପରି ଡାକିବୁ— । ମୋର ବିପଦ ହେଲେ ମୁଁ ବି ଡାକିବି ।

ଟାରଜନ୍ ବଣମଣିଷଙ୍କ ବିପଦସୂଚକ ଗର୍ଜନର ଅଭିନୟ କଲା ।

ଏହିପରି ଡାକିବୁ ତ ?

'ଆକୁଟ୍' ଉତ୍ତର ଦେଲା—ହୁଃ—ହୁଃ !

ସବୁ ବଣମଣିଷ ଏକା ସ୍ୱରରେ କହି ଉଠିଲେ—ହୁଃ—ହୁଃ !!

ଏହା ପରେ ଯେପରି କିଛି ହୋଇନାହିଁ । ସେଇ ଭଙ୍ଗୀରେ ସମସ୍ତେ ପୁଣି ଖାଦ୍ୟ ଅନ୍ୱେଷଣରେ ଲାଗିଗଲେ । ବଡ଼ ଆଶ୍ଚର୍ଯ୍ୟର କଥା 'ଆକୁଟ୍' କେଉଁଠୁ ସୁସ୍ୱାଦୁ ଖାଦ୍ୟ କିଛିଟିଏ ଆଣି ଟାରଜନ୍‌କୁ ଖାଇବାକୁ ଦେଲା । ଜଙ୍ଗଲର ପଶୁ ପ୍ରକୃତିର ତାଡ଼ନାରେ ନିଜ କଥା ଆଗେ ଭାବେ । କିନ୍ତୁ ଯେତେବେଳେ ସେ ତା'ର ବନ୍ଧୁକୁ ଖାଦ୍ୟ ଦିଏ ସେତେବେଳେ ବୁଝିବାକୁ ହେବ ଯେ ସେ କେବଳ ଖାଦ୍ୟ ନୁହେଁ—ସମୟ ପଡ଼ିଲେ ଜୀବନ ଦେଇଦେବାର ତାହା ହେଉଛି ପୂର୍ବ ସଙ୍କେତ ।

ଟାରଜନ୍ ବଣମଣିଷ ଦଳସହିତ ମିଳିମିଶି ରହିଲା । ସମସ୍ତଙ୍କ ସହିତ ନିତାନ୍ତ ପରିଚିତ ହେବା ତା'ର ଲକ୍ଷ୍ୟ । ଦରକାର

Digitized by srujanika@gmail.com

ବେଳେ କାମରେ ଆସିବେ । ଛୁଆଥିବା ମାଈ ବଣମଣିଷ ପାଖକୁ ଗଲେ ସେମାନେ ଅବଶ୍ୟ ଅନ୍ୟମାନଙ୍କୁ ଯେପରି ବ୍ୟବହାର କରନ୍ତି ସେଭଳି ଖୁବ୍‌ରେ ଟାରଜନ୍‌କୁ ପାଟି ମେଲାକରି ଡରାଉଥିଲେ କିମ୍ବା ଖାଇବାବେଳେ ଅଣ୍ଡିରା ବଣମଣିଷ ପାଖକୁ ଚାଲିଗଲେ ସେ ମଧ୍ୟ ସମୟ ସମୟରେ ଖିଙ୍କାରି ଉଠୁଥିଲେ । ତା ଛଡ଼ା ଅନ୍ୟ ସମୟରେ ଟାରଜନ୍ ପୁରାପୁରି ତାଙ୍କ ଦଳରେ ମିଶି ଯାଇଥିଲା ।

ଟାରଜନ୍ ଯେତେବେଳେ ବୁଝିଲା ଯେ ସେ ବଣମଣିଷଙ୍କ ମନରେ ପ୍ରକୃତ ବନ୍ଧୁତା ସୃଷ୍ଟି କରି ପାରିଛି—ସେତେବେଳେ ସେ ସେମାନଙ୍କୁ ଛାଡ଼ି ନିଜର ସ୍ଥିତି କଳନା କରିବା ପାଇଁ ସ୍ଥାନଟାକୁ ଭଲଭାବରେ ଦେଖିନେବାକୁ ସ୍ଥିରକଲା ।

ସେ ଠିକ୍ କଲା ଯେ ନିକୋଲାସ୍ ଭୂ-ମଧ୍ୟସାଗର ମଧ୍ୟରେ ପଶି ସୁଏଜ୍ କେନାଲ ଦେଇ ଆଫ୍ରିକାକୁ ଆସି ନାହିଁ । ପୁଣି ଆଟଲାଣ୍ଟିକ ପାରହୋଇ ଦକ୍ଷିଣ ଆମେରିକା ଯିବା ସମ୍ଭବ ନୁହେଁ ତେବେ ସେ ବର୍ତ୍ତମାନ କେଉଁଠି ?

ଉତ୍ତର ଦିଗରେ ସମୁଦ୍ର କୂଳେ କୂଳେ ବହୁଦୂର ଗଲାପରେ ସେ ଦେଖିଲା ଯେ ପ୍ରଥମେ ସୂର୍ଯ୍ୟ ସମୁଦ୍ରରେ ଉଦୟ ହେଉଥିଲେ । ଏବେ ଉତ୍ତର ଉପକୂଳ ଦେଇ ପଶ୍ଚିମ ଉପକୂଳରେ ସେ ସୂର୍ଯ୍ୟଙ୍କୁ ସମୁଦ୍ରରେ ଅସ୍ତ ହେବାର ଦେଖିଲା ।

ତା'ର ସ୍ଥିତି ତା ନିକଟରେ ସ୍ପଷ୍ଟ ହୋଇ ଉଠିଲା ।

ସେ ଗୋଟାଏ ନିର୍ଜନ ଦ୍ୱୀପରେ ଚିରଦିନ ବନ୍ଦୀ । ତା'ର ଆଉ ସେଠାରୁ କେଉଁଆଡ଼କୁ ଯିବାର ଉପାୟ ନାହିଁ । ନିତାନ୍ତ ଅସହାୟ

Digitized by srujanika@gmail.com

ସଂସାରରେ ସ୍ତ୍ରୀ ପୁତ୍ରଙ୍କ ମାୟା ବନ୍ଧନ ଲାଗି ପରିତ୍ୟାଗ କରି ତାକୁ ପ୍ରାଣ ବଞ୍ଚାଇ ଏହି ଦ୍ୱୀପରେ କାଳ କଟାଇବାକୁ ହେବ ।

ପ୍ରାଣ ତା'ର ହାହାକାର କରି ଉଠିଲା । ଆଉ ଉପାୟ କିଛି ନାହିଁ ।

ଏହାପରେ ପାଗଳଙ୍କ ଭଳି ଗଛର ଡାଳେ ଡାଳେ ନିତାନ୍ତ ଏକାନ୍ତ, ଅସହାୟ, ଅବସ୍ଥାରେ ଘୂରିବୁଲୁବୁଲୁ ଟାରଜନ୍ ଗଛତଳେ ଶବ୍ଦ ଶୁଣିବାକୁ ପାଇଲା ।

ନିତାନ୍ତ ସନ୍ତର୍ପଣରେ, ସେ ଶବ୍ଦର ନିକଟବର୍ତ୍ତୀ ହେଲା । ଦେଖିଲା ଗୋଟାଏ ଚିତାବାଘ ଗଛ ଲଟାରେ ବାନ୍ଧିହୋଇ ରହିଛି । ଲଟାଗୁଡ଼ାକ ଗୋଟାଏ ପ୍ରକାଣ୍ଡ କାଠ ଗଣ୍ଡି ତଳେ ଚାପିହୋଇ ରହିଛି । ଯେତେ ଚେଷ୍ଟା କଲେ ମଧ୍ୟ ବାଘ ଲଟା ଛନ୍ଦଣିରୁ ନିଜକୁ ମୁକ୍ତକରି ପାରୁନାହିଁ ।

ଟାରଜନ୍ ତଳକୁ ଡେଇଁଲା । ଚିତା ଆଗରେ ଠିଆହୋଇ ତାକୁ ମାରିଦେବାକୁ ଧନୁ ଧଇଲା କିନ୍ତୁ ହାତ ଗଲା ନାହିଁ ।

ଅସହାୟ ଜନ୍ତୁପ୍ରତି ତା ମନରେ ଭରିଗଲା ଅନୁକମ୍ପା । ସେ ଚୁ ଚୁ ଶବ୍ଦକରି ବାଘଟାର ନିକଟବର୍ତ୍ତୀ ହେଲା ।

ବିପଦରେ ହିଂସ୍ର ଜନ୍ତୁର ହିଂସ୍ର ସ୍ୱଭାବ ମଧ୍ୟ ନଷ୍ଟ ହୋଇଯାଏ । ବାଘଟା ଟାରଜନ୍‌କୁ ଏକଲୟରେ ଚାହିଁ ରହିଲା । ତା'ପରେ ତା ଦେହରେ ଦେହ ଘଷି ଟାରଜନ୍ କାଠଟାକୁ ଟେକି ବାଘଟାକୁ ମୁକୁଳାଇ ଦେଲା ।

ବାଘଟା ଝାଡ଼ଝୁଡ଼ି ହୋଇ କୁଦାମାରି କିଛିଦୂର ଚାଲିଗଲା । ଦୁହେଁ ଦୁହିଁଙ୍କୁ ଚାହିଁ ରହିଲେ । ପୁଣି ଚୁ ଚୁ ଶବ୍ଦକରି ଟାରଜନ୍ ବାଘକୁ ଡାକିଲା ।

Digitized by srujanika@gmail.com

ଆଶ୍ଚର୍ଯ୍ୟର କଥା ବାଘଟା ତା ଆଡ଼କୁ ଆସି ତା ନିକଟରେ ଠିଆ ହେଲା । ଟାରଜାନ୍ ଆଗେ ଆଗେ ଚାଲିଥାଏ । ବାଘ କୁକୁରପରି ପଛେ ପଛେ ।

ଅତି ଅଦ୍ଭୁତ ରକମର ବନ୍ଧୁତା ଦୁଇଜଣଙ୍କ ମଧ୍ୟରେ ଗଢ଼ି ଉଠିଲା । ଟାରଜାନ୍ ହରିଣ ଶିକାର କଲେ ବାଘକୁ ଡାକେ । ବାଘ କେଉଁଠି ଥାଏ ଡାକ ଶୁଣିବା ମାତ୍ରେ ତା ନିକଟକୁ ଦଉଡ଼ି ଆସେ । ଦୁହେଁ ମାଂସ ଭୋଜନରେ ଲାଗିଯାଆନ୍ତି ।

ବାଘ ଶିକାର କରିବା ପରେ ପରେ ଚେହେଲ ଛାଡ଼େ । ଟାରଜାନ୍ ବୁଝିପାରେ । ସାଙ୍ଗ ଖାଇବାକୁ ଡାକୁଛି । ସେ ବାଘ ପାଖକୁ ଛୁଟି ଚାଲିଯାଏ ।

ଏହିପରି କିଛିଦିନ କଟିବା ପରେ ଗୋଟାଏ ଘଟଣା ଘଟିଗଲା । ଗୋଟାଏ ହରିଣ ଶିକାରକରି ଦୁହେଁ ଖାଉଛନ୍ତି ଏହି ସମୟରେ ପଛରୁ ଛୁଟି ଆସିଲା ସିଂହ ।

ସିଂହର ଗର୍ଜନରେ ଶତା ଲଟାତଳେ ଛପିଗଲା ଟାରଜାନ୍ ଡାଳ ଉପରକୁ ଉଠିଗଲା ।

ତା ପରେ ରସିରେ ଫାଶ ବସାଇ ତା ଆଡ଼କୁ ଏକଲୟରେ ଅନାଇଥିବା ସିଂହ ବେକରେ ସେ ରସି ପକାଇଦେଲା । ରସିକୁ ଟାଣି ଗଛ ଡାଳରେ ବାନ୍ଧିଦେଲା ।

ସିଂହ ଉପରକୁ ମୁହଁକରି ଦୁଇଗୋଡ଼ରେ ଅସହାୟ ଅବସ୍ଥାରେ ଠିଆ ହୋଇଥିବା ବେଳେ ଗୋଟାଏପଟୁ ଟାରଜାନ୍ ଓ ଆରପଟୁ ବାଘ, ସିଂହଟାକୁ କ୍ଷତ ବିକ୍ଷତ କରି ପକାଇଲେ ।

Digitized by srujanika@gmail.com

ପ୍ରକାଣ୍ଡକାୟ ଜନ୍ତୁଟା ମୁହୂର୍ତ୍ତକେ ମରି ତଳେ ପଡ଼ିଗଲା ।

ଏଥର ବିଜୟସୂଚକ ଚିତ୍କାରରେ ଟାରଜନ୍ ଓ ବାଘ ଦୁହିଁଙ୍କର ସ୍ୱର ତାଳ ଦେଲା । ସେ ସ୍ୱର ଏକ ଅଦ୍ଭୁତ ଭୟଙ୍କର ସ୍ୱର । ଜଙ୍ଗଲକୁ ଭେଦକରି ସେ ସ୍ୱର ସମୁଦ୍ର ଉପକୂଳରେ ପହଞ୍ଚିଲା ।

ଦେହକୁ ଚିତ୍ରବିଚିତ୍ରକରି ସେମାନଙ୍କ ଯୁଦ୍ଧ ଡଙ୍ଗାରେ ଚଢ଼ି ଦଳେ ଆଦିମ ବର୍ବର ସେ ଦ୍ୱୀପକୁ ଆସିଥିଲେ । ଟାରଜନ୍‌ର ଚିତ୍କାରରେ ସେମାନେ ଚମକି ଚିତ୍ରପିତୁଳାପରି ଦଣ୍ଡେ ଥକ୍କା ହୋଇ ରହିଗଲେ ।

★

ଟାରଜନ୍ ଦ୍ୱୀପଟାର ଚତୁର୍ଦ୍ଦିଗରେ ସମୁଦ୍ର କୂଳେ କୂଳେ ଘୁରି ଆସିଲା । ଦ୍ୱୀପର ଭିତରେ ଥିବା ଜଙ୍ଗଲରେ ମଧ୍ୟ ବହୁ ଦୂରକୁ ପ୍ରବେଶ କଲା କିନ୍ତୁ କୌଣସିଠାରେ ଜନମାନବର ଚିହ୍ନବର୍ଣ୍ଣ ସୁଦ୍ଧା ଦେଖିବାକୁ ପାଇଲା ନାହିଁ ।

ବାଘଟାକୁ ସାଙ୍ଗରେ ନେଇ ସେ ଚଲାବୁଲା କରୁକରୁ ହଠାତ୍ ବଣମଣିଷର ଦଳଙ୍କୁ ଭେଟିଲା । ସେମାନେ ବାଘଟାକୁ ଦେଖି ଭୟରେ ପଳାଇଗଲେ । ଟାରଜନ୍ ଯେତେ ବୁଝାଇଲେ ମଧ୍ୟ ବୁଝିଲେ ନାହିଁ ।

ଶେଷକୁ ଟାରଜନ୍ ସ୍ଥିର କରିନେଲା ଯେ ବାଘ ଓ ବଣମଣିଷଙ୍କୁ ବନ୍ଧୁତା ସୂତ୍ରରେ ବାନ୍ଧିବାକୁ ହେବ ।

Digitized by srujanika@gmail.com

ବାଘ କିନ୍ତୁ ବଣମଣିଷଙ୍କୁ ଦେଖି ଦାନ୍ତକିଟି ପାଟି ମେଲିକରି ଭୋଜନ କରିବା ଭଙ୍ଗୀରେ ସବୁବେଳେ ରହିଲା । ବଣମଣିଷଙ୍କୁ କଥାରେ କିହି ବୁଝାଇ ହେବ । ବାଘକୁ କିପରି ଶିକ୍ଷା ଦିଆଯାଇ ପାରିବ ?

ଟାରଜନ୍‌ର ମନର ଅବସ୍ଥା ଯେମିତି ଖରାପ — ସେଥିରେ ଯେ କୌଣସି କାମ ତା ପାଇଁ ଏକ ଆଶୀର୍ବାଦ । କାରଣ କାମରେ ଲାଗିଥିବା ବେଳେ ସେ ଭୁଲିଯାଏ ତା'ର ପ୍ରାଣପ୍ରିୟା ଜେନ୍‌ର କଥା— ଶତ୍ରୁକବଳରେ ପଡ଼ି ଅଜ୍ଞାତ ସ୍ଥାନରେ କଷ୍ଟ ପାଉଥିବା ପୁଅ 'ଜାକ୍'ର କଥା—

ବାଘ ଗର୍ଜ୍ଜନ କରୁଥିବା ବେଳେ ସେ ତା ନାକପୁଡ଼ାରେ ଆଘାତ କରି ବାଘର ବେକରେ ରଶି ବାନ୍ଧି ତାକୁ ସେ ଟାଣି ଟାଣି ନେଲା । ବଣମଣିଷଦଳଙ୍କୁ ପାଖକୁ ଡାକିଲା । ସେମାନଙ୍କୁ ବହୁତ ବୁଝାସୁଝା କରି କହିଲା । ଭୟରେ ଡରିଥରି ଶେଷକୁ ସେମାନେ ତା ପାଖରେ ହାଜର ହେଲେ ।

ବାଘଟାକୁ ବାରମ୍ବାର ଆଘାତ କରିକରି ସେ ତାକୁ ବଣମଣିଷଙ୍କୁ ବନ୍ଧୁଭାବରେ ଗ୍ରହଣ କରିବାକୁ ବାଧ୍ୟ କଲା । ବଣମଣିଷମାନେ ତଟସ୍ଥ ହୋଇ ଦେଖିଲେ ଯେ ତାଙ୍କର ଆଦମ ଓ ଶତ୍ରୁଙ୍କୁ ଟାରଜନ୍ କାବୁକରି ରଖିଛି ।

ବାଘ ଓ ମଣିଷ । ଦୁହେଁ ଦୁହିଁଙ୍କର ଶତ୍ରୁ । ତଥାପି କୃତଜ୍ଞତାରେ ହେଉ କିମ୍ବା ମାଡ଼ ଭୟରେ ହେଉ ବାଘଟା ବଦଳିଗଲା—ପରି ଟାରଜନ୍‌ର ସମସ୍ତ ଆଘାତ ସହ୍ୟ କରି ତା ଆଜ୍ଞାମାନି କାମ କରୁଥାଏ । ଜନ୍ତୁ ମହଲରେ ପରସ୍ପର ପ୍ରତି ଭୟ ଓ ସନ୍ଦେହ ପ୍ରତ୍ୟେକଙ୍କ ହିଂସ୍ର କରିଦିଏ । କିନ୍ତୁ ଥରେ ଭୟ ଓ ସନ୍ଦେହ

Digitized by srujanika@gmail.com

କଟିଗଲେ ସେତେବେଳେ ପ୍ରାଣ ଓ ପ୍ରାଣ ଗୋଟିଏ ସୂତ୍ରରେ ବାନ୍ଧି ହୋଇଯାଆନ୍ତି ।

ବଣମଣିଷଙ୍କ ପାଖେପାଖେ ରହି ଟାରଜନ୍ କିଛିକାଳ କଟାଇଲା । ବାଘ ଓ ବଣମଣିଷ ପରସ୍ପରର ଉପସ୍ଥିତିକୁ ଆଉ ଅସ୍ୱାଭାବିକ ମନେ କଲେ ନାହିଁ । ସମସ୍ତେ ମିଶି ଶିକାରକରି ବାଣ୍ଟିକୁଣ୍ଟି ଖାଇବାରେ ମଧ୍ୟ କିଛି ଅସୁବିଧା ହେଲା ନାହିଁ । ବରଂ ଏକାଠି ଶିକାର କରିବାରେ ପ୍ରତ୍ୟେକଙ୍କୁ ବିନାପରିଶ୍ରମରେ ପ୍ରଚୁର ଖାଦ୍ୟ ମିଳିଲା ।

ଟାରଜନ୍ ଥରେ ଥରେ ସମୁଦ୍ରକୂଳକୁ ଏକୁଟିଆ ଯାଇ କିଛି ସମୟ ନିରୋଳାରେ କଟାଇ ଆସେ । ଦିନେ ସେ ସମୁଦ୍ରକୂଳକୁ ଯାଇ ଗୋଟାଏ ବଡ଼ ପଥର ଉପରେ ଶୋଇରହି ସମୁଦ୍ର ଆଡ଼କୁ ଏକଲୟରେ ଅନାଇ ରହିଥିଲା । ପଛରୁ ଲଟା ବୁଦା ଭିତରୁ ଯେ କେତେକ ଆଖି ତା'ର ଗତିବିଧି ଲକ୍ଷ୍ୟ କରୁଥିଲେ ସେ କଥା ସେ ଜାଣି ନଥିଲା । ପବନ ବହୁଥିଲା ବିପରୀତ ଦିଗରେ । ଟାରଜନ ଥିଲା ଧ୍ୟାନମଗ୍ନ । ସେ ବା କାହିଁକି ଭୁଲରେ ସୁଦ୍ଧା ଚିନ୍ତା କରିବ ଯେ ସେ ଦ୍ୱୀପ ଭିତରେ ମଣିଷ ଅଛନ୍ତି !

ଆଦିମ ବର୍ବର ଦଳ ଲଟା ଭିତରୁ ବାହାରି ଶୋଇରହି ଆଗେଇ ଆସିଲେ । ହାତରେ ବର୍ଚ୍ଛା ଦେହଯାକ ତାଙ୍କର ଚିତ୍ର ବିଚିତ୍ର । ସେମାନେ ପୁଣି ଉଠି ପଡ଼ିଲେ ଓ ନଇଁ ନଇଁ ପାହାଡ଼ ଘୁରିପଟେ ଘେରି ବାନ୍ଧ ଉପରକୁ ଉଠିଲେ । ଆଗରେ ତୀକ୍ଷ୍ଣମୁନ ବିଶିଷ୍ଟ ଭଲ୍ଲ ସବୁକୁ ଧାଡ଼ିକରି ଧରି ସେମାନେ ଆଗେଇଲେ ।

ଟାରଜନ୍‌ର ଇନ୍ଦ୍ରିୟ ସଜାଗ ହୋଇଗଲା । ବଣରେ ବଣଜନ୍ତୁମାନେ ବିପଦ ଆସିବା କଥା ଆପେ ଆପେ ଜାଣି ପାରନ୍ତି ।

Digitized by srujanika@gmail.com

ହଠାତ୍ ଉଠି ଠିଆ ହୋଇ ସେ ଦେଖିଲା ଆଗରେ ତା'ର ଦଳେ ଆଦିମ ଅଧିବାସୀ ବୃକ୍ଷପରି ଚେହେରାକରି ଭାଲୁ ଦେଖାଇ ତା ଆଡ଼କୁ ଧୀରେ ଧୀରେ ଅଗ୍ରସର ହେଉଛନ୍ତି । ପଛରେ ସମୁଦ୍ର ଗର୍ଜନ କରୁଛି ।

ଟାରଜନ୍ ଆକ୍ରମଣ ଆରମ୍ଭକରି ତା'ର ଗଦାରେ ଗୋଟାକୁ ମାରି ପକାଇଲା । ସେମାନଙ୍କ ଉପରେ ଆକ୍ରମଣ କରି କେତେକଙ୍କୁ ଆଘାତକରି ପକାଇଲା ।

ସେମାନେ ଯୁଦ୍ଧର ଚିତ୍କାରକରି ପଛକୁ ହଟିଯାଇ ପୁଣି ଏକତ୍ରିତ ହେଲେ ଓ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ଅର୍ଦ୍ଧବୃତ୍ତାକାରରେ ଏକାଥରକେ ତା ଉପରକୁ ଝାମ୍ପ ଦେବାକୁ ଆଗେଇ ଆସିଲେ ।

ଟାରଜନ୍ ମନରେ ଏତିକିବେଳେ ଖେଳିଗଲା ଗୋଟାଏ ଭାବନା । ବଣପଶୁ ଚିତ୍କାର କଲାପରି ସେ ବିକଟ ଚିତ୍କାର କରିବାକୁ ଲାଗିଲା । ସେ ଚିତ୍କାର ଏତେ ଭୟଙ୍କର ଥିଲା ଯେ ବର୍ବର ଦଳ ମୁହୂର୍ତ୍ତେ ଥକ୍କା ହୋଇ ରହିଗଲେ ।

ଏହି ସମୟରେ ଜଙ୍ଗଲର ଅଭ୍ୟନ୍ତରରୁ କୋଳାହଳ ଶୁଣାଗଲା । ଆଦିମ ବର୍ବର ଦଳ ଦେଖିଲେ ଯେ ପଛରୁ ତାଙ୍କର ଦଳେ ବଣମଣିଷ ଓ ଥୋଟାଏ ବାଘ ତାଙ୍କ ଉପରେ ଆକ୍ରମଣ କରିବାକୁ ଦଉଡ଼ି ଆସୁଛନ୍ତି ।

ପଳାଇବାର ଉପାୟ ନାହିଁ—ଆଗରେ ମୃତ୍ୟୁ—ପଛରେ ମୃତ୍ୟୁ । କିଏ ବାଘର ତୀକ୍ଷ୍ଣ ନଖ ଦନ୍ତରେ ଶିକାର ହେଲେ ତ କିଏ ବଣମଣିଷର ବଜ୍ରଦନ୍ତ ଓ ମୁଷ୍ଟିର ଆଘାତରେ ତଳକୁ ଗଡ଼ଗଡ଼

Digitized by srujanika@gmail.com

ପଡ଼ିଲା । ଯୁଦ୍ଧ ଶେଷରେ ଦେଖାଗଲା ଯେ ସବୁ ବର୍ବର ନଷ୍ଟ ହୋଇଯାଇଛନ୍ତି । ଟାରଜନ୍ ଚାରିଆଡ଼କୁ ଅନାଇ ଦେଖିଲା ଯେ କେବଳ ଜଣେ ଆଦିମଅଧିବାସୀ ଲମ୍ଫ ଗହଳରେ ପଶି ଜୀବନ ବିକଳରେ ପଳାଇ ଯାଉଛି ।

ସଙ୍ଗୀମାନଙ୍କୁ ଭୋଜନରେ ଲଗାଇ ଦେଇ ସେ ଆଦିମ ଅଧିବାସୀର ପଛେ ପଛେ ଛୁଟି ଚାଲିଲା । ନିଃଶବ୍ଦରେ ତା'ଠାରୁ ଦ୍ରୁତବେଗରେ ଯାଇ ସେ ତା'ର ବେକକୁ ଧରି ପକାଇଲା—

ଆଫ୍ରିକାର ଆଦିମ ଭାଷାରେ ଟାରଜନ୍ ପଚାରିଲା—

"ତୁ କିଏ ?"

"ମୁଁ ମୁଗାମ୍ବି—ଓଗାମ୍ବି ରାଜ୍ୟର ଓ୍ୱାଗାମ୍ବୀ ଲୋକଙ୍କର ମୁଁ ରାଜା—"

"ମୁଁ ତୁମକୁ ମାରିବି ନାହିଁ—ଏ ଦ୍ୱୀପରୁ ଯିବାପାଇଁ ତୁମେ ମୋତେ ସାହାଯ୍ୟ କରିବ ?"

"କରିବି ! କିନ୍ତୁ ତୁମେ ତ ମୋର ଲୋକଙ୍କୁ ମାରିଦେଲ । ଡଙ୍ଗାରେ ଆହୁଲା ମାରିବ କିଏ ? ଆମ ରାଜ୍ୟତ ଅନେକ ଦୂର ।"

କଥାଟା ସତ । ଟାରଜନ୍ ଚୁପ୍ ହେଲା । ପଛେ ଉପାୟ ସ୍ଥିର କରିଯିବ । ଆଗ ଲୋକଟାକୁ ଅପଣାର କରାଯାଉ ।

ଟାରଜନ୍ ତା ସାଙ୍ଗରେ ଯିବାପାଇଁ ମୁଗାମ୍ବିକୁ ନିର୍ଦ୍ଦେଶ ଦେବାରୁ ମୁଗାମ୍ବି ପଚାରିଲା—

"ବାଘ ଖାଇଯିବ—ତୁମର ଲୋକ ମୋତେ ଖାଇଯିବେ ।"

"ସେମାନେ ତୋତେ କିଛି କରିବେ ନାହିଁ ।"

Digitized by srujanika@gmail.com

ବଡ଼ କଷ୍ଟରେ ଟାରଜନ୍ ତାଙ୍କୁ ଟାଣିଟାଣି ନେଇ ପାହାଡ଼ ପାଖରେ ପହଞ୍ଚାଇଲା—

ପାହାଡ଼ ପାଖରେ ସେତେବେଳେ ଚାଲିଥିଲା ବଣମଣିଷଙ୍କ ଓ ବାଘର ଭୋଜନ । କଡ଼ମଡ଼କରି ସେମାନେ ଖାଇଯାଉଥିଲେ ଆହତ ଯୋଦ୍ଧାମାନଙ୍କ ମାଂସ । ରକ୍ତ ମାଂସ ହାଡ଼ରେ କଡ଼କଡ଼ ମଡ଼ମଡ଼ ଶବ୍ଦ ସାଙ୍ଗକୁ ଖାଦ୍ୟ ଖାଇଲା ବେଳର ପଶୁମାନଙ୍କର ମଗମର ଗର୍ଜନତର୍ଜନ ସେ ସ୍ଥଳକୁ ଏକ ନରକଭୂମିରେ ପରିଣତ କରିଦେଇଥାଏ ।

ମୁଗାମ୍ବିକୁ ଦେଖି ବାଘ ଦଉଡ଼ି ଆସିଲା । ବଡ଼ କଷ୍ଟରେ ବାଘକୁ ମାରିମାରି ଟାରଜନ୍ ଦୂରକୁ ଘଉଡ଼ିଲା । ତଥାପି ସେ ଗର୍ଜନକରି ଲାଗିଥାଏ । ସେଇ ଲୋକଙ୍କୁ ଖାଇବାକୁ ଦେଇ ପୁଣି ଆଉ ଗୋଟାକୁ ଛୁଇଁବାକୁ ନ ଦେବାରେ କି ରହସ୍ୟ ଅଛି ବାଘ ବୁଦ୍ଧିରେ ସେ କଥା ମୋଟେ ପଶୁ ନ ଥିଲା ।

ଟାରଜନ୍ ବଣମଣିଷଙ୍କୁ କଥାରେ ବୁଝାଇ ଦେଲା । ବାଘକୁ ଅଭ୍ୟସ୍ତ କରିବାକୁ ଚେଷ୍ଟା କଲା । ତଥାପି ମୁଗାମ୍ବି ଉପରେ ଆଖିବୁଜି ପ୍ରାଣଗଲା ପରି ସେମାନଙ୍କ ସାଙ୍ଗରେ ରହିଥାଏ ।

ଧୀରେ ଧୀରେ ସମସ୍ତେ ମୁଗାମ୍ବି ସହିତ ଅଭ୍ୟସ୍ତ ହେଲେ । ଟାରଜନ୍ ବଣମଣିଷଙ୍କୁ ନେଇ ଡଙ୍ଗାରେ ଆହୁଲା ଦେବା ଶିଖାଇଲା । ଯେତେ ଶିଖାଇଲେ ବି ସେମାନେ କାହିଁକି ସେପରି କରୁଛନ୍ତି ସେ କଥା ମୋଟେ ବୁଝି ପାରୁନଥିଲେ କି କେବେ ହେଲେ ଠିକ୍ କରି ଆହୁଲାମାରି ପାରୁ ନ ଥିଲେ । ଗୋଟାଏ କାମକୁ ବାରମ୍ବାର ଉଦ୍ଦେଶ୍ୟମୂଳକ ଭାବେ, ଧୈର୍ଯ୍ୟର ସହିତ କରିଚାଲିବା ଥିଲା ସେମାନଙ୍କର ପ୍ରକୃତିବିରୁଦ୍ଧ କାର୍ଯ୍ୟ ।

Digitized by srujanika@gmail.com

ଟାରଜନ୍ ଗଛର ବକଳା ଯୋଡ଼ି ପାଲ ତିଆରି କଲା । ମୃଗାମ୍ଭୀ ପାଲକୁ ଦେଖି କିଛି ବୁଝି ପାରିଲା ନାହିଁ କାରଣ ପାଲ ଯୋଗେ ନୌକା ଚାଲିବା ଥିଲା ତା'ର କଳ୍ପନା ବାହାରର କଥା । ଟାରଜନ୍ କିନ୍ତୁ ଭାବୁଥିଲା ଯେ ଅନୁକୂଳ ପବନରେ ସେମାନେ ଖୁବ୍ ସହଜରେ ସମୁଦ୍ର ପାର ହେବେ ।

ସେମାନେ ଶେଷକୁ ଯାତ୍ରା ଆରମ୍ଭକଲେ । ଟାରଜନ୍ ଓ ମୃଗାମ୍ଭୀ—ଦଳେ ବଣମଣିଷ ଓ ଗୋଟାଏ ବାଘ ।

★

ଗାଛ ଗଣ୍ଡିରୁ କଟା ଯାଇଥିବା ଡଙ୍ଗାଟାକୁ ସେମାନେ ଚଳାଇ ନେଲେ ସ୍ଥିର ଜଳରେ । ସମୁଦ୍ର ଲହରୀରେ ଡଙ୍ଗା ଯେତେବେଳେ ପଡ଼ିଲା ସେତେବେଳେ ପାହାଡ଼ ପ୍ରମାଣ ଲହରୀସବୁ ଡଙ୍ଗାଟାକୁ ପତର ପୁଡ଼ାକରି ଖାଲି ଉଠାଇଲେ ଓ ପକାଇଲେ ।

ବଣମଣିଷଗୁଡ଼ାକ ହାଉଳି ଖାଇଲେ । ସମୁଦ୍ର କଏ ଡଙ୍ଗା କଏ ଓ ସେମାନେ କଏ ? ପ୍ରାଣ ଭୟରେ ଠେଲମେଲ ହୋଇ ସେମାନେ ଡଙ୍ଗାର ସ୍ଥିରତାକୁ ନଷ୍ଟକରି ଦେବାରୁ ଡଙ୍ଗା ଆହୁରି ଏପଟ ସେପଟ ହେଲା । ଘୋର ଗୋଳମାଳ ଆରମ୍ଭ ହୋଇଗଲା ।

ଟାରଜନ୍ ଦେଖିଲା ଏମାନଙ୍କୁ ସମ୍ଭାଳିବା ଅତି ଅସମ୍ଭବ । କେବଳ ବାଘଟା ନିଃଶବ୍ଦରେ ଡଙ୍ଗା ଉପରେ ଶୋଇଥାଏ । ମୃଗାମ୍ଭି ଓ 'ଆକୁଟ୍' ଆହୁଲ ମାରୁଥାଆନ୍ତି ।

Digitized by srujanika@gmail.com

ଏକେତ ପ୍ରଥମରୁ ବଣମଣିଷ ଗୁଡ଼ା ଡଙ୍ଗା ଉପରକୁ ଆସିବାକୁ ଭୟ କରୁଥିଲେ । ପୁଣି ଡଙ୍ଗାର ଏଭଳି ଅବସ୍ଥାରେ ସମୁଦ୍ର ମଝିରେ ସେମାନେ କେତେ ସମୟ ଆଉ ଧୈର୍ଯ୍ୟଧରି ରହିବେ ।

ଭୟଙ୍କର ହଇଗୋଳରେ ଡଙ୍ଗା ଓଲଟି ପଡ଼ିବାର ଭୟ ଜାତ ହେଲା । ଟାରଜନ୍ କଠୋର ସ୍ୱରରେ ସମସ୍ତଙ୍କୁ ବସିବାକୁ ଆଦେଶ ଦେଲା ।

ଭୟରେ ଜଡ଼ସଡ଼ ହୋଇ ବଣମଣିଷଗୁଡ଼ାକ ଡଙ୍ଗାରେ ବସିଲେ । ପାଲରେ ପବନ ଧରିବାରୁ ଡଙ୍ଗା ଉପରକୁ ପଡ଼ିଉଠି କ୍ଷିପ୍ରବେଗରେ ଛୁଟିବାକୁ ଲାଗିଲା ।

ପରଦିନ ସନ୍ଧ୍ୟା ସମୟରେ ସେମାନେ ସମ୍ମୁଖରେ ସ୍ଥଳଭାଗର କଳାରେଖା ଦେଖିବାକୁ ପାଇଲେ । ଟାରଜନ୍ ଡଙ୍ଗାକୁ ଆଗେଇ ନେଇ କୂଳରେ ଲଗାଉ ଲଗାଉ ବଣମଣିଷ ଗୁଡ଼ାକ ଏକାଥରକେ ତଳକୁ ଡେଇଁବାକୁ ଆଗେଇ ଆସିଲେ । ଡଙ୍ଗାଟା ଓଲଟି ଗଲା ।

କୌଣସି ମତେ ଧସ୍ତାଧସ୍ତି ହୋଇ ସମସ୍ତେ ସମୁଦ୍ର ସ୍ନାନ କରି କୂଳକୁ ଉଠିଲେ । ଚତୁର୍ଦ୍ଦିଗରେ ଘୋର ଜଙ୍ଗଲ । ମୃଗାନ୍ଧି ନିଆଁ ଜାଳିଦେଲା । ଗୁରିପାଖରେ ସମସ୍ତେ ଉଷ୍ମତା ଅନୁଭବ କରି ଛଳେ ପଡ଼ିଗଲେ ।

ଟାରଜନ୍ ଓ ବାଘ ଜଙ୍ଗଲ ଭିତରକୁ ପଶିଲେ । ପେଟରେ ଭୋକ । ଭିତର ଜଙ୍ଗଲରେ ଶିକାର କରିବାରେ ସେ ଦୁହେଁଥିଲେ ଅଭ୍ୟସ୍ତ ।

ଅଳ୍ପ ଦୂରରେ ମାଂସର ବାସନା ପାଇ ଦୁହେଁ ଦୁଇପଟୁ ଛକ ଛକ ଶିକାରର ନିକଟକୁ ଅଗ୍ରସର ହେବାକୁ ଲାଗିଲେ । ଗୋଟାଏ

Digitized by srujanika@gmail.com

ମସ୍ତ ଅରଣା ମଇଁଷି ଘାସ ଭିତରେ ନିଶ୍ଚିନ୍ତରେ ଶୋଇ ରହିଥିଲା । ଦୁହେଁଯାକ ଦୁଇପଟୁ ଯାଇ ତାକୁ ମାଡ଼ିବସିଲେ ।

ବାଘ ତା'ର ଦାନ୍ତ ମଇଁଷିର ବେକରେ ଗଳାଇ ତା'ର ଦୁଇ ଆଗଗୋଡରେ ପୁଳାପୁଳା ମାଂସ ତା ଦେହରୁ ଛିଣ୍ଡାଇ ଲାଗିଲା । ଟାରଜନ୍ ମଇଁଷିର ପଞ୍ଜରାରେ ଛୁରିଟାକୁ ବାରମ୍ବାର ଭୂଷିଭୂଷି ତାକୁ ମାରି ପକାଇଲା ।

ଦୁହେଁଯାକ ମାଂସ ଭୋଜନକରି ନିକଟସ୍ଥ ବୁଦା ତଳେ ଶୋଇଗଲେ । ବାଘର ପେଟକୁ ତକିଆକରି ଟାରଜନ୍ ଜଂଗଲ ଭିତରେ ନିଶ୍ଚିନ୍ତରେ ନିଦରେ ଶୋଇପଡ଼ିଲା ।

ସକାଳର ସୂର୍ଯ୍ୟକିରଣ ଦେହରେ ବାଜିବା ମାତ୍ରେ ଦୁହେଁ ଉଠି ଶିକାରଧରି ସମୁଦ୍ର କୂଳରେ ହାଜର ହେଲେ । ଅନ୍ୟମାନେ ଶିକାରଟାକୁ ପାଇ ମହାଆନନ୍ଦରେ ଭୋଜନ କରିବାରେ ଲାଗିଗଲେ ।

ଟାରଜନ୍ କିନ୍ତୁ ଅନ୍ୟ କାମରେ ଲାଗିଯାଇଥିଲା । ଉଗାମ୍ବୀ ନଈଟା କେଉଁଠାରେ ତାହା ଠାବ କରିବା ପାଇଁ ସେ ଅନେକ ଦୂର ଗଡ଼କରି ବୁଲିଲା । ଶେଷରେ ସେ ନଦୀ କୂଳରେ ପହଞ୍ଚିଲା । ନଦୀର କୂଳେ କୂଳେ ଯାଇ ସେ ଦେଖିଲା ଯେ ନଈଟା ଅଳ୍ପଦୂରରେ ସମୁଦ୍ରରେ ଯାଇ ମିଶିଛି । ସେଠାରୁ ସେ ବାଟ ଠିକ୍‌କରି ସମୁଦ୍ର କୂଳେ କୂଳେ ତାର ସଙ୍ଗୀମାନଙ୍କ ନିକଟରେ ପହଞ୍ଚିଲା ।

ପୁଣି ଜଳଯାତ୍ରା ଆରମ୍ଭ ହେଲା । ବହୁ କଷ୍ଟରେ ଡଂଗାଟାକୁ ଠେଲି ସେମାନେ ସମୁଦ୍ର କୂଳେ କୂଳେ ନଈ ମୁହାଣରେ ଆସି ପହଞ୍ଚିଲେ । ନଈର ବିପରୀତ ସ୍ରୋତରେ ସେମାନଙ୍କୁ କଷ୍ଟସାଧ

Digitized by srujanika@gmail.com

ଯନ୍ତ୍ରା ଆରମ୍ଭ କରିବାକୁ ହେବ । ତେବେଣେ ସମୁଦ୍ର ଜୁଆରରେ ଭଟ୍ଟା ପଡ଼ୁଥିବାରୁ ସ୍ରୋତ ଅତି ପ୍ରଖର ହୋଇ ଉଠିଥାଏ ।

ନଦୀର ଉପରକୁ ସେମାନେ ଡଂଗା ବାହିବାକୁ ଲାଗିଲେ । ଟାରଜନ୍ ଦେଖିଲା ଦୁଇଟା ବଣମଣିଷ ପାଣି ଭିତରେ ଜଂଗଲରେ କୁଆଡେ ଲୁଚି ପଳାଇଛନ୍ତି । ଚିତ୍କାରକରି ଡାକି ଡାକି ସେ ଶେଷକୁ ନିରସ୍ତ ହେଲା ।

ଡଂଗା ଆଗେଇ ଚାଲିଲା । ଦୁଇ ପାଖରେ ଜଂଗଲ । ଗଛର ଡାଳସବୁ ପାଣି ଭିତରକୁ ଲମ୍ବି ଆସିଛି । ପଶୁପକ୍ଷୀମାନଙ୍କର ଚିତ୍କାର ଶୁଣାଯାଉଛି । ଭୟର କାରଣ କିଛି ନାହିଁ । କିଛି ସମୟପରେ ସେମାନେ ଉଗାମ୍ବୀ ରାଜ୍ୟରେ ପହଞ୍ଚିବେ ।

ସେମାନଙ୍କର ଅଲକ୍ଷ୍ୟରେ କିନ୍ତୁ ଦୁଇଟି ଆଖି ବୁଦା ଭିତରୁ ସେମାନଙ୍କୁ ଦେଖି ନେଇ ଦ୍ରୁତଗତିରେ ବଣମଧ୍ୟରେ ଗତିକରି ଠିକଣା ଜାଗାରେ ଯାଇ ପହଞ୍ଚି ସାରିଥିଲା । ଆଦିମ ଅଧିବାସୀ ତରତରକରି ତା ଭାଷାରେ ତାର ମୁଖିଆ କାବିଗାକୁ କହିଦେଲା—

"ପୁଣି ଗୋଟାଏ ଗୋରା—ଗୋଟାଏ ଡଂଗାରେ ଆମକୁ ଲୁଟ କରିବାକୁ ଆସୁଛି ।"

ଗୋଟାଏ ଦାଢ଼ିଆ ଗୋରାଲୋକ ସେମାନଙ୍କ ବସ୍ତିକୁ ଅଳ୍ପଦିନ ପୂର୍ବେ ଛାରଖାର କରିଯାଇଛି । ଏଥର ପ୍ରତିଶୋଧର ସୁବର୍ଣ୍ଣ ସୁଯୋଗ ଉପସ୍ଥିତ ।

କାବିଗା ଯୁଦ୍ଧବାଜା ବଜାଇବାକୁ ଆଦେଶ ଦେଲା । ଡମ୍ ଡମ୍ ଧ୍ୱନିରେ ଜଙ୍ଗଲକୁ ଭେଦକରି ଆଦିମ ବର୍ବରମାନଙ୍କର ଯୁଦ୍ଧ ବାଜା

Digitized by srujanika@gmail.com

ବାଜି ଉଠିଲା । ଯୋଦ୍ଧାମାନେ ଜଂଗଲରୁ ଖାଦ୍ୟ ସଂଗ୍ରହ ଛାଡ଼ି ଦୌଡ଼ି ଆସିଲେ । କୃଷି କ୍ଷେତରୁ ଦଉଡ଼ି ଆସିଲେ କାର୍ଯ୍ୟରତ ବର୍ବର ଯୁବକ । ଗାଁ'ଟା କୋଳାହଳ ମୁଖରିତ ହୋଇ ଉଠିଲା । ନଈ ଭିତରକୁ ଡଂଗା ତିନିଟା ଅଗେ ଅଗେ ଛାଡ଼ି ଦିଆଗଲା । ବହୁଲୋକ ଧନୁ, ଶର, ବର୍ଚ୍ଛା, ଭାଲ ଇତ୍ୟାଦିରେ ସଜ୍ଜିତ ହୋଇ ନୌକାରେ ଚଢ଼ିଲେ ।

ନଈର ବାଙ୍କଟାଏ ବୁଲିପଡ଼ିବା ବେଳକୁ କାବଷୀ ଟାରଜନ୍‌ର ମୁହାଁମୁହିଁ ହେଲା । ଅଗେ ଅଗେ ଆରମ୍ଭହେଲା ଆକ୍ରମଣ । କିନ୍ତୁ ଗୋରା ଲୋକର ଡଂଗାର ଆରୋହୀମାନଙ୍କ ସମ୍ବନ୍ଧରେ ତା'ର ଧାରଣା ନ ଥିଲା ।

ବଣମଣିଷଗୁଡ଼ାକ ହୁହୁକର ଆଦିମ ଅଧିବାସୀମାନଙ୍କ ଡଂଗାକୁ ଚଢ଼ିବା ଦେଖି ସେମାନେ ଭୟରେ ଛାନିଆ ହୋଇ ଖପ୍ ଖପ୍ ନଈକୁ ଡେଇଁଲେ । କେତେକଙ୍କୁ ବଣମଣିଷ ହାତରେ ଧରି ନଈ ଭିତରକୁ ଫିଙ୍ଗି ଦେଲେ । ବାଘଟା ଡଂଗାକୁ ଡେଇଁ ସେମାନଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଲା ।

ଟାରଜନ୍ କାବଷୀକୁ ଧରି ତାକୁ ଏପରି ଏକ ପ୍ରହାର ଦେଲା ଯେ ସେ ଭୟରେ ମୂର୍ଚ୍ଛା ହୋଇ ତଳେ ପଡ଼ିଗଲା । ତାର ଚେତା ହେଲା ବେଳକୁ ସେ ଦେଖିଲା ଯେ ସେ ଡଙ୍ଗାରେ ବନ୍ଧା ହୋଇ ପଡ଼ିଛି । ପାଖରେ ବାଘଟାଏ ଜିଭ ଲହ ଲହ କରୁଛି ।

ବାଘକୁ ଦେଖି ଭୟରେ ସେ ପୁଣି ଆଖି ବୁଜି ଦେଲା । ଟାରଜନ୍ କାବଷୀ ସଚେତନ ଥିବା ଜାଣି ତାକୁ ଡାକି ପଚାରି ଦେଲା "ତୁମେ ଆମକୁ କାହିଁକି ମାରିବାକୁ ଆସିଥିଲ ?"

Digitized by srujanika@gmail.com

"ଆଗରୁ ଜଣେ ଦାଢ଼ିଆ ଗୋରା ଲୋକ ଆମକୁ ମାରି ଆମର ଛେଳିମେଣ୍ଢା ଇତ୍ୟାଦି ନେଇ ପଳାଇ ଯାଇଛି—"

'ତା ଚେହେରା କେମିତି ?" ଉତ୍କଣ୍ଠାର ସହିତ ଟାରଜନ୍ ପ୍ରଶ୍ନ କଲା ।

କାଵଙ୍ଗର ଉତ୍ତରରୁ ଟାରଜନ୍ ଜାଣିନେଲା ଯେ ଲୋକଟା ନିକୋଲାସ ଛଡ଼ା ଆଉ କେହି ନୁହେଁ ।

"ସେ କାହାଁକି ତୁମକୁ ମାଇଲା ?"

"ସେ ଆଗରୁ ଚାଲି ଯାଇଥିବା ଜଣେ ସ୍ତ୍ରୀ, ଗୋଟାଏ ପିଲା ଓ ଆଉଜଣେ ଗୋରା ଲୋକର ପିଛା କରି ଏଠାରେ ଆସି ପହଞ୍ଚିଲା ।"

ଟାରଜନ୍ ବୁଝି ପାରିଲା ପିଲାଟି ତାର ପୁଅ । ନିକୋଲାସ ଠାରୁ ତାର ପୁଅକୁ ଛଡ଼େଇ ନେଇ ...
ଆଶାରେ ତାକୁ ...

Digitized by srujanika@gmail.com

କିନ୍ତୁ ତାର ଆଦେଶ ଶୁଣିବା ପୂର୍ବରୁ ଭୟରେ ତାର ଲୋକମାନେ ଜଙ୍ଗଲ ଭିତରେ ଲୁଚି ଯାଇଥିଲେ । କାବଙ୍ଗା ଅସହାୟ ଭାବରେ ଟାରଜନ୍‌କୁ ଅନାଇ ରହିଲା ।

ଟାରଜନ୍ ସଙ୍ଗେ ସଙ୍ଗେ ବାଘ ଓ ବଣମଣିଷମାନଙ୍କୁ ଧରି ଜଂଗଲଟେରେପଶିଲ୍ । ଶିକାରୀଦଳ ଶିକାରକୁ କମ୍ବା କୁକୁରଦଳ ମେଣ୍ଢା ପଲକୁ ଅଡ଼େଇଲ ପରି ସେମାନେ ଜଂଗଲ ଭିତରୁ ବର୍ବରମାନଙ୍କୁ ଘେରରେ ପକାଇ ଅଡ଼େଇ ଆଣିଲେ । ବର୍ବର ଦଳ ପୁଣି ନିଜ ନିଜ ଘରେ ପଶି ଲୁଚି ରହିଲେ । ବାଘ ଓ ମଣିଷଙ୍କୁ ପୁଣି ପଠାଇବା ଧମକରେ ଡରି ବହୁ କଷ୍ଟରେ ସେମାନେ କାବଙ୍ଗା ପାଖରେ ଠୁଳ ହେଲେ ।

★

Digitized by srujanika@gmail.com

ରଚନା କରି କାବଶୀର ଲୋକମାନଙ୍କୁ ଜଙ୍ଗଲରୁ ଗାଁ । ଆଡ଼କୁ ଘଉଡ଼ାଇ ଆଣୁଥିଲେ ।

କିଛି ସମୟ ପରେ ନିକଟସ୍ଥ ଜଙ୍ଗଲ ଭେଦ କରି ଆଦିମ ଅଧିବାସୀ ଦଳ ପଦାକୁ ବାହାରି ଆସିଲେ । ଭୟ ଓ ଆତଙ୍କର ଚିତ୍କାରରେ ବାୟୁମଣ୍ଡଳ କମ୍ପି ଉଠିଲା ।

ତା ପରେ ସବୁ ଶୁନ୍‌ଶାନ୍ । ସମସ୍ତେ ବସ୍ତି ଭିତରେ ଥିବା କୁଡ଼ିଆମାନଙ୍କରେ କିଏ କେଉଁଠାରେ ଯେ ଛପିଲେ ତାର ପତ୍ତା ମିଳିଲା ନାହିଁ ।

ଟାରଜନ୍‌ର ଆଦେଶରେ କାବଶୀ ତାର ଅନୁଚରମାନଙ୍କୁ ପାଟି କରି ଡାକିବାକୁ ଲାଗିଲା ।

ତଥାପି ସବୁ ନୀରବ, ନିସ୍ତବ୍ଧ ଶୁନ୍‌ଶାନ୍ । ଟାରଜନ୍ ଧମକ ଦେଲା—

ଶୀଘ୍ର ସେମାନଙ୍କୁ ଡାକ୍ ! ନଚେତ୍ ବାଘ ଓ ବଣମଣିଷଙ୍କୁ ପୁଣି ପଠାଇବି ।

କାବଶୀ ସେଇକଥା ତାର ଅନୁଚରମାନଙ୍କୁ ଜଣାଇଦେଲା ।

ତାପରେ ଗୋଟି ଗୋଟି ହୋଇ ନୀରବରଗଣ କୁଡ଼ିଆରୁ ଡରି ଥରି ବାହାରି ପଡ଼ିଲେ ।

ଟାରଜନ୍ ବାରଜଣ ଲୋକ ଡଙ୍ଗା ଚଳାଇବା ପାଇଁ ଦରକାର କରୁଥିଲା । କାବଶୀ ବାରଜଣ ଲୋକଙ୍କୁ ମନୋନୀତ କଲା ।

କିନ୍ତୁ ବାଘ ଓ ବଣମଣିଷଙ୍କ ସାଥିରେ ଡଙ୍ଗାରେ ଚଢିବ କିଏ ? ଯେଉଁମାନଙ୍କର ନାମ ଡକାଗଲା ସେମାନଙ୍କ ପିଣ୍ଡରେ ପ୍ରାଣ ନ ଥିଲା ।

Digitized by srujanika@gmail.com

ବହୁ ଧମକ ଚମକରେ ଶେଷକୁ ସେମାନେ ରାଜି ହେଲେ ।

ଟାରଜନ୍, ବଣମଣିଷ, ବାଘ, ମୁଗାମ୍ବୀ ଓ ଆକୁଟକୁ ଧରି ଡଙ୍ଗାରେ ଚଢ଼ିଲା ।

ସେମାନଙ୍କର ଯାତ୍ରା ଆରମ୍ଭ ହେଲା ।

ଯାତ୍ରାଟା ଯେ ନିତାନ୍ତ ସହଜସାଧ୍ୟ ଥିଲା ତାହାନୁହେଁ । କାବିସାର ଲୋକମାନେ ଭୟରେ ଥରିଥରି ଡଙ୍ଗା ଚଳାଉଥିଲେ । ଟିକଏ ଆଗକୁ ଓ ଟିକଏ ପଛକୁ ଚାହିଁ ବାଘ କେଉଁଠି ଅଛି ଦେଖୁଥିଲେ ।

ଟାରଜନ୍ ବାଘଟାକୁ ନିଜ ପାଖରେ ବସାଇଥିଲା । ମୁଗାମ୍ବୀର ନେତୃତ୍ୱରେ ସବୁ କାର୍ଯ୍ୟ ଚାଲିଥିଲା ।

ଦିନଯାକ ଡଙ୍ଗା ଚଳାଇ ରାତିରେ ସେମାନେ ବିଶ୍ରାମ ନେଉଥିଲେ । ଖାଦ୍ୟ ପାଇଁ କୂଳରେ ଡଙ୍ଗା ଅଟକାଇ ନିକଟସ୍ଥ ଜଙ୍ଗଲକୁ ଯାଇ ସେମାନେ ଖାଦ୍ୟ ସଂଗ୍ରହ କରି ଆଣୁଥିଲେ ।

ଇତି ମଧ୍ୟରେ ଭୟରେ ତିନିଜଣ ଆଦିମ ଅଧିବାସୀ ଡଙ୍ଗାଗୁଡ଼ି କେଉଁଆଡ଼େ ପଳାଇଗଲେ । କିନ୍ତୁ ବଣମଣିଷଙ୍କ ଭିତରୁ ଅନେକ ଆହୁରିମାରି ଡଙ୍ଗା ଚଳାଇବାରେ ଅଭ୍ୟସ୍ତ ହୋଇ ଯାଇଥିବାରୁ ସେମାନଙ୍କୁ ଜଳ ଯାତ୍ରାରେ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା ନାହିଁ ।

ଜଳଯାତ୍ରା ଅପେକ୍ଷା ସ୍ଥଳଯାତ୍ରା ଟାରଜନ୍‌କୁ ଆହୁରି ଶିଘ୍ର ତାର ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ପାରିଥାଆନ୍ତା । କିନ୍ତୁ ଟାରଜନ୍ ଛଡ଼ା

Digitized by srujanika@gmail.com

ଅନ୍ୟ ସମସ୍ତେ ସ୍ଥଳଯାତ୍ରାରେ ଅସୁବିଧାରେ ପଡ଼ିବେ । ତେଣୁ ସେମାନଙ୍କୁ ଜଳ ପଥରେ ଗତି କରିବାକୁ ଛାଡ଼ିଦେଇ ଟାରଜନ୍ ସ୍ଥଳପଥରେ ଆଗେଇ ଯିବାକୁ ଶ୍ରେୟସ୍କର ମନେକଲା ।

ଉଗାମ୍ବୀ ନଦୀର କୂଳରେ ପହଞ୍ଚି ସେ ବଡ଼ ବଡ଼ ଗଛ ଉପର ଦେଇ ଗତି କରିବାରେ ଲାଗିଲା । ପବନପରି ଗତି ତାର । ଜଙ୍ଗଲରେ ତା'ର ଜୀବନ କଟିଛି । ସେଇ ଶକ୍ତି ତା ଦେହରେ ଏବେ ମଧ୍ୟ ଭରପୂର ହୋଇ ରହିଛି । ତେଣୁ ଘୋର ଅରଣ୍ୟ ମଧ୍ୟଦେଇ ଗତି କରିବା ତା ପକ୍ଷରେ ଥିଲା ଅତି ସହଜ ।

ସବୁଠାରୁ ବଡ଼ କଥା ନିକୋଲାସର ଖବର ସଂଗ୍ରହ କରିବା ଆଦିମ ଅଧିବାସୀମାନଙ୍କଠାରୁ କେବଳ ସେ ଖବର ସଂଗ୍ରହ କରାଯାଇ ପାରେ । ସ୍ଥାନେ ସ୍ଥାନେ ଆଦିମ ଅଧିବାସୀଙ୍କ ଦର୍ଶନ କାଁ ଭାଁ ମିଳୁଥିଲେ ସୁଦ୍ଧା ତାଙ୍କ ସହିତ ସଖ୍ୟ ସ୍ଥାପନ କରି ତାଙ୍କଠାରୁ ଖବର ସଂଗ୍ରହ କରିବା ଥିଲା ଅତି କଷ୍ଟକର କାମ ।

ସେହିଭଳି ଏକ କଷ୍ଟକର କାର୍ଯ୍ୟ ସମ୍ପାଦନ କରିବାର ସୁଯୋଗ ହଠାତ୍ ଉପସ୍ଥିତ ହେଲା ।

ଟାରଜନ୍ ଦିନେ ସନ୍ଧ୍ୟାରେ ଜଙ୍ଗଲରେ ଗତି କରୁ କରୁ ଦେଖିଲା ଯେ ସେ ଗୋଟାଏ ଆଦିମ ଅଧିବାସୀଙ୍କ ବସ୍ତି ନିକଟରେ ପହଞ୍ଚିଛି । ବସ୍ତିର ଚାରିଆଡ଼େ କାନ୍ଥ । ଆଗରେ ଫାଟକ । ଯୋଦ୍ଧାମାନେ ଚାରିଆଡ଼େ ଧନୁଶର ଧରି ଜଗି ରହିଛନ୍ତି । ବସ୍ତି ଭିତରେ ସ୍ତ୍ରୀ ଓ ପିଲାଛୁଆ ଚଳାଚଳ କରୁଛନ୍ତି ।

ନିକଟସ୍ଥ ଗୋଟାଏ ଗଛ ଉପରୁ ହଠାତ୍ ଟାରଜନ୍ ବାଘ ରଡ଼ିକୁ ଅନୁକରଣ କରି ଗର୍ଜନ କଲା ।

Digitized by srujanika@gmail.com

ଆଦିବାସୀଗଣ ଡରରେ ଛନିଆ ହୋଇ ପ୍ରଥମେ କିଏ କେଉଁଆଡ଼େ ଲୁଚିଲେ । କେତେକ ଦୂରରୁ ଚିତ୍କାର ଆସୁଥିବା ଜାଣି କୌତୂହଳର ସହିତ ଅପେକ୍ଷା କଲେ ।

ଏହି ସମୟରେ ଟାରଜନ୍ ଗଛ ଉପରୁ ତଳକୁ ଡ଼େଇଁ ପଡ଼ିଲା ଓ ସେମାନଙ୍କ ଭାଷାରେ ସେମାନଙ୍କୁ ସମ୍ବୋଧନ କରି କହିଲା—

"ମୁଁ ତୁମ୍ଭମାନଙ୍କର ଶତ୍ରୁ ନୁହେଁ—ବନ୍ଧୁ । ମୋତେ ଯଦି ରାତିକ ବିଶ୍ରାମ ନେବାପାଇଁ ସ୍ଥାନ ଦେବ ତେବେ ମୁଁ ବାଘଟାକୁ ଘଉଡ଼ାଇ ଦେବି ।

ଆଦିମଅଧିବାସୀଙ୍କର ମୁଖିଆ ଏ ଅଦ୍ଭୁତ ଗୋରା ଲୋକଟିକୁ ଦେଖି ହଠାତ୍ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଅଧା ଭୟରେ ଓ ଅଧା ବିସ୍ମୟରେ କିଛିକ୍ଷଣ ଚୁପ୍ ହୋଇ ରହିଗଲା । ତା'ପରେ ଟାରଜନ୍ ପ୍ରସ୍ତାବରେ ସମ୍ମତି ଜ୍ଞାପନ କଲା ।

ଟାରଜନ୍ ପୁଣି ଗଛ ଉପରକୁ ଉଠିଲା । ଗଛଡାଳ ଦୋହଲାଇ ବାଘ ସହିତ ସଂଗ୍ରାମ କଲାପରି ଚିତ୍କାର କଲା । ଦୂର ଜଙ୍ଗଲର ଘନ ଅନ୍ଧକାରରେ ମଣିଷ ଓ ବାଘର ଚିତ୍କାର ଶୁଣି ଆଦିବାସୀମାନେ ମନେକଲେ ଯେ ଘୋର ସଂଗ୍ରାମ ଚାଲିଲା । ତାପରେ ଗଛରୁ ଓହ୍ଲାଇ କିଛିକ୍ଷଣ ବାଘପରି ଗର୍ଜ୍ଜନ କରି କରି ଟାରଜନ୍ ଖଣ୍ଡେ ବାଟ ଜଙ୍ଗଲକୁ ଦୌଡ଼ି ଗଲା । ଆଦିମ ଅଧିବାସୀମାନଙ୍କ ମନରେ ସ୍ପଷ୍ଟ ଧାରଣା ହୋଇଗଲା ଯେ ଲୋକଟା ବାଘଟାକୁ ଜଙ୍ଗଲ ଭିତରକୁ ଘଉଡ଼ାଇ ଦେଇଛି । ତାପରେ ଟାରଜନ୍ ସେମାନଙ୍କ ବସ୍ତିରେ ଦ୍ୱାର ନିକଟରେ ଆସି ପହଞ୍ଚିଲା ।

Digitized by srujanika@gmail.com

ଆଦିମଅଧିବାସୀଙ୍କ ଗହଣରେ କିଛିକ୍ଷଣ କଟାଇ ଝାରଜନ୍ ଖବର ସଂଗ୍ରହ କଲା । ଦୁଇଦିନ ତଳେ ଗୋଟାଏ ଗୋରାଲୋକ ସେଇ ରାସ୍ତା ଦେଇ ଯାଇଛି । ତା ପୂର୍ବରୁ ଜଣେ ସ୍ତ୍ରୀ ଓ ଗୋଟିଏ ପିଲା ଓ ତାର ଆଉ କେତେକ ଅନୁଚର ସେଇବାଟଦେଇ ଯାଇଥିବା କଥା ମଧ୍ୟ ଆଦିବାସୀଙ୍କ ମୁଖିଆ ଝାରଜନ୍ ଆଗରେ ପ୍ରକାଶ କଲା ।

ଏସବୁ ଖବର ସଂଗ୍ରହ କରିବା ପରେ ସେଇ ଗଛମୂଳରେ ଝାରଜନ୍ ବିଶ୍ରାମ ନେଲା । ମୁଖିଆ ଯେତେ ଅନୁରୋଧ କଲେ ମଧ୍ୟ ବସ୍ତି ଭିତରର ସେଇ ସଂକୀର୍ଣ୍ଣ କୁଡ଼ିଆ ଘର ଅପେକ୍ଷା ମୁକ୍ତ ଆକାଶ ତଳର ତୃଣଶଯ୍ୟା ଝାରଜନ୍ ପକ୍ଷରେ ଥିଲା ଅଧିକ ଆରାମ ଦାୟକ ।

କିନ୍ତୁ ରାତି ନ ପାହୁଣୁ ଝାରଜନ୍ ଗଛ ଉପରକୁ ଉଠି ଖୁବ୍ ବେଗରେ ଗତି କରି ଗ୍ଲୁଲିଥିଲା । ଦୁଇଦିନ ଅବିଶ୍ରାନ୍ତ ଗତିକରି ଦେହରେ ଅଶେଷ କ୍ଳାନ୍ତି ନେଇ ଶେଷକୁ ଝାରଜନ୍ ଆଉ ଗୋଟାଏ ଆଦିମ ଅଧିବାସୀଙ୍କ ବସ୍ତିରେ ଆସି ପହଞ୍ଚିଲା ।

ବସ୍ତିର ମୁଖିଆ ଥିଲା ଗୋଟିଏ ମଣିଷଖିଆ ଆଦିମଅଧିବାସୀ ଦଳର ସର୍ଦ୍ଦାର । ଦାନ୍ତକୁ ସେମାନେ ଘଷି ଘଷି ମୁନିଆ କରି ରଖିଥାନ୍ତି । ଦେହରେ ସେମାନଙ୍କର ନାନା ବର୍ଣ୍ଣର ଚିତ୍ର ଓ ବିଭିନ୍ନ ଅଳଙ୍କାର । ଲୋକଟାକୁ ଦେଖିବା ମାତ୍ରେ ଝାରଜନ୍‌ର ମନେହେଲା ଯେ ଲୋକଟା ଅତି ଭୟଙ୍କର ପ୍ରକୃତିର । କିନ୍ତୁ ସେଭଳି ଲୋକଙ୍କ ସହିତ ବନ୍ଧୁତା ନକଲେ କାର୍ଯ୍ୟସିଦ୍ଧି ହେବ ନାହିଁ । ଖବର ଅନ୍ତର ସଂଗ୍ରହକରି ହେବ ନାହିଁ ।

Digitized by srujanika@gmail.com

ଟାରଜନ୍ ନିକୋଲସ କଥା ପଗୃର ବୁଝିଲା । ମୁଖିଆ କହିଲା ଯେ ଠିକ୍ ତାର ପୂର୍ବଦିନ ସକାଳୁ ଜଣେ ଦାଢ଼ିଆ ଗୋରା ଲୋକ ତାର ଦଳବଳ ସହିତ ସେହି ରାସ୍ତାଦେଇ ଯାଇଛି । ଅଳ୍ପଦୂର ଗଲେ ସେ ଲୋକ ସହିତ ଟାରଜନ୍ ର ଦେଖା ହୋଇପାରେ ।

ଏହି ଖବର ସଂଗ୍ରହ କରିବା ପରେ ପରେ ଟାରଜନ୍ କ୍ଲାନ୍ତ ଯୋଗୁଁ ଏତେଦୂର ଅବଶ ହୋଇ ପଡ଼ିଥିଲା ଯେ ମୁଖିଆର ଅନୁମତି ନେଇ ସେହିଠାରେ ସେ ଗାଢ ନିଦ୍ରାରେ ଶୋଇ ପଡ଼ିଲା । ସେତେବେଳେ ସେ ସମ୍ପୂର୍ଣ୍ଣରୂପେ ଚେତନାଶୂନ୍ୟ ହୋଇ ପଡ଼ିଲାପରି ଜଣା ଯାଉଥିଲା ।

ଟାରଜନ୍ କୁ ଶୋଇପଡ଼ିବା ଦେଖି ମୁଖିଆ ତାର ଦୁଇଜଣ ଅନୁଚରଙ୍କୁ ଡ଼ାକି ତାଙ୍କୁ କେଉଁଆଡ଼କୁ ପଠାଇ ଦେଲା ।

ଏବଂ କିଛି ସମୟ ପରେ ଦେଖାଗଲା ଯେ ସେମାନେ ନିକୋଲସ୍ ଓ ତା'ର ଦଳଙ୍କୁ ଡାକି ନେଇ ଆସିଛନ୍ତି ।

ଟାରଜନ୍ ଘୋର ନିଦ୍ରାରୁ ଉଠିବା ପୂର୍ବରୁ ସଇତାନଦଳ ତା ଉପରେ ଏକା ସଙ୍ଗେ ଝାମ୍ପ ଦେଇ ତାକୁ ବାନ୍ଧି ଦେଇ ସାରିଥିଲେ । ସବୁ କାମ ଏକ ମିନିଟ୍ ମଧ୍ୟରେ ସମାପ୍ତ ହୋଇଗଲା । କଣ ହେଉଛି— ସେ କଥା ଜାଣିବା ପୂର୍ବରୁ ଟାରଜନ୍ ଦେଖିଲା ଯେ ସେ ଦୃଢ ଭାବରେ ବନ୍ଦୀ ହୋଇ ସାରିଛି । ଉଦ୍ଧାରର କୌଣସି ଉପାୟ ନାହିଁ ।

ନିକୋଲସ୍ ଆଗକୁ ଆସି ଟାରଜନ୍ ର ମୁହଁରେ ଗୋଟାଏ ପ୍ରଚଣ୍ଡ ଗୋଇଠା ମାରିଲା—

Digitized by srujanika@gmail.com

"କେମିତି ମଜା ? ନଟକୋଲସ ପଛରେ ଗୋଡ଼ାଇବାର ଦୁଃସାହସ ଏବେ ମଧ୍ୟ ଛାଡ଼ି ନାହିଁ ? ଆଜି କିନ୍ତୁ ସବୁ ଶେଷ ହୋଇଯିବ । ଏଇ ନର ଖାଦକଦଳ ତୋର ମାଂସ ଖାଇ ଆଜି ତୃପ୍ତି ଲାଭ କରିବେ । ଆଉ ତୋର ସ୍ତ୍ରୀ ଓ ପୁତ୍ରଙ୍କ ଦଶା ଯାହା ହେବାର କଥା—ତା ହେବ । ସେମାନଙ୍କ ପାଇଁ ଯେଉଁ ଯୋଜନା ମୁଁ କରୁଛି ସେକଥା ଅବଶ୍ୟ ମରିବା ପୂର୍ବରୁ ମୁଁ ତୋତେ କହିଦେବି ।

★

ଟାରଜନ୍‌ର ବାଘ ଜଙ୍ଗଲରେ ଛୁଟି ଚାଲିଥିଲା । ଲଟା, ବୁଦା, କଣ୍ଟା ଗଛର ତଳେ ତଳେ ସେ ନିଃଶବ୍ଦରେ ଗତି କରୁଥିଲା । ସମୟ ସମୟରେ ସେ କିଛିକାଳ ପାଇଁ ଅଟକି ଯାଉଥିଲା । ଉପରକୁ ମୁହଁ ଟେକି ନାକପୁଡ଼ାକୁ ଫୁଲାଇ ଆଘ୍ରାଣ କରି କାହାକୁ ଯେପରିକି ସେ ଖୋଜୁଥିଲା ଏବଂ ସଙ୍ଗେ ସଙ୍ଗେ ଜଙ୍ଗଲର ଗଳି କନ୍ଧି ଭେଦକରି ଛୁଟି ଚାଲିଥିଲା ।

ବହୁଦୂର ପଥ ଅତିକ୍ରମକରି ବାଘ ଚାଲିଲା ଆସିଲା । ସେ ଚାଲି ଆସିଲା ଆଦିବାସୀ ବସ୍ତିର ଅତି ନିକଟକୁ । ତାର ଆଘ୍ରାଣ ଶକ୍ତି ସମସ୍ତଙ୍କଠାରୁ ଅତି ପ୍ରଖର । ଜଙ୍ଗଲୀ ନରଖାଦକ ବସ୍ତିର ବାହାର ପାଚେରି ନିକଟରେ ସେ କ୍ଷଣକାଳ ରହି ନିଜକୁ ସଂଯତକରି ବାତାବରଣକୁ କଳନା କରିବାରେ ଲାଗିଗଲା ।

ତା ପରେ ମୁହଁକୁ ଉପରକୁ ଟେକି ଗୋଟାଏ ଲମ୍ଫରେ ସେ ପାଚେରି ଉପରେ ଉଠିଲା । ପାଚେରି ଉପରକୁ ନୀରବ ନିସ୍ତବ୍ଧ ଢଙ୍ଗରେ

Digitized by srujanika@gmail.com

ଚଢି ଯାଚିବା ପରେ ସେ ସେହିପରି ନିତାନ୍ତ ନିଶ୍ଚଳ ଭାବରେ ସେ ବସ୍ତି ଭିତରକୁ ଖସି ପଡ଼ିଲା ।

ଟାରଜନ୍ ପାଖରେ ଗୋଟାଏ କୁଡ଼ିଆ ଭିତରେ ବନ୍ଧା ହୋଇ ପଡ଼ିଥିଲା । ନିକୋଲାସର ଆଦେଶରେ ତାକୁ ଯାତ ପରସ୍ତ କରି ବାନ୍ଧି ଦିଆ ଯାଇଥିଲା । ହଲଚଲ ହେବାର ଉପାୟ ନାହିଁ । ଶରୀରଟାଯାକରେ ଯେପରି ରକ୍ତ ଜମାଟ ବାନ୍ଧି ଯାଇଛି ।

ତାର ମନେ ପଡୁଥିଲା ସ୍ତ୍ରୀର କଥା—ସେ କି ଲଣ୍ଡନରେ ଗୋଟାଏ ପ୍ରାସାଦରେ ବନ୍ଧୁବାନ୍ଧବଙ୍କ ମେଳରେ କାଳକାଟୁଥିଲା । ଟାରଜନ୍ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନଥିଲା ଯେ ତାର ସ୍ତ୍ରୀ ମଧ୍ଯ ନିକୋଲାସ ହାତରେ ବନ୍ଦୀ । ଆଉ ପୁଅ ? ପୁଅର କଥା ମନେପଡ଼ିବା ମାତ୍ରେ ତା ଦେହର ରୋମ ସବୁ ଟାଙ୍କୁରି ଉଠୁଥିଲା । ସମସ୍ତ ଶକ୍ତି-ସଞ୍ଚୟ କରି ସେ ବନ୍ଧନରୁ ମୁକ୍ତି ପାଇବାପାଇଁ ଚେଷ୍ଟା କରୁଥିଲା । କିନ୍ତୁ ବନ୍ଧନର ଶକ୍ତି ତା ଶକ୍ତିଠାରୁ ଥିଲା ଅଧିକ—

ସେ ଭାବୁଥିଲା—ମୃତ୍ୟୁ ଏଥରକ ସୁନିଶ୍ଚିତ । ତେଣୁ ମୃତ୍ୟୁ ଜଙ୍ଗଲର ପ୍ରତ୍ୟେକ ପ୍ରାଣୀର ପଛେ ପଛେ ଗୁଲି ଥାଏ । ତେଣୁ ମୃତ୍ୟୁକୁ ଜଙ୍ଗଲରେ କେହି ଭୟ କରେ ନା । ବିପଦକୁ କେହି ଖାତିର କରେନା । ଶାରୀରିକ ଯନ୍ତ୍ରଣାକୁ କେହି ସେଠାରେ ଗ୍ରାହ୍ୟ କରେନା ।

ଟାରଜନ୍‌ର ମନରେ ଭୟ ନଥିଲା । ସେ ମଲା ପରେ ତା'ର ପ୍ରାଣର ପ୍ରତିମାର ଦଶା ନିକୋଲାସ୍ ହାତରେ ଯେ କ'ଣ ହେବ—ସେ କଥାକୁହିଁ ବାରମ୍ବାର ମନେ ପକାଇ ଏକ ପ୍ରକାର ଅସହ୍ୟ ବ୍ୟଥା ଅନୁଭବ କରୁଥିଲା ସେ ।

Digitized by srujanika@gmail.com

ଠିକ୍ ଏତିକିବେଳେ ଶୁଭାଗଲା ଶବ୍ଦ, କୌଣସି ଜନ୍ତୁ ମାଟି କୁଡ଼ଆର ମାଟିକୁ ଯେପରି ଖୋଳି ସେଠି ଗୋଟାଏ ଗାତ କରି ଚାଲିଛି । ଟାରଜନ୍‌ର ଘ୍ରାଣ ଶକ୍ତି ଚେଇଁ ଉଠିଲା । ମୁହୂର୍ତ୍ତକ ମଧ୍ୟରେ ସେ ଜାଣିନେଲା ଯେ ତା'ର ସହଚର—ବଣର ସେଇ ବାଘ ତା ନିକଟକୁ ଆସିବାକୁ ରାସ୍ତା ପରିଷ୍କାର କରି ଲାଗିଛି ।

ନିଃଶବ୍ଦରେ ବାଘଟା ଗାତବାଟେ ଚାଲିଆସି ଟାରଜନ୍ ଦେହକୁ ଚାଟିବାକୁ ଲାଗିଲା । ଟାରଜନ୍ ଯେତେ ପ୍ରକାର ବୁଝାଇଲେ ମଧ୍ୟ ପଶୁ ବୁଝିଲା ନାହିଁ—ଦାନ୍ତରେ ଚୋବାଇ ଶକ୍ତ ରସିଗୁଡ଼ାକୁ କାଟିବାକୁ ଚେଷ୍ଟା କଲା ନାହିଁ । ଟାରଜନ୍ ମନେ ମନେ ବିରକ୍ତ ହେଲା କିନ୍ତୁ ପଶୁଜନ୍ତୁର ବୁଝିବାର, ଗୋଟାଏ ସୀମା ଅଛି । ସେ ସୀମାର ବାହାରକୁ ଯିବାର ଶକ୍ତି ଥିଲେ ଜଙ୍ଗଲୀ ପଶୁ ଆଉ ପଶୁ ହୋଇ ରହନ୍ତା ନାହିଁ ।

ଏହି ସମୟରେ ଗୋଟାଏ ଆଦିମଅଧିବାସୀ ଘରକୁ ପଶି ଆସିଲା । ବାଘଟା କୋଣରେ ଛପିଗଲା । ଟାରଜନ୍ ନିର୍ବାକ୍ ନିସ୍ତବ୍ଧ ଭାବରେ ଉପରକୁ ଅନାଇ ପଡ଼ି ରହିଲା ।

ଆଦିମ ଅଧିବାସୀଟା କୌତୂହଳ ହେତୁ ହେଉ କିମ୍ବା ତା'ର ଜଙ୍ଗଲୀ ବର୍ବର ସ୍ୱଭାବ ହେତୁ ହେଉ—ଟାରଜନ୍ ଦେହରେ ଭାଲଟାକୁ ଲଗାଇ ତାକୁ ଯନ୍ତ୍ରଣା ଦେବାପାଇଁ ଆଗେଇ ଆସିଲା ।

ମୁହୂର୍ତ୍ତକ ମଧ୍ୟରେ ଅନ୍ଧାର କୋଣରୁ ଶୁଭିଲା ଏକ ଗର୍ଜ୍ଜନ । ବାଘର ଆକ୍ରମଣରେ ଲୋକଟା ତଳେ ପଡ଼ିଗଲା । କ୍ଷଣକ ମଧ୍ୟରେ ବିଜୁଳି ପରି ବାଘ ଲୋକଟାର ତଣ୍ଟି କାମୁଡ଼ି ତାକୁ ମାରି ତଳେ ପକାଇ ଦେଲା ।

Digitized by srujanika@gmail.com

ଗର୍ଜ୍ଜନ ଶୁଣି ବସ୍ତିରେ ଚହଳ ପଡ଼ିଗଲା । ସେମାନେ ସମସ୍ତେ ରାତିର 'ମରଣନାଚ'ର ଯୋଗାଡ଼ରେ ଲାଗିଥିଲେ । ଟାରଜନ୍‌କୁ ନେଇ ସେମାନେ ଖୁଣ୍ଟରେ ବାନ୍ଧିବେ । ସ୍ତ୍ରୀମାନେ ନିଆଁରେ ପାଣି ଫୁଟାଇବେ । ତାପରେ ମଦପିଇ ସମସ୍ତେ ନାଚିବେ । ଖଣ୍ଡ ଖଣ୍ଡ କରି ମାଂସ କାଟି ସେମାନେ ଭୋଜନରେ ଲାଗିପଡ଼ିବେ ।

ଏତିକିବେଳେ ଏକ ବିକଟାଳ ଗର୍ଜ୍ଜନଶୁଣି ସେମାନେ ଭୟରେ ଚକିତ ହୋଇ ପଡ଼ିଲେ ନାନା ପ୍ରକାର ଯୁକ୍ତିତର୍କ ଓ ଆଲୋଚନାକରି ସେମାନେ ଦୁଇଜଣ ଲୋକଙ୍କୁ ପଠାଇଲେ । ଦୁଇଜଣ ଲୋକ ମସାଲଧରି ଗୃହରେ ପ୍ରବେଶ କରିବାକୁ ଯିବା ପୂର୍ବରୁ ଦ୍ୱାରନିକଟରେ ଠିଆ ହୋଇ ଠେଲା ପେଲା ହୋଇ ଶେଷକୁ ମସାଲଟାକୁ ଘର ଭିତରକୁ ଫିଙ୍ଗି ଦେଲେ ମସାଲ ଆଲୋକରେ ରକ୍ତାକ୍ତ ଆଦିମଅଧିବାସୀର ଦେହଟା ପରିଷ୍କାର ଦେଖାଗଲା । ଆତଙ୍କିତ ହୋଇ ଆଦିମ ଅଧିବାସୀ ଦୁଇଜଣ ମସାଲ ଛାଡ଼ି ପ୍ରାଣ ବିକଳରେ ପଳାଇଗଲେ ।

କୋଳାହଳ ଶୁଣି ବାଘ ମଧ୍ୟ ନିଃଶବ୍ଦରେ ଗାତ ମଧ୍ୟଦେଇ ବାହାରକୁ ପଳାଇଗଲା ।

ଟାରଜନ୍ ଜାଣିଲା ଯେ ବାଘ ଚାଲିଗଲା । ଥରେ ଭୟରେ ପଳାଇଲେ ବଣଜନ୍ତୁ ପୁଣି ସେଠାକୁ ଫେରେ ନାହିଁ । ତେଣୁ ଟାରଜନ୍ ମନରେ ସ୍ଥିରକରିନେଲା ଯେ ତାକୁ ମରିବାକୁ ପ୍ରସ୍ତୁତ ହେବାକୁ ପଡ଼ିବ ।

ଏହି ସମୟରେ ଦୁଇଜଣ ବୋବା ଲୋକ ସେ ଗୃହ ଭିତରେ ପ୍ରବେଶ କଲେ । ସେମାନେ ମଧ୍ୟ ଘଣ୍ଟା କାଳ ତନ୍ନ ତନ୍ନ କରି

Digitized by srujanika@gmail.com

ଦେଖି ଜାଣି ପାଇଁ ଚେଷ୍ଟା କରି ବିଫଳ ହେଲେ । ଟାରଜନ୍ ସେମାନଙ୍କୁ ଗୃହଁ ଦେଖିଲା ଯେ ସେମାନଙ୍କ ମଧ୍ୟରେ ନିକୋଲାସ୍ ନାହିଁ । ଭୟରେ ଘର ଭିତରକୁ ଆସିବାରୁ ସେ ସାହସ କରି ନାହିଁ ।

ନିକୋଲାସ୍‌ର ଆଦେଶରେ ପୁଣି ଖୁବ୍ ତବାଘନାରେ ସେମାନେ 'ମରଣନାଚ'ର ଆୟୋଜନରେ ଲାଗିଲେ । ଟାରଜନ୍‌କୁ ସେମାନେ ଶୂନ୍ୟେ ଶୂନ୍ୟେ ଟେକ ନେଇ ଖୁଣ୍ଟରେ ବାନ୍ଧି ଦେଲେ । ବାଦ୍ୟ ବାଜିଉଠିଲା । ଗୃହଆଡ଼େ ଆନନ୍ଦ ଓ କୋଳାହଳ ଶୁଣାଗଲା । ନାଚ ଆରମ୍ଭ ହୋଇଯିବା ପୂର୍ବରୁ ଯୋଦ୍ଧାମାନେ ନିଜ ନିଜ ଦେହକୁ ରଙ୍ଗକରି ଧଳା କଳା ନାଲି ପୁଟଦେଇ ଅତି ଭୟଙ୍କର ବେଶରେ ଆପଣାକୁ ସଜ୍ଜିତ କରିବାକୁ ଲାଗିଲେ । କେହି କେହି କୌତୂହଳୀ ହୋଇ ଆସି ଟାରଜନ୍ ଦେହରେ ନିଜ ନିଜ ଭାଲର ଦାଢ଼ ପରୀକ୍ଷା କରିବାପାଇଁ ତା ଦେହରେ ଆଘାତ କରିବାକୁ ଲାଗିଲେ । ଖୁବ୍ ଜୋରସୋର ନାଚ ଆରମ୍ଭ ହେଲେ ଯାଇ ଦେହରୁ ମାଂସ କଟାଯିବ ଓ ଖିଆଯିବ । ବର୍ତ୍ତମାନ ରକ୍ତ କପରି ବାହାରୁଛି ତାହା ଦେଖିବା ପାଇଁ ସେମାନେ ପରୀକ୍ଷା ଚଳାଇଥିଲେ ।

ନିକୋଲାସ୍ ଏତିକବେଳେ ନିଜକୁ ସମ୍ଭାଳି ପାରିଲା ନାହିଁ । ବର୍ଛାଟାଏ ହାତରେ ଧରି ଟାରଜନ୍‌କୁ ଗାଳି ଦେଇ ଦେଇ ସେ ବର୍ଛାଟାକୁ ରାଗରେ ତା ଦେହରେ ବିଦ୍ଧ କରିବାକୁ ଗଲାବେଳେ ମୁଖିଆ ତାକୁ ଧରି ପକାଇଲା—

"ପୂଜା ପୂର୍ବରୁ ତୁମେ ତାକୁ କାଟି ପାରିବ ନାହିଁ । ସେପରି କଲେ ତୁମକୁ ଆମେ ମାରି ଦେବାକୁ ବାଧ୍ୟ ହେବୁ ।"

ତାପରେ ଖୁବ୍ ଜୋରରେ ବାଦ୍ୟ ବାଜି ଉଠିଲା । ଭୟଙ୍କର ବେଶୀ ଯୋଦ୍ଧାମାନେ ଟାରଜନ୍‌କୁ ଚତୁର୍ଦ୍ଦିଗରେ ଘେରି ଗଲେ ଓ

Digitized by srujanika@gmail.com

ଉନ୍ମତ୍ତ ଭାବରେ ନାଚିବାକୁ ଆରମ୍ଭ କଲେ । ସେମାନଙ୍କର ବର୍ଚ୍ଛାସବୁ ଧୀରେ ଧୀରେ ଟାରଜନ୍‌ଆଡ଼କୁ ଦେଖାଇ ଦେଖାଇ ସେମାନେ ବର୍ଚ୍ଛା ବିଦ୍ଧକରିବା ଭଙ୍ଗୀରେ ତା ଆଡ଼କୁ ମାଡ଼ି ଆସୁଥିଲେ ଓ କୋଳାହଳରେ ସ୍ଥାନଟା ସରଗରମ ହୋଇଉଠିଥିଲା ।

ଟାରଜନ୍ ମୃତ୍ୟୁକୁ ଆସନ୍ନ ଜାଣି ଧୀର ଭାବରେ, ଅତି ଅସହାୟ ଅବସ୍ଥାରେ ସେଠାରେ ପଡ଼ି ରହିଥିଲା ।

ଠିକ୍ ଏହିସମୟରେ ଘନ ଜଙ୍ଗଲ ଭେଦକରି ଗମ୍ଭୀର ବନ୍ୟ ନିସ୍ତବ୍ଧତା ଓ ଅଶଙ୍ଖା ଶବ୍ଦକୁ ବିଦ୍ଧକରି ବାଘର ଭୟଙ୍କର ଗର୍ଜ୍ଜନ ଶୁଣାଗଲା । ବର୍ବରଦଳ ଚମକି ଠିଆ ହୋଇଗଲେ । ମୁଖିଆ ଓ ନିକୋଲାସ ପାଟିକରି ଉଠିଲେ ଶିଘ୍ର ଶେଷକର । କିନ୍ତୁ ବର୍ଚ୍ଛା ଚଳାଇବା ପୂର୍ବରୁ ସମସ୍ତେ ଚକିତ ହୋଇ ଦେଖିଲେ—କୁଡ଼ିଆ ଭିତରୁ ବାଘ ବାହାରି ଆସୁଛି ।

ଜାହାଜ ଉପରେ ଥାଇ ଜେନ୍ ଦେଖିଲା ଯେ ସେମାନେ ତାର ପ୍ରାଣର ଟାରଜନ୍‌କୁ ଗୋଟାଏ ଡଙ୍ଗାରେ ଚଢ଼ାଇ କୂଳ ଆଡ଼କୁ ନେଇ ଯାଉଛନ୍ତି । ତା'ର ପ୍ରାଣ ହାହାକାର କରି ଉଠିଲା । ଅଜଣା ଅଶୁଣା ଏକ ନିର୍ଜ୍ଜନ ଦ୍ୱୀପରେ ତା'ର ସ୍ୱାମୀ ହେବ ନିର୍ବାସିତ । ଘୋର ଜଙ୍ଗଲରେ ସେ ଏକାକୀ ଜୀବନଯାପନ କରିବାକୁ ବାଧ୍ୟ ହେବ ।

Digitized by srujanika@gmail.com

ଘୋର ନିରାଶାରେ ଜେନ୍ ଜର୍ଜରିତ ହୋଇ ପଡ଼ିଲା । ସ୍ୱାମୀ ନିର୍ବାସିତ—ଶ୍ରେଷ୍ଠ ପୁଅଟିର ଦେଖା କିମ୍ବା ଦର୍ଶନ ନାହିଁ । ନିଜର ଭବିଷ୍ୟତ ମଧ୍ୟ ନିତାନ୍ତ ଅନିଶ୍ଚିତ । ଏଭଳି ଅବସ୍ଥାରେ ସେ କେମିତି ଯେ ବଞ୍ଚି ରହିଛି ସେକଥା ସେ ନିଜେ ବୁଝି ପାରିଲା ନାହିଁ ।

କଦର୍ଯ୍ୟ ଖାଦ୍ୟ ପଦାର୍ଥ ନେଇ ପ୍ରତିଦିନ ତା କ୍ୟାବିନକୁ ପାଚକ ଆଣ୍ଡରସନ୍ ଆସେ । ଲୋକଟାର ଚେହେରା ନିତାନ୍ତକଦର୍ଯ୍ୟ । ଲୁଗାପଟା ଅତି ଅପରିଷ୍କାର । ଦେହରୁ ଗନ୍ଧ ବାହାରେ । ତଥାପି ଜେନ୍ ସବୁବେଳେ ତା ସହିତ ଭଲ ବ୍ୟବହାର କରେ । ଇଚ୍ଛାହେଲେ ଖାଦ୍ୟ ଖାଏ—ନହେଲେ ନାହିଁ । କିନ୍ତୁ ପାଚକଟାକୁ ଧନ୍ୟବାଦ ଦେବାକୁ ସେ ଭୁଲେନା । ଅକୂଳ ସମୁଦ୍ରରେ ସେହି ଏକମାତ୍ର ସାହାଭରସା ।

କିନ୍ତୁ ଯେତେ ପଚାରିଲେ ମଧ୍ୟ ଆଣ୍ଡରସନ୍ କୌଣସି ଉତ୍ତର ଦିଏ ନାହିଁ । ଗୋଟାଏ ବିଦେଶୀ ଭାଷାରେ କିଛି କିଛି ହୋଇ ସେ ତା'ର କାମ କରି ଚାଲିଯାଏ । କେତେବେଳେ କେମିତି ପାଗ ଖରାପ ଥିବା କଥା, ଭଙ୍ଗା ଭଙ୍ଗା ଭାଷାରେ ପ୍ରକାଶ କରିବା ଛଡ଼ା ସେ ଆଉ କିଛି କହେ ନାହିଁ । ନିତାନ୍ତ ବୋକା ଲୋକଟାଏ—କୌଣସି କାମର ନୁହେଁ । ଜେନ୍ ମନେ ମନେ ସ୍ଥିର କରି ନେଲା ।

କିଛିଦିନ ପରେ ନିକୋଲାସ୍‌ଙ୍କର ଆବିର୍ଭାବ ହେଲା । କ୍ୟାବିନ୍ ଭିତରକୁ ଆସି ତାର ଶିରଚ୍ଛେଦ ସ୍ୱରରେ ସେ ଆରମ୍ଭ କରିଦେଲା—

Digitized by srujanika@gmail.com

"ତୁମେ ଯଦି ମୋ କଥା ରକ୍ଷାକର—ତୁମର ଓ ତୁମର ପୁଅର ବିପଦର କୌଣସି କାରଣ ନାହିଁ—"

"କେଉଁ କଥା—"

"ସେ କଥା କଣ ତୁମେ ଜାଣନା--? ତୁମ ଆଗରେ ମୋ ହୃଦୟର କଥା କଣ ବହୁବାର ପ୍ରକାଶ କରି ନାହିଁ ? ମୁଁ ଯେ ତୁମକୁ ପ୍ରାଣଦେଇ ଭଲପାଏ ସେକଥା କଣ ତୁମେ ଜାଣ ନାହିଁ ?"

ବିରକ୍ତିରେ ଜେନ୍ ମୁହଁ ବୁଲାଇନେଲା ।

"ଝାରଜନ୍ ଟା ଗୋଟାଏ ଜଙ୍ଗଲି ପଶୁ ତାକୁ ବିବାହକରି ତୁମେ କି ସୁଖ ପାଇବ ? ଅସଭ୍ୟ, ଜଂଗଲି ସେଇ ବର୍ବର ଲୋକଟାର ଚମଡ଼ା ସିନା ଧଳା—ସ୍ୱଭାବ କଣ ତା'ର କେବେ ସଭ୍ୟ ଜନୋଚିତ ହୋଇପାରେ ? ତୁମେ ହୁଏତ ଦୁର୍ବଳ ମୁହୂର୍ତ୍ତରେ ତାକୁ ସ୍ୱାମୀ ରୂପେ ବାଛିନେଇଥାଇପାର । କିନ୍ତୁ ସେଇଟା କ'ଣ ଏତେ ଅପରିବର୍ତ୍ତନୀୟ ? ଭୁଲଟାକୁ ସୁଧାରିବାକୁ ଇଚ୍ଛା କଲେହିଁ ହେଲା—ତୁମେତ ଜାଣ ମୁଁ କେତେବଡ଼ ଉଚ୍ଚକୂଳର ସନ୍ତାନ । ମାନ, ସମ୍ମାନ, କ୍ଷମତା, ବୁଦ୍ଧିବିବେକ, କୌଣସିଟାରେ ଅଭାବ ନାହିଁ ମୋର—"

ବିରକ୍ତିରେ ଜେନ୍ ମୁହଁରୁ ବାହାରିଗଲା—

"ଏସବୁ କହିବାର ଉଦ୍ଦେଶ୍ୟ କଣ ତୁମର ? ମୋ ପୁଅ କାହିଁ ?"

"ତୁମର ପୁଅ ଏହିଠାରେ ହିଁ ରହିଛି । ତୁମେ ମୋ ପ୍ରସ୍ତାବରେ ରାଜି ହେଲେ ହିଁ ହେଲା—"

"ଅସମ୍ଭବ ! ତୁମେ ଏତେ ନୀଚ—ଏତେ ପାପୀ ? ମୁଁ ଏଭଳି ଗୋଟାଏ ବନ୍ୟ ପଶୁ ଜୀବନରେ ଦେଖି ନାହିଁ ।

Digitized by srujanika@gmail.com

ଢଙ୍ଗାରେ ନିକୋଲାସ୍‌ର ମସ୍ତିଷ୍କ ବିଗିଡ଼ ଗଲା । ପ୍ରଚଣ୍ଡ ରାଗରେ ସେ ଜେନ୍‌ର ତଣ୍ଟିକୁ ଚପି ଧରିଲା ।

"ତୋର ଆଗରେ ତୋ ପୁଅକୁ ମୁଁ ଟିକି ଟିକି କରି କାଟି ପକାଇବି ।"

"ତୋର ଯାହା ଇଚ୍ଛା ତାହା କର । କିନ୍ତୁ ଅସହାୟ ଅବସ୍ଥାରେ ପକାଇ କାବୁ କରିବା ମନୋବୃତ୍ତି ତୋତେ ତ୍ୟାଗ କରିବାକୁ ହେବ— । ତୋର ଏଇ ଘୃଣ୍ୟ ମନୋବୃତ୍ତି କଦାପି—କଦାପି ସଫଳ ହେବ ନାହିଁ ? ମୋର ସନ୍ତାନ ମରୁ—କିନ୍ତୁ ଭବିଷ୍ୟତରେ ଜୀବନ ତାର କଳଙ୍କିତ ନହେଉ ।"

ନିକୋଲାସ୍ ହୁଏ'ତ ଆହୁରି ଜୋରରେ ଜେନ୍‌କୁ ଆଘାତ କରିଥାନ୍ତା କିନ୍ତୁ ଏତିକିବେଳେ ଘରକୁ ପଶି ଆସିଲା ପାଚକ ଆଣ୍ଡରସନ୍—

ରାଗରେ ଜର୍ଜ୍ଜରିତ ହୋଇ ନିକୋଲାସ୍ ପାଟିକଲା—

"କିଏ କହିଲା ତୋତେ, ବିନାନୁମତିରେ ଏଠିକି ଆସିବାକୁ ? ମୂର୍ଖ— ବାହାରିଯା—ଶିଘ୍ର ବାହାର କହୁଛି—"

ପାଚକଟା ବୋକାମି ଭଙ୍ଗୀରେ କହି ଉଠିଲା—ପାଗଟା ଆଜି ଭାରି ଖରାପ—"

ନିକୋଲାସ୍ ରାଗରେ ଜେନ୍‌ର ପୁଅକୁ ତା ହାତରୁ ନେଇ ତାର ଆଖି ଆଗରେ ଖଣ୍ଡ ଖଣ୍ଡ କରି କାଟିପକାଇବାର ଧମକ ଦେଇ ବାହାରି ଚାଲିଗଲା ।

ଜେନ୍ ନିରାଶ ମନରେ, ଅସହାୟ ଭାବରେ ପଥର ପରି କାଠ ହୋଇ ଠିଆ ହୋଇଥିଲା ।

Digitized by srujanika@gmail.com

ଆଣ୍ଡରସନ୍ ପାଖକୁ ଧାଇଁ ଆସି କହିଲା—" ଜିନିଷ ପତ୍ର ସଜାଡ଼ି ରଖ—ଆଜି ଏଠାରୁ ଚାଲିଯିବାକୁ ହେବ । "

ଜେନ୍ ଚମକି ପଡ଼ିଲା । ଚାହିଁ ଦେଖିଲା ଆଣ୍ଡରସନ୍ ମୁହଁରେ ବୋକାମିର ଭାବ ନାହିଁ । ସେ ଶୁଦ୍ଧ ଫରାସୀ ଭାଷାରେ କଥା କହି ପାରୁଛି ।

"କିନ୍ତୁ ମୋର ପୁଅ ?"

"ମୁଁ ଯାହା କହିଲି ତାହା କର—ଜିନିଷପତ୍ର ସଜାଡ଼ି ରଖ ।"

ଆଣ୍ଡରସନ୍ ନିଃଶବ୍ଦରେ ବାହାରି ଗଲା ।

ଶେଯ ଓ ଲୁଗାପଟା ଠିକ୍ କରୁ କରୁ ଜେନ୍ ମନରେ ନାନା ଦୁର୍ଭାବନା ଆସି ବସା ବାନ୍ଧିଲା ।

ପୁଅକୁ ଛାଡ଼ି ସେ କ'ଣ ଯାଇ ପାରିବ ? ଲୋକଟା ଭଲ କି ମନ୍ଦ କିଏ ଜାଣେ ? ତଥାପି—ଏ ପଶୁ ହାତରୁ ମୁକ୍ତି ପାଇବା ବର୍ତ୍ତମାନ ଏକମାତ୍ର ଆବଶ୍ୟକତା । ଏଠାରେ ଜୀବନ ଓ ସମ୍ମାନ, କୌଣସିଟା ନିରାପଦ ନୁହେଁ । ଭବିଷ୍ୟତର ଅନିଶ୍ଚିତତା ବରଂ ଭଲ—କିନ୍ତୁ ନିଶ୍ଚିତ ନିର୍ଯ୍ୟାତନା ସହ୍ୟ କରି ହେବ ନାହିଁ ।

ରାତି ଅଧରେ ଦ୍ୱାରରେ କରାଘାତ ଶୁଣାଗଲା । ଜେନ୍ ଦ୍ୱାର ଖୋଲି ଦେଖିଲା--ଆଣ୍ଡରସନ୍ ଗୋଟାଏ ବୁଜୁଳା ହାତରେ ଧରି ଅନ୍ୟ ହାତରେ ଚୁପ୍ ରହିବାକୁ ଇସାରା ଦେଉଛି ।

ଆଣ୍ଡରସନ୍ କମ୍ବଳ ଗୁଡ଼ା ଯାଇଥିବା ସେହି ବୁଜୁଳାଟିକୁ ଜେନ୍ ବଢ଼ାଇ ଦେଲା ।

"ଏଇ ତୋର ପୁଅ--"

Digitized by srujanika@gmail.com

ଜେନ୍ ଚମକି ପଡ଼ିଲା । ତା'ର ଦେହ ଯେପରିକି ହଠାତ୍ ବସନ୍ତର ପଲ୍ଲବପରି ଉଲ୍ଲସି ଉଠିଲା । ପିଲାଟାକୁ ଗୁଣ୍ଡରେ ଜାକି ସେ କ୍ଷଣକାଳ କିଂକର୍ତ୍ତବ୍ୟବିମୂଢ଼ ହୋଇ ଠିଆ ହୋଇ ରହିଲା ।

କ୍ୟାବିନ୍‌ରୁ ବାହାରି ଦୁହେଁ ସିଢ଼ିଦେଇ ଜାହାଜ ତଳକୁ ଓହ୍ଲାଇଲେ । ଡଙ୍ଗାରେ ଚଢ଼ିବା ମାତ୍ରେ ଆଣ୍ଡରସନ୍ ଆହୁଲା ଚଳାଇ ଡଙ୍ଗା ବାହିନେଲା ।

ଉଗାମ୍ବୀ ନଈ ବହିଯାଉଛି । ତାର ଦୁଇ ପାଖରେ ନିବିଡ଼ ଜଙ୍ଗଲ । ଗଛ ଡାଳ ସବୁ ନଦୀ ଭିତରକୁ ଲମ୍ବି ଆସିଛି । କୂଳରେ ବଡ଼ ବଡ଼ ଘାସ ଗଛ କୂଳର ସ୍ଥଳଭୂମିକୁ ଆଚ୍ଛାଦିତ କରି ରଖିଛି ।

ନଦୀରେ କୁମ୍ଭୀର ଦଳ ଓ ଜଳହାତୀଦଳ ଏଠିସେଠି ବୁଲିବୁଲି କରୁଛନ୍ତି । କୂଳର ଜଙ୍ଗଲରୁ ଭାସି ଆସୁଛି ହାୟେନାର ବିକଟ ଚିତ୍କାର, ବାଘର ଭୟଙ୍କର ଗର୍ଜନ, ସିଂହର ରଡ଼ି—

ଆକାଶରେ ଚନ୍ଦ୍ର ଉଠିଛି, କିନ୍ତୁ ନଦୀର ବକ୍ଷ ନିତାନ୍ତ ଅନ୍ଧକାର । ଗୁଳି ଓ ଆଲୁଅର ସେଇ ଝାପ୍ସା ପରିବେଶ ଭିତରେ ସେମାନେ ଆଗେଇ ଚାଲି ଥାଆନ୍ତି ଏକ ଅଜଣା, ଅଶୁଣା ସ୍ଥାନ ଆଡ଼କୁ ।

ଶେଷକୁ ଡଙ୍ଗା ଗୋଟାଏ ବସ୍ତି ନିକଟରେ ଅଟକିଲା । ଆଣ୍ଡରସନ୍ "ନିଗ୍ରୋ" ଭାଷାରେ ଆଦିମଅଧିବାସୀଙ୍କୁ ଡାକିବାକୁ ଲାଗିଲା । ଜେନ୍ ଆଶ୍ଚର୍ଯ୍ୟହୋଇ ଦେଖିଲା ଯେ ଆଣ୍ଡରସନ୍ ନିଜକୁ ଯେତେ ବୋକା ଦେଖାଇ ହୁଏ ପ୍ରକୃତରେ ସେ ସେତେ ବୋକା ନୁହେଁ । ଲୋକଟା ପ୍ରତି କୃତଜ୍ଞତାରେ ତା'ର ଅନ୍ତର ପୂରି ଉଠିଲା ।

କିନ୍ତୁ ମନରେ ତାର କେଉଁଠି ଟିକିଏ ସନ୍ଦେହର କାଳିମା ରହି ରହି ମଝିରେ ମଝିରେ ଉଙ୍କି ମାରୁଥାଏ ।

Digitized by srujanika@gmail.com

ଆଣ୍ଡରସନ୍ ଲୋକଟାର ଉଦ୍ଦେଶ୍ୟ କଣ ହୋଇପାରେ ?

ଗୋଟିଏ ସ୍ତ୍ରୀଲୋକ ସେମାନଙ୍କୁ ଅଭ୍ୟର୍ଥନା ଜଣାଇବା ପାଇଁ ସେଠାରେ ଉପସ୍ଥିତ ଥିଲା । ଜେନ୍ ବୁଝିପାରିଲା—ତା ପୂର୍ବବଦନ ରସିଦ ସଂଗ୍ରହ କରିବାକୁ ଆସି ଆଣ୍ଡରସନ୍ ତାର ଯୋଜନା ଆଗରୁ ପ୍ରସ୍ତୁତ କରି ରଖି ସାରିଥିଲା ।

ରାତରେ ଗୋଟାଏ ଅନ୍ଧାର କୁଡ଼ିଆ ଭିତରେ ଜେନ୍ ବିଶ୍ରାମ ନେଲା । ଗୃହଆଡ଼େ ମଶା ଓ ଡାଉଁଶରେ ପଲ । ଜଙ୍ଗଲର ଅଭ୍ୟନ୍ତରରେ ନାନା ଧ୍ୱନି—ନାନା ବିକଟ ଚିତ୍କାର ।

ତଥାପି ଘୋର କ୍ଳାନ୍ତ ଓ ପରିଶ୍ରମ ହେତୁ ସଙ୍ଗେ ସଙ୍ଗେ ନିଦ ମାଡିଆସିଲା । ଆଣ୍ଡରସନ୍ ମଧ୍ୟ କୁଡ଼ିଆ ନିକଟରେ କମ୍ବଳ ବିଛାଇ ମୁହୂର୍ତ୍ତକ ମଧ୍ୟରେ ଘୁଙ୍ଗୁଡ଼ି ମାରିବାକୁ ଆରମ୍ଭ କରି ଦେଲା ।

ସୂର୍ଯ୍ୟ କିରଣ ପଡ଼ିବାମାତ୍ରେ ଜେନ୍ ଉଠି ବସିଲା । ସ୍ତ୍ରୀ ଲୋକଟିଏ ପାଖରେ ଗୋଟାଏ ଲାଉ ତୁମ୍ବାଟିରେ ଦୁଧଧରି ଠିଆ ହୋଇଛି । କୁଡ଼ିଆରେ ସେତେବେଳକୁ ଅନ୍ଧାର ପୂରି ରହିଛି । ଜେନ୍ ନିଜେ ସାମାନ୍ୟ ଦୁଧ ପିଇ, ଛୁଆଟାକୁ ଟିକିଏ ଦୁଧ ଦେଲା । ଅବଶିଷ୍ଟ ଦୁଧ ଆଣ୍ଡରସନ୍ ଉଦରସାତ୍ କରିଦେଲା ।

ସକାଳର ସୂର୍ଯ୍ୟ କିରଣରେ ଜେନ୍ ନିଜ ପୁଅ ମୁହଁରୁ ଲୁଗା କାଢି ଦେଲା ।

ଏବଂ ସେ କଣ ଦେଖିଲା କେଜାଣି ହଠାତ୍ ଗୋଟାଏ ବିକଳ ଚିତ୍କାର କରି ଜେନ୍ ମୂର୍ଚ୍ଛିତା ହୋଇ ଭୂଇଁରେ ପଡ଼ିଗଲା ।

Digitized by srujanika@gmail.com

ବାଘର ଆଦମ ଅଧିବାସୀମାନଙ୍କ ମନରୁ ଭୟ ଟିକିଏ କମିଗଲା । ବାଘଟାକୁ ଦେଖିବାମାତ୍ରେ ସେମାନେ ବୁଝିପାରିଲେ ଯେ ସେମାନଙ୍କର ଧନୁ ଶର ଓ ବର୍ଚ୍ଛା ନିକଟରେ ବାଘର ଶକ୍ତି କିଛି ନୁହେଁ ।

ନିକୋଲସ୍ ଚିତ୍କାର କଲା—ମାର—ମାର—ମୁଖିଆ ମଧ୍ୟ ଗର୍ଜି ଉଠିଲା—ବାଘଟାକୁ ମାର୍ ।

ଆଦିବାସୀ ଯୋଦ୍ଧାମାନେ ବର୍ଚ୍ଛା ଧରି ଆଗେଇ ଆସିଲେ । ବାଘ ମଧ୍ୟ ଆକ୍ରମଣ ଭଙ୍ଗୀରେ ଗର୍ଜ୍ଜନ କଲା ।

ଠିକ୍ ଏତିକିବେଳେ ଦେଖାଗଲା ଯେ ପ୍ରବେଶ ଦ୍ୱାରର କୁଡ଼ିଆ ନିକଟରୁ ବାହାରୁଛି ଗୋଟାଏ ବଣମଣିଷ ।

ଦୈର୍ଘ୍ୟ ପାଞ୍ଚ ଫୁଟରୁ ବେଶୀ । ମଶାଲର ଆଲୁଅରେ ଛାଇଟା ତାର ବିକଟାଳରୂପ ଧାରଣ କରିଛି ।

ତା ପଛକୁ ବାହାରିଲା ଆଉ ଗୋଟାଏ—

ତା ପଛରେ ଆଉ ଏକ ବଣମଣିଷ ।

ମୁଖିଆ ମଞ୍ଚାଉପରୁ ତଳକୁ ଡେଇଁ ଏକା ନିଆଁକେ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଲା । ଆଦମଅଧିବାସୀ ଗୁଡ଼ାକ ଏପଟେ ସେପଟେ ଯେ ଯେଉଁ ଆଡ଼କୁ ପାଇଲା ଦୌଡ଼ିବାକୁ ଲାଗିଲେ ।

ବାଘ ଦୁଇ ତିନିଟାକୁ ଧରି ନଖ ଓ ଦାନ୍ତରେ ଚିରିପକାଇଲା । ବଣମଣିଷ ଦଳର ଦଳପତି ଆଉ ଦୁଇଟାକୁ ଟେକି ଛେଚି ତାଙ୍କର ପ୍ରାଣ ନେଲା ।

Digitized by srujanika@gmail.com

ସ୍ତ୍ରୀ, ପିଲା, ଯୋଦ୍ଧା, ବୁଢ଼ା, ବୁଢ଼ୀ, ତରୁଣ, ତରୁଣୀ ଘୋର କୋଳାହଳ କରି ଜଙ୍ଗଲକୁ ପଳାଇଲେ । ବସ୍ତି ନିର୍ଜ୍ଜନ ହୋଇଗଲା ।

ଟାରଜନ୍ ଦେହକୁ ଲାଗି ବାଘ ନିଜ ଦେହକୁ ଘଷି ଘଷି ମନର ଆନନ୍ଦରେ ତାକୁ ଗୁଡ଼ିଗଲା । ବଣମଣିଷଦଳ ତାର ଚାରିଆଡ଼େ ଘେରିଗଲେ ।

କିନ୍ତୁ ନିଜର ବନ୍ଧନ ଦଉଡ଼ିକୁ କାଟିବା ପାଇଁ ସେ ସେମାନଙ୍କୁ ଯେତେ ଇସାରା ଦେଲା ତା'କଥା କେହି ବୁଝିଲେ ନାହିଁ । ବାଘ କିମ୍ବା ବଣମଣିଷ କାହାରି ମୁଣ୍ଡରେ—ସେ ଯେ ବନ୍ଧନରେ ପଡ଼ିଛି ଓ ତାକୁ ମୁକୁଳାଇବା ପାଇଁ ସେମାନଙ୍କର ପ୍ରଧାନ କର୍ତ୍ତବ୍ୟ—ଏଇ ସାମାନ୍ୟ କଥାଟା ପଶିଲା ନାହିଁ ।

ରାତି ପାହି ସକାଳ ହେଲା । ସିନ୍ଦୂରାଫାଟିବା ମାତ୍ରେ ବଣର ଜନ୍ତୁମାନଙ୍କର ଶବ୍ଦ କର୍ଣ୍ଣ ଆସିଲା । ଚଢ଼େଇମାନେ ଉଡ଼ିବୁଲି ଚିତ୍କାର କରିବାକୁ ଲାଗିଲେ ।

ଟାରଜନ୍ ପ୍ରମାଦ ଗଣିଲା । ଘୋର ବିରକ୍ତିରେ ସେ ନିଜର ଏଇ ବୋକାବନ୍ଧୁ ଗୁଡ଼ିକୁ ଖାଲି ଚାହିଁ ରହିଥିଲା । ସେମାନେ ଅବା କଣ କରିବେ ? ବାଘଟା ଯେ ଟାରଜନ୍ ପାଖରୁ ଯାଇ ଅନ୍ୟମାନଙ୍କୁ ଡାକି ଆଣିଛି ସେ କଥା ଜାଣିବା ମାତ୍ରେ ସ୍ନେହରେ ଟାରଜନ୍‌ର ଅନ୍ତର ପୂରି ଉଠିଲା । ବଣମଣିଷର ଦଳ ଯେ ତା ପାଇଁ ପ୍ରାଣ ଦେବେ ଏଥିରେ ତାର ସନ୍ଦେହର ଅବକାଶ ନଥିଲା । କିନ୍ତୁ ତାକୁ ବନ୍ଧନରୁ ମୁକୁଳାଇବା କଥା ଥିଲା ସେମାନଙ୍କ ଚିନ୍ତାର ବାହାରେ ।

ସକାଳ ହେବାମାତ୍ରେ ଆଦିବାସୀ ଦଳ ଗାଁକୁ ଫେରିଲେ । ପ୍ରାଚୀର ପାଖରେ ଜମା ହୋଇ ପାଟି ତୁଣ୍ଡ କଲେ । ପାଟି ତୁଣ୍ଡ କରି ସାହସ ସଞ୍ଚୟ କରି ସେମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିଲେ ।

Digitized by srujanika@gmail.com

ଅଳ୍ପ ସମୟ ପରେ ହୁଏତ ସେମାନେ ସେମାନଙ୍କ ଗାଁରେ ପ୍ରବେଶ କରିବେ । ଅଳ୍ପ କେଇଟା ବଣମଣିଷ ଓ ଗୋଟାଏ ବାଘ, ଏତେ ଗୁଡ଼ାଏ ବର୍ବର ନର ଖାଦକଙ୍କ ନିକଟରେ କିଛି ନୁହନ୍ତି । ରାତିରେ ଅନ୍ଧାରରେ ସେମାନେ ବେଶି ଡର ପାଇଥିବାରୁ ସିନା ପଳାଇଥିଲେ । ବର୍ତ୍ତମାନ ଦିବାଲୋକରେ ସେମାନେ ଯେ ଶେଷ ପର୍ଯ୍ୟନ୍ତ ନିଜର ଗ୍ରାମକୁ ଅଧିକାର କରିବା ପାଇଁ ଯୁଦ୍ଧ କରିବେ ଏଥିରେ ଟାରଜନ୍ ମନରେ ସନ୍ଦେହର ଅବକାଶ ନଥିଲା ।

ଆଦିବାସୀମାନେ ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ମାଡ଼ି ଆସିଲେ । ଗେଟ୍ ପାଖରେ ପହଞ୍ଚିବା ମାତ୍ରେ ଟାରଜନ୍ ରଡ଼ି ଛାଡ଼ିଲା—

ବଣମଣିଷ ଗୁଡ଼ାକ ଗର୍ଜି ଉଠିଲେ । ବାଘର ଗର୍ଜନ ସେମାନଙ୍କ ଗର୍ଜନ ସହିତ ମିଶିଗଲା ।

ଆଦିବାସୀଗୁଡ଼ାକ ପଳାଇ ଗଲେ ।

କିନ୍ତୁ କିଛି ସମୟ ପରେ ପୁଣି ସେମାନେ ସାହସ ସଂଗ୍ରହ କରି ଆକ୍ରମଣର ଭଙ୍ଗୀରେ ଦ୍ୱାର ନିକଟକୁ ମାଡ଼ି ଆସିଲେ ।

ଏଥର ଆଉ ରକ୍ଷା ନାହିଁ । ଟାରଜନ୍‌ର ହାତ ଗୋଡ଼ ବନ୍ଧା । ଏକାଥରକେ ତାର ପ୍ରାଣ ଯିବ । ଆଉ ଏଇ ଜାନୁଆର ଗୁଡ଼ାକ ବା କେତେ ସମୟ ଲଢ଼ିବେ ।

ଟାରଜନ୍ ପୁଣି ଚିତ୍କାର କଲା । କିନ୍ତୁ ତାର ଚିତ୍କାରର ପ୍ରତିଧ୍ୱନି ସବୁ ଆଦିମ ନରଖାଦକଙ୍କ ଉପରେ ପଡ଼ିବା ପୂର୍ବରୁ ଟାରଜନ୍ ଦେଖିଲା ଯେ ମୁଗାମ୍ବୀ କୁଡ଼ଆଆଡ଼ୁ ଧାଇଁଛି ।

ମୁଗାମ୍ବୀକୁ ଦେଖି ଟାରଜନ୍ ଆଶ୍ୱସ୍ତ ହେଲା । ମୁଗାମ୍ବୀ ସଙ୍ଗେ ସଙ୍ଗେ ଛୁରୀରେ ଟାରଜନ୍‌ର ଦଉଡ଼ି କାଟି ପକାଇଲା ।

Digitized by srujanika@gmail.com

ଘୋର ଯୁଦ୍ଧ ଆରମ୍ଭ ହୋଇଗଲା । ଗୋଟାଏ ଆଦିବାସୀ ହାତରୁ ବର୍ଚ୍ଛା ଛଡ଼ାଇ ସେ ସେମାନଙ୍କୁ ଗୋଟି ଗୋଟି ନିପାତ କରିବାକୁ ଲାଗିଲା ।

କ୍ଷଣକ ମଧ୍ୟରେ ବହୁ ବର୍ବର ନିହତ ହେଲେ । ଅନ୍ୟମାନେ ପଳାଇ ବଣରେ ଲୁଚିଲେ । ଟାରଜନ୍ ଗୋଟାଏ ବର୍ବରକୁ ଧରି ତାଠାରୁ ବୁଝିଲା ଯେ ନିକୋଲାସ୍ ସେଠାରୁ ପଳାଇ ଯାଇଛି । ଆଦିମ ଅଧିବାସୀଙ୍କ ସହିତ ମିଶି ଯୁଦ୍ଧ କରିବାକୁ ଆସିବା ତାର ଭୀରୁ ସ୍ୱଭାବର ସମ୍ପୂର୍ଣ୍ଣ ବିପରୀତ । ଟାରଜନ୍ ଭଳି ସାକ୍ଷାତ ଯମ ନିକଟକୁ ସେ ବା କେଉଁ ସାହସରେ ଆସନ୍ତା ?

ପୁଣି ଅପରନ୍ତ ଯାତ୍ରା ଆରମ୍ଭ ହେଲା । ଟାରଜନ୍ ଜଙ୍ଗଲରେ ଯାହାକୁ ପାଇଲା ତାକୁ ଧରି ତା ନିକଟରୁ ନିକୋଲାସ୍‌ର ଖବର ସଂଗ୍ରହ କରିବାକୁ ଲାଗିଲା । ନିକୋଲାସର ଗନ୍ତବ୍ୟପଥର ସନ୍ଧାନ ସେ ପାଇଲା ସତ—କିନ୍ତୁ ନିଜ ପୁଅ ସମ୍ବନ୍ଧରେ ତାକୁ କେହି କିଛି କହି ପାରିଲେ ନାହିଁ ।

ଏହିପରି ନିରୁଦ୍ଦିଷ୍ଟ ଭାବରେ ନଈର କୂଳେ କୂଳେ ନିକୋଲାସ୍‌ର ଅନୁସନ୍ଧାନରେ ବୁଲି ବୁଲି ଟାରଜନ୍ ହଠାତ୍ ଦେଖିଲା ଯେ ଗୋଟାଏ ବର୍ଚ୍ଛା ଧରି ଜଣେ ଆଦିମଅଧିବାସୀ ଗୋଟାଏ ଦିଗକୁ ଦୌଡ଼ି ଯାଉଛି ।

ଅଳ୍ପ ଦୂରରେ ଜଣେ ଗୋରା ଲୋକ ତଳେ ପଡ଼ି ରହିଛି ।

ଟାରଜନ ଖରବେଗରେ ଛୁଟିଯାଇ ଆଦିବାସୀର ହାତରୁ ବର୍ଚ୍ଛା ଛଡ଼ାଇନେଲା ଆଦିବାସୀ କ୍ରୋଧ ଧରି ତାକୁ ଆକ୍ରମଣ କଲା । ଦୁହେଁ ଘୋର ଦ୍ୱନ୍ଦ ଯୁଦ୍ଧରେ ଲାଗିଗଲେ । କିନ୍ତୁ ଟାରଜନ୍ ନିକଟରେ ଆଦିବାସୀର ଶକ୍ତି କେତେ ! ଅଳ୍ପ ସମୟ ଭିତରେ ଟାରଜନ୍

Digitized by srujanika@gmail.com

ଆଘାତରେ ତାର ପ୍ରାଣହୀନ ଶରୀର ଖଣ୍ଡ ବିଖଣ୍ଡ ହୋଇ ଭୂଇଁରେ ଲୋଟି ପଡ଼ିଲା ।

ଗୋରା ଲୋକ ନିକଟକୁ ଯାଇ ଟାରଜନ ଦେଖିଲା ଯେ ଲୋକଟା ଆଉ କେହି ନୁହେଁ—ଆଣ୍ଡ୍ରେସନ୍ ।

ଟାରଜନ ମନରେ ସଙ୍ଗେ ସଙ୍ଗେ ସବୁକଥା ଦିବାଲୋକ ପରି ସ୍ପଷ୍ଟ ହୋଇ ଉଠିଲା । ତାର ସ୍ତ୍ରୀ କଥା ନିକୋଲାସ କହୁଥିଲା । ବୋଧହୁଏ ଏହି ଆଣ୍ଡ୍ରେସନ ତାର ସ୍ତ୍ରୀ ଓ ପୁଅକୁ ଧରି ଜାହାଜରୁ ପଳାଇ ଆସିଛି । ନଚେତ୍ ନିକୋଲାସର ଲୋକମାନଙ୍କ ମଧ୍ୟରେ ଆଣ୍ଡ୍ରେସନ୍ ନିଶ୍ଚୟ ରହିଥା'ନ୍ତା । ଯେଉଁ ଲୋକମାନେ ଟାରଜନ୍‌କୁ ଖବର ଦେଇ ଥିଲେ ଯେ ଜଣେ ଗୋରା ଲୋକ—ଜଣେ ସ୍ତ୍ରୀ ଓ ଗୋଟିଏ ପିଲାକୁ ନେଇ ଆଗେ ଆଗେ ଛୁଟିଛି । ସେମାନେ କିଛି ମିଛ କହି ନଥିଲେ ।

ନିକଟକୁ ଆସି ଟାରଜନ ଦେଖିଲା ଯେ ଆଣ୍ଡ୍ରେସନ ଯନ୍ତ୍ରଣାରେ ଛଟପଟ ହେଉଛି । ତଥାପି ଟାରଜନ୍ ମନରେ ଏହି ଲୋକଟା ପ୍ରତି ପ୍ରଚଣ୍ଡ ଘୃଣା ଭାବ ଜାତ ହୋଇ ଯାଇଥିଲା ।

ଲୋକଟା ତା ସ୍ତ୍ରୀ ପ୍ରତି ଯେ ନିଶ୍ଚୟ ଅସଦ୍‌ବ୍ୟବହାର କରିଛି । ଏଥିରେ ତାର ତିଳେହେଲେ ସନ୍ଦେହ ନଥିଲା—

"ମୋ ସ୍ତ୍ରୀ ଓ ମୋର ପୁଅ କେଉଁଠାରେ ? କେଉଁଠାରେ ସେମାନଙ୍କୁ ତୁ ଲୁଚାଇ ରଖିଛୁ ? କହ—ନଚେତ୍ ଏଇ ମୁହୂର୍ତ୍ତରେ ମୁଁ ତୋତେ ଶେଷ କରି ଦେବି ।"

ଟାରଜନ୍ ଏଇ କଥା କହୁ କହୁ ଦେଖିଲା ଯେ ଆଣ୍ଡ୍ରେସନ ଛାତିରେ ଗୋଟିଏ ଶର । ବିଷଲିପ୍ତ ଶରଟା ବହୁ ଦୂରକୁ ଚାଲି ଯାଇଛି । ରକ୍ତ ଜମି ଭୂଇଁ ଲାଲ ହୋଇଯାଇଛି ।

Digitized by srujanika@gmail.com

ଆଣ୍ଡରସନ କଥା କହି ପାରିଲା ନାହିଁ । ଗୁଡ଼ିକୁ ଗୁପିଧରି ସେ କହିଲା—

"ତୁମ ସ୍ତ୍ରୀ ଓ ପିଲାଙ୍କୁ ମୁଁ ସେହି ବର୍ବର ନିକୋଲାସ୍ ହାତରୁ ରକ୍ଷା କଲି—ଅଥଚ—ଅଥଚ—"

ଝାରଜନ୍ ମରଣମୁଖୀ ସେହି ଲୋକଟିର କଥାରେ ଆଉ ଅବିଶ୍ୱାସ କରିପାରିଲା ନାହିଁ । ପ୍ରଚଣ୍ଡ ଘୃଣା—ମୁହୂର୍ତ୍ତକ ମଧ୍ୟରେ ଅତି ବ୍ୟଥାତୁର କରୁଣାରେ ପରିଣତ ହୋଇଗଲା । ସେ ବସିପଡ଼ି ଆଣ୍ଡରସନ୍‌ର ମୁଣ୍ଡଟାକୁ ଟେକି ନିଜ ଜଙ୍ଘରେ ଥୋଇଲା—

"ବର୍ତ୍ତମାନ ସେମାନେ କେଉଁଠି—" ଅତି ଉତ୍କଣ୍ଠାର ସହିତ ଝାରଜନ୍ ପ୍ରଶ୍ନ କଲା ।

"ଓଃ—ବହୁତ କଷ୍ଟ—ମୋତେ—ତୁମେ ମାରି ଦିଅ—"

ମୁହୂର୍ତ୍ତକ ପୂର୍ବରୁ ବୋଧହୁଏ ସେ କଥା କରିବାକୁ ଝାରଜନ୍ ଟିକେହେଲେ କୁଣ୍ଠାବୋଧ କରି ନଥାନ୍ତା, କିନ୍ତୁ ବର୍ତ୍ତମାନ କେଉଁ ପାଷାଣ୍ଡର ହାତପିବ ନିଜର ଉପକାରୀ ବନ୍ଧୁର ମୃତ୍ୟୁର କାରଣ ହେବାକୁ—

ଆଣ୍ଡରସନ୍ ଶେଷଥର ପାଇଁ ଆଖି ଖୋଲିଲା—ସେମାନଙ୍କୁ ନିକୋଲାସ୍ ଧରି ନେଇଛି ।

ଏଇତକ କଥା କହୁ କହୁ ଆଣ୍ଡରସନ୍ ପାଟିରୁ ଝଲ୍‌କାଏ ରକ୍ତ ବାହାରି ଗଲା ଓ ତାର ମୁହଁଟା ଗୋଟାଏ ଦିଗକୁ ଢଳି ପଡ଼ିଲା—

Digitized by srujanika@gmail.com

★

ଟାରଜନ୍ ଆଣ୍ଡରସନ୍‌ର ଶବକୁ କବର ଦେଇ କିଛି ସମୟ ଥକ୍‌କା ହୋଇ ରହିଗଲା ।

କଦର୍ଯ୍ୟ ରୂପଭେକ ଭିତରେ ଆଣ୍ଡରସନ୍ ଗୋଟାଏ ସୁନାର ହୃଦୟ ଲୁଚାଇ ରଖିଥିଲା । ଜଣେ ନିଃସହାୟ ସ୍ତ୍ରୀଲୋକ ଓ ତାର ପୁଅକୁ ରକ୍ଷା କରିବାକୁ ଯାଇ ସେ ପ୍ରାଣର ଆହୁତି ଚଢ଼ାଇଦେଲା ।

ଏହାଠାରୁ ବଳି ସାର୍ଥକତା ଦୁନିଆରେ ଆଉ କଣ ଅଛି ?

ଆଖିରେ ଲୁହ ଓ ହୃଦୟରେ ଦରଦନେଇ ଟାରଜନ୍ ସେହି ସ୍ଥାନରୁ ବିଦାୟ ଗ୍ରହଣକଲା ।

ବର୍ତ୍ତମାନ ସେ ନିଃସନ୍ଦେହରେ ଜାଣି ପାରିଥିଲା ଯେ ନିକୋଲାସ ତାର ସ୍ତ୍ରୀ ଓ ପୁଅକୁ ନେଇ ପଳାଇ ଯାଇଛି । ଟାରଜନ୍‌ର ଡରରେ ସେ ଯେ ବହୁବହୁ ଦୂରକୁ କ୍ଷିପ୍ର ଗତିରେ ଯାଇଥିବ ସେଥିରେ ସନ୍ଦେହ କରିବାର କାରଣ ନାହିଁ ।

ପୁଣି ବିପଦସଙ୍କୁଳ ଯାତ୍ରା ଆରମ୍ଭ ହେଲା । ନିକୋଲାସ୍‌ର ଗତିପଥ ଅନୁସରଣ କରିବା ଟାରଜନ୍ ପକ୍ଷରେ ନିତାନ୍ତ ଅସମ୍ଭବ ବ୍ୟାପାର ନ ଥିଲା । ଜଙ୍ଗଲର ସାମାନ୍ୟତମ ଶୃଙ୍ଖଳା ଦେଖିଲେ ସେ ସେହିପଥ ଦେଇ ଯାଇଥିବା ପ୍ରାଣୀ ସମ୍ବନ୍ଧରେ ସବୁକଥା ଜାଣିପାରୁ ଥିଲା । ଘ୍ରାଣଶକ୍ତି ତାର ଥିଲା ଅତି ପ୍ରଖର । ପୁଣି ପଦଚିହ୍ନ ଦେଖି ଗତିପଥ ଅନୁସରଣ କରିବା ତା ପାଇଁ ଯେ ଏକ ନିତାନ୍ତ କଠିନ କାର୍ଯ୍ୟ ଥିଲା । ତା ମଧ୍ୟ ନୁହେଁ ।

Digitized by srujanika@gmail.com

କିନ୍ତୁ ତାର ସମସ୍ତ ଯୋଜନାକୁ ବ୍ୟର୍ଥକରି ଆରମ୍ଭ ହୋଇଗଲା ବର୍ଷା । ଗ୍ରୀଷ୍ମପାତ ବର୍ଷା—ଦିନପାତ ବର୍ଷା—ଘଡ଼ଘଡ଼ି ଚଡ଼ଚଡ଼ି—ବିଜୁଳି ଏବଂ ଘୋର ପବନ ସମସ୍ତ ମିଶି ସେ ଜଙ୍ଗଲରେ ଯେମିତି ଏକ ପ୍ରଳୟର ସୃଷ୍ଟି କଲେ ।

ଏବଂ ଟାରଜନ ଗୋଟାଏ ସ୍ଥାନରେ ବସି ବସି ଅତି ଶଙ୍କାକୁଳ ମନରେ ଦିନ କଟାଉଥିଲା । ପୁଅର କଥା ଭାବିଭାବି ଆଖିରେ ତାର ପଲକ ପଡ଼ୁ ନ ଥିଲା । ନିକୋଲାସ୍ ସାଥିରେ ତାର ସ୍ତ୍ରୀ ଅଛି ଏକଥା ଚିନ୍ତା କରିବା ମାତ୍ରେ ରକ୍ତ ସବୁ ଜମାଟ ବାନ୍ଧି ଯାଉଥିଲା ।

ଅଥଚ କୌଣସି କାର୍ଯ୍ୟ କରିବାର ଆଉ ଉପାୟ ନଥିଲା ତାର ବର୍ଷା ପରେ ବର୍ଷା—ସାତ ଦିନ ଧରି ଅବିଶ୍ରାନ୍ତ ଭାବରେ ଝଡ଼ ଓ ବର୍ଷା ଲାଗି ରହିଲା ।

ବଣ ଭିତରର ସମସ୍ତ ସଙ୍କେତ ବର୍ଷା ସାହିତ ଧୋଇ ହୋଇଗଲା । ନିକୋଲାସ କେଉଁଆଡ଼େ ଗତି କରିଛି ତା ନିର୍ଣ୍ଣୟ କରିବା ବର୍ତ୍ତମାନ କାଠିକର ପାଠ ।

ସାତଦିନ ପରେ ବର୍ଷା ଯେତେବେଳେ ଥମିଗଲା—ଟାରଜନ୍ ଅନୁଭବକଲା ଯେ ସେ ପ୍ରଥମଥର ପାଇଁ ଜଙ୍ଗଲରେ ନିଜକୁ ହଜାଇ ଦେଇଛି ।

ଆଉ କିଛି ଉପାୟ ନାହିଁ । ନିକୋଲାସ୍‌ର ଚିହ୍ନ ନାହିଁ କି ବର୍ଣ୍ଣ ନାହିଁ । ତାର ସଙ୍ଗୀ ବଣମଣିଷଦଳ ଓ ଶିତାବାଘ ତାର ଗତିପଥ ଅନୁସରଣ କରି ଆସିବାର ମଧ୍ୟ ଆଉ ଉପାୟ ନାହିଁ ।

ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ଏକାକୀ ଘୋର ଜଙ୍ଗଲ ଭିତରେ ଏକ ପଥହରା ପ୍ରାଣୀ ।

Digitized by srujanika@gmail.com

ଏହି ସବୁ କଥା ଚିନ୍ତା କରୁକରୁ ସେ ଗଡ଼ କରୁଥିଲା । ସେଇ ଘୋର ଅରଣ୍ୟ ମଧ୍ୟରେ । ବହୁଦିନ ପରେ ସେ ଦଳେ କୃଷ୍ଣକାୟ ଆଦିମଅଧିବାସୀଙ୍କର ଦେଖା ପାଇଲା ।

ଗଛରୁ ତଳକୁ ଡେଇଁ ସେ ଦଳ ଭିତରେ ଯେମିତି ପଶିଛି— ବର୍ବର ଗୁଡ଼ାକ ପ୍ରାଣ ବିକଳରେ ଯେ ଯେଉଁଆଡ଼େ ପାଇଲେ ପଳାଇବାକୁ ଲାଗିଲେ । କେବଳ ଗୋଟାଏ ତରୁଣ ଯୋଦ୍ଧା ଆଦିବାସୀକୁ ଟାରଜନ ଧରି ପକାଇବାକୁ ସକ୍ଷମ ହେଲା ।

ଧରା ପଡ଼ିବା ପରେ ଲୋକଟା ଏତେ ଡରି ଯାଇଥିଲା ଯେ ତାକୁ ଜୋର୍‌ରେ ହଲାଇଲେ ମଧ୍ୟ ତା ପାଟିରୁ କଥା ବାହାରୁ ନଥିଲା ।

ବହୁ ସାନ୍ତ୍ୱନା ଦେବାପରେ ଲୋକଟା କଥା କହିଲା ।

ଟାରଜନ୍ ତାକୁ ପଚାରି ବୁଝିଲା ଯେ ନିକୋଲାସ୍ ଅଳ୍ପ ଦିନ ପୂର୍ବରୁ ସେଇ ବାଟଦେଇ ଯାଇଛି ।

ଟାରଜନ୍ ଆଉ କିଛି ଖବର ସଂଗ୍ରହ କରିବା ଅଭିପ୍ରାୟରେ ଯୋଦ୍ଧାକୁ ଧରି ଆଦିମଅଧିବାସୀଙ୍କ ବସ୍ତିରେ ପହଞ୍ଚିଲା ।

ତାକୁ ବସ୍ତିରେ ଦେଖିବା ମାତ୍ରେ ସମସ୍ତ ଆଦିମ ଅଧିବାସୀ ଭୟରେ ଗୁହାଁଆ ହୋଇ ପଳାଇଯାଇ କିଏ କେଉଁଠାରେ ଲୁଚିଗଲେ ବହୁ କଷ୍ଟରେ ଟାରଜନ୍ ସେଇ ତରୁଣ ଯୋଦ୍ଧା ସାହାଯ୍ୟରେ ସମସ୍ତଙ୍କୁ ଅଭୟଦେଇ ସେଠାରେ ଏକତ୍ରିତ କରାଇଲା ।

ପ୍ରଥମେ ଟାରଜନ୍ ସମ୍ମୁଖରେ ମୁଖିଆ ଆସି ହାଜର ହେଲା । ଟାରଜନ୍‌ର ପ୍ରଶ୍ନର ଉତ୍ତରରେ ସେ ନିକୋଲାସ୍ ସେଇ ବାଟଦେଇ ଯାଇଥିବା କଥା କହିଲା । କିନ୍ତୁ ସ୍ତ୍ରୀ କିମ୍ବା ପୁଅର କୌଣସି ଖବର ସେ ପାଇଲା ନାହିଁ । କେହି ହେଲେ ସେ ବିଷୟରେ ତାକୁ କିଛି

Digitized by srujanika@gmail.com

କହିଲା ନାହିଁ । ବସ୍ତିର ମୁଖିଆର ଚେହେରାରୁ ଜଣା ଯାଉଥିଲା ଯେ ଲୋକଟା ଗୋଟାଏ ଭୀଷଣ ମୁଣ୍ଡକଟା ଦଳର ସର୍ଦ୍ଦାର । ମସ୍ତିଷ୍କରେ ତାର ସଇତାନର ବୁଦ୍ଧି । ଚେହେରା ଦେଖିଲେ ଯେ କୌଣସି ଲୋକ ଭୟ କରିବ । ଟାରଜନ୍ ସ୍ପଷ୍ଟ ବୁଝିଲା ଯେ ନିକୋଲାସ୍ ସେମାନଙ୍କୁ ଟାରଜନ୍ କଥା କହି, ଟାରଜନ୍ ଯେ ଜଙ୍ଗଲର ଗୋଟାଏ ପ୍ରକାଣ୍ଡ ଭୂତ ଏଇ ଧାରଣା ସେମାନଙ୍କର କୁସଂସ୍କାରାଚ୍ଛନ୍ନ ମନରେ ଜନ୍ମାଇ ଦେଇଛି । ଭୟଟା ସେମାନଙ୍କର ପ୍ରକୃତିଗତ ତେଣୁ ସେମାନେ ଏତେଦୂର କାତର ହୋଇପଡ଼ନ୍ତି ।

ଆହୁରି କଥା ଆଦାୟ କରିବା ପାଇଁ ଟାରଜନ୍ ସେମାନଙ୍କ ବସ୍ତିରେ ରାତିଟା କଟାଇବାକୁ ସ୍ଥିର କଲା । କଥାଟା ଶୁଣି ମୁଖିଆ ସାଙ୍ଗେ ସାଙ୍ଗେ ଆନନ୍ଦରେ ଅଧୀର ହୋଇ ପଡ଼ିଲା ଏବଂ ଗୋଟାଏ କୁଡ଼ିଆରୁ ନିଜର ବୟସ୍କା ସ୍ତ୍ରୀକୁ ଘଉଡ଼େଇ ସେଠାରେ ଟାରଜନ୍‌ର ରହିବାର ବନ୍ଦୋବସ୍ତ କରିବାକୁ ଆଦେଶ ଦେଲା । ବିଗୁଣା ସ୍ତ୍ରୀଟିକୁ ରାତିରେ ଏକୁଟିଆ ଛାଡ଼ି ଟାରଜନ୍ ସେଇ କୁଡ଼ିଆରେ ନିଜର ଆସନ ପାତିବା କଥାଟାକୁ ପସନ୍ଦକଲା ନାହିଁ । ସ୍ଥିର ହେଲା—ଯୋଦ୍ଧାମାନଙ୍କ ଲାଗି ଉଦ୍ଦିଷ୍ଟ ଅନ୍ୟ ଏକ କୁଡ଼ିଆରେ ଟାରଜନ୍ ରହିବ ।

ଏହିପରି ଭାବରେ ଟାରଜନ୍ ମୁଖିଆର ଜନ୍ତାରେ ନିଜେ ନିଜକୁ ଧରାପକାଇଲା । ଟାରଜନ୍ କିପରି ଜାଣିବ ଯେ ତାକୁ ମାରି ତାର ଶବ ନେଇ ଦେଲେ ମୁଖିଆକୁ ବହୁ ପୁରସ୍କାର ଦେବ ବୋଲି ନିକୋଲାସ୍ ଆଗରୁ ଜବାବ କରିଯାଇଛି ।

ରାତି ଘନେଇ ଆସିଲା । ଟାରଜନ୍ କୁଡ଼ିଆରେ ନିଆଁ ଜାଳି ଘୁମାଇବାକୁ ଗଲା । ଜଣେ ସଙ୍ଗୀ ହେଲେ ନାନା କଥା ପକାଇ ତା'ଠାରୁ କଥା ଆଦାୟ କରିଯାଇ ପାରନ୍ତା କିନ୍ତୁ ଦଳେ ଯୋଦ୍ଧା

Digitized by srujanika@gmail.com

ମୁଣ୍ଡ କାଟି ଫେରିଥିଲେ । ସେଦିନ ରାତିରେ ସେମାନଙ୍କ ନାଚ ଓ ଭୋଜି ହେବାର କଥା । ସମସ୍ତେ ସେଥିରେ ଲାଗି ପଡ଼ିଥିଲେ ।

ମୁଖିଆ ଏହି ଅବସରରେ କେତେ ଜଣ ଯୋଦ୍ଧାଙ୍କୁ ପ୍ରସ୍ତୁତ କରୁଥିଲା ।

ଶେଯରେ ପଡ଼ି ପଡ଼ି ଆପେ ଆପେ ଟାରଜନ୍‌ର ଆଖି ମୁଦି ହୋଇ ଗଲା । କିନ୍ତୁ କିଛି ସମୟରେ ନିଜ ଶେଯ ପାଖରେ ସେ ଯେମିତି ଅନ୍ଧାରରେ କାହାର ଉପସ୍ଥିତି ଅନୁଭବ କଲା ।

ଚମକି ଉଠି ସେ ବର୍ଚ୍ଛାରେ ହାତ ପକାଇଲା—

"କିଏ ତୁ ?"

"ମୁ—ମୁଖିଆର ସେଇ ସ୍ତ୍ରୀ—ମୋ ନାଁ ତାମ୍ବୁଜା—"

"କଣ ତୋର ଦରକାର—?"

"ମୁଁ ତୋତେ ସାହାଯ୍ୟ କରିବାକୁ ଆସିଛି—କାରଣ ତୁ ମୋ ଘରେ ନ ଶୋଇ ମୋତେ ଦୟା କରିଛୁ ।"

"ତୁ ମୋତେ କି ସାହାଯ୍ୟ କରିବୁ ।"

"ତୋତେ ମାରିବା ପାଇଁ ମୁଖିଆ ଯୋଦ୍ଧା ଠିକ୍ କରୁଛି । ନାଚ ସରିଲେ ସେମାନେ ତୋତେ ମାରି ପକାଇବେ ।"

"କାହିଁକି ?"

"ଆଗରୁ ଯାଇଥିବା ସେଇ ଗୋରା ଲୋକଟା ବହୁତ ପୁରସ୍କାର ଦେବାକୁ ଏମାନଙ୍କୁ କହିଛି ।"

କଥାଟା ବର୍ତ୍ତମାନ ପରିଷ୍କାର ହୋଇଗଲା । ଟାରଜନ୍ ବୁଝିଲା ଯେ ସେ ଜାଣି ଜାଣି ବାଘର ଗୁମ୍ଫା ଭିତରେ ଆସି ନିଶ୍ଚିନ୍ତରେ ଶୋଇଛି ।

Digitized by srujanika@gmail.com

ଏତିକବେଳେ ସେମାନଙ୍କର ଅଲକ୍ଷରେ ମୁଖିଆର ଗୋଟାଏ ପୁଅ, ଛପି ଛପି ଆସି ସେମାନଙ୍କ କଥୋପକଥନ ଶୁଣି ଅନ୍ଧାରରେ କେଉଁଆଡ଼େ ଉଭେଇ ଯାଇଥିଲା ।

ସ୍ତ୍ରୀ ଲୋକଟି ଟାରଜନ୍‌କୁ ବାଟ କଢ଼ାଇ ନେଲା । ଜଙ୍ଗଲରେ ସେମାନେ ନିଃଶବ୍ଦରେ ଗତି କରିବାକୁ ଲାଗିଲେ । କିନ୍ତୁ ସେମାନଙ୍କ ପଛେ ପଛେ ଚାଲିଥିଲେ ମୁଖିଆ ଦ୍ୱାରା ନିଯୁକ୍ତ ଦୁଇଜଣ ଦ୍ରୁତଗାମୀ ଯୋଦ୍ଧା ।

ଟାରଜନ୍ ଅଧୀର ହୋଇ ସ୍ତ୍ରୀ ଲୋକଟିକୁ ପ୍ରଶ୍ନକଲା—"ଜଣେ ସ୍ତ୍ରୀ ଓ ଗୋଟିଏ ପିଲା ସେମାନଙ୍କ ଦଳରେ ଥିଲେ ?"

"ଥିଲେ ।"

"ଆମେ ବର୍ତ୍ତମାନ ସେମାନଙ୍କ ନିକଟକୁ କେମିତି ଯିବା ?"

"ମୁଁ ତୁମକୁ ସେମାନଙ୍କ ନିକଟରେ ପହଞ୍ଚାଇ ଦେବି । ତୁମର କୌଣସି ଅସୁବିଧା ହେବ ନାହିଁ ।

"ସେମାନେ କେତେ ଦୂରକୁ ଯାଇଥିବେ । ତୁମେ କହି ପାରିବ ?"

"ବେଶିଦୂର ଯାଇ ନ ଥିବେ ସେମାନେ । ଅଳ୍ପ ସମୟ ପରେ ଆମେ ସେମାନଙ୍କୁ ଦେଖିବା ।"

ସ୍ତ୍ରୀଟି ଓ ପିଲାଟି ନିରାପଦରେ ଥିବାର ତୁମେ ଦେଖିଛ ?"

"ଗୋରାଙ୍କ ଛୁଆ ପିଲାଟି ଜ୍ୱରରେ ପଡ଼ି ମରିଗଲା । ତାକୁ କବର ଦେଇ ସେମାନେ ତ କାଲି ଏଠାରୁ ଯାତ୍ରା କରିଛନ୍ତି ।"

Digitized by srujanika@gmail.com

★

କିଛି ସମୟ ପରେ ଜେନ୍‌ର ଚେତନା ଫେରିଲା । ସେ ଦେଖିଲା ତା ସମ୍ମୁଖରେ ଛୁଆଟିକ ଧରି ଆଣ୍ଡରସନ୍ ଠିଆ ହୋଇଛି । ଜେନ୍‌ର ଚେତା ଫେରିବା ଦେଖି ସେ ପଚାରିଲା—

"କଣ ହେଲା ତୁମର—ଦେହ ଖରାପ ହେଲା ?"

"କିନ୍ତୁ ଏ ଛୁଆଟା ଯେ ମୋର ନୁହେଁ—"

"ତୁମର ନୁହେଁ ?"

"ନିଶ୍ଚିତ ଭାବରେ ମୋର ନୁହେଁ—ତୁମେ ମୋ ଛୁଆଟାକୁ ଛାଡ଼ିଦେଇ ଅନ୍ୟ ଗୋଟାଏ ଛୁଆକୁ ନେଇ ଆସିଛ । ମୁଁ ମା ହୋଇ କ'ଣ ମୋ ନିଜର ପୁଅକୁ ଚିହ୍ନି ପାରିବି ନାହିଁ ?"

"କିନ୍ତୁ ଜାହାଜରେ ଯେ କେବଳ ଗୋଟିଏ ଛୁଆ ଥିଲା—ଏବଂ ନିକୋଲାସ୍ ବହୁବାର କହୁଥିଲା ଯେ ଏଇ ଛୁଆଟା ହିଁ ତୁମର ।"

ଠିକ୍ ଏଇ ସମୟରେ ପିଲାଟା ଚିତ୍କାର କରି କାନ୍ଦି ଉଠିଲା ଏବଂ ଜେନ୍ ନିକଟକୁ ଯିବାପାଇଁ ହାତ ବଢ଼ାଇଲା ।

ଜେନ୍‌ର ମାତୃ ହୃଦୟ ଏହି ଅଜଣା ଅଶୁଣା ହତଭାଗା ଛୁଆର ଆବାହନକୁ ଅସ୍ୱୀକାର କରି ପାରିଲା ନାହିଁ । ସେ ତାକୁ କୋଳକୁ ଟାଣି ନେଲା ।

ପିଲାଟି ନିର୍ବିକାର ଚିତ୍ତରେ ମା ଛାତିରେ ମୁହଁ ଗୁଞ୍ଜିଦେଇ ନିଶ୍ଚିନ୍ତ ହେଲା ।

ଜେନ୍ ଫୁଲିଫୁଲି କାନ୍ଦିବାକୁ ଲାଗିଲା ।

Digitized by srujanika@gmail.com

ଜୀବନରେ କେତେ ଯେ କଣ ଘଟେ ତାର ଇୟତ୍ତା ନାହିଁ । ପର କେତେବେଳେ ଆପଣାର ହୁଏ ଏବଂ ଆପଣା ଲୋକ କେତେବେଳେ ଶତ୍ରୁ ପାଲଟେ ।

ତେବେ ଜେନ୍ ମନରେ ଗୋଟାଏ ସନ୍ଦେହ ରହିଗଲା । ଛୁଆଟା କାହାର ?

ସେ ଆଣ୍ଡରସନ୍‌କୁ ପ୍ରଶ୍ନକଲା ?" ଛୁଆଟା ତାହେଲେ କାହାର ।

"କିଏ ଜାଣିଛୁ କାହାର ?"

"ବର୍ତ୍ତମାନ ଏହାକୁ ନେଇ ଆମେ କରିବା କଣ ।"

"ତୁମେ ବରଂ ନିକୋଲାସ୍ ନିକଟକୁ ଫେରିଯାଅ । ନିଜ ସନ୍ତାନର ଖୋଜ ନେବ ।" ଆଣ୍ଡରସନ୍ ନିରାଶାବ୍ୟଞ୍ଜକ ସ୍ୱରରେ ଉପଦେଶ ଦେଲା ।

"ସେଠାକୁ ଫେରିଲେ କଣ ଆଉ ନିଷ୍କୃତି ମିଳିବ ? ଯେ ଯାହାହେଉ ଆମେ ଅଉ ସେଠାକୁ ଫେରିବା ନାହିଁ ।"

ଜେନ୍‌ର ଶୂନ୍ୟ ମାତୃ ହୃଦୟର ସମସ୍ତ ସ୍ନେହ ଯେଇ ଅନାଥ ବାଳକାଟିର ଭାଗ୍ୟରେ ଲେଖା ଥିଲା । ଦୟାରେ ବିଚଳିତହୋଇ ଯାଇଥିଲା ଜେନ୍ । ସମସ୍ତ ସ୍ନେହଦେଇ ଯେ କୌଣସି ମତେ ସେ ଏଇ ଛୁଆଟିକି ବଞ୍ଚାଇ ରଖିବ ।

ନିଜର ସନ୍ତାନ ଯେ ନିକୋଲାସ୍ ହାତରେ ପଡ଼ିନାହିଁ—ସେ ଯେ ନିଶ୍ଚୟ କୌଣସିଠାରେ ନିରାପଦରେ କାଳଯାପନ କରୁଛି—ଜେନ୍‌ର ଏଥିରେ ସନ୍ଦେହର ଅବକାଶ ନଥିଲା ।

ତାପରେ ଆଣ୍ଡରସନ୍ ଓ ଜେନ୍ ସେଠାଁ କେତେକ ଲୋକ ସେମାନଙ୍କ ସାଥିରେ ନେଇ ସେମାନଙ୍କର ଯାତ୍ରା ଆରମ୍ଭ କଲେ ।

Digitized by srujanika@gmail.com

ନିକୋଲାସ୍ ଯେ ନିଶ୍ଚୟ ସେମାନଙ୍କର ପଶ୍ଚାଦ୍ଧାବନ କରିବ ଏଥିରେ ସେମାନଙ୍କର ସନ୍ଦେହ ନଥିଲା ।

କିନ୍ତୁ ସେତେବେଳ ପର୍ଯ୍ୟନ୍ତ ନିକୋଲାସ୍‌ର ପତ୍ତା ନଥିଲା । ତେଣୁ ସେମାନେ ଆଶ୍ୱସ୍ତ ହୋଇଯାଇଥିଲେ ଯେ ନିକୋଲାସ୍ ଅନ୍ୟ କେଉଁ ରାସ୍ତାରେ ବୋଧହୁଏ ଦୂରକୁ ଚାଲି ଯାଇଛି ।

ଜଙ୍ଗଲର ଗଳିକନ୍ଦି ଭେଦକରି ସେମାନେ ଆଗକୁ ଆଗକୁ ଗତିକରି ଚାଲିଲେ । ନଦୀ କୂଳରେ କୌଣସି ସଭ୍ୟ ଜନବସତି ଦେଖିଲେ ସେମାନଙ୍କ ଦୁଃଖ ଦୂର ହେବ—ଏହି ଆଶାରେ ।

ରାତିରେ ସେମାନେ ଜଙ୍ଗଲର କୌଣସି ଖୋଲା ଜାଗାରେ ତମ୍ବୁ ପକାଉ ଥିଲେ । ଆଣ୍ଡରସନ୍ ଜେନ୍‌ର ସମସ୍ତ ସୁବିଧା କରିବା ପାଇଁ ସବୁବେଳେ ପ୍ରସ୍ତୁତ ଥିଲା । ତାର ଯେପରି ତିଳେମାତ୍ର ଅସୁବିଧା ନହୁଏ ସେ ଦିଗରେ ଆଣ୍ଡରସନ୍ ତୀକ୍ଷ୍ଣ ଦୃଷ୍ଟି ରଖିଥିଲା ।

କୁତ୍ସିତ ଚେହେରା ଭିତରେ ଯେ ଏଭଳି ଏକ ଦେବୋପମ ଆତ୍ମା ରହିପାରେ ଜେନ୍ ସବୁବେଳେ କେବଳ ସେହି କଥାହିଁ ଚିନ୍ତା କରୁଥାଏ ।

ତାପରେ ହଠାତ୍ ସେମାନେ ଖବର ପାଇଲେ ଯେ ତାଙ୍କୁ ଅନୁସରଣକରି ନିକୋଲାସ୍ ତାଙ୍କ ପଛେ ପଛେ ଆସୁଛି ।

ନିଜର ଗତି ବଦଳାଇବା ଛଡ଼ା ଆଣ୍ଡରସନ୍‌ର ଅନ୍ୟ ଉପାୟ ନଥିଲା । ସ୍ଥଳପଥରେ ଧୀରମନ୍ଥର ଗତିରେ ଅଗ୍ରସର ହେବା ଅପେକ୍ଷା ଜଳପଥକୁ ଶ୍ରେୟସ୍କର ମନେକରି ଆଣ୍ଡରସନ୍ ଗୋଟାଏ ଡଙ୍ଗା ଭଡ଼ା କରିନେଲା । ନିଜର ଜିନିଷପତ୍ର ଡଙ୍ଗାରେ ଲଦି ସେମାନେ ଜଳଯାତ୍ରା ଆରମ୍ଭ କଲେ ।

Digitized by srujanika@gmail.com

ଅତି ବେଗରେ ଜଳଯାତ୍ରା କରି ସେମାନେ ଜଙ୍ଗଲର ଭିତରକୁ ପ୍ରବେଶ କରୁଥିଲେ । ଖାଦ୍ୟପେୟ, ବିଶ୍ରାମ—କୌଣସି କଥାର ଚିନ୍ତା ନାହିଁ । କେବଳ ଏକମାତ୍ର କାମନା—ନିକୋଲାସ୍‌ଠାରୁ ଦୂରକୁ —ବହୁ ଦୂରକୁ ଚାଲିଯିବା ।

ନଦୀରେ ବହୁଦିନ ଯାତ୍ରା କରିବା ପରେ ନିକୋଲାସ୍‌ର ଯେତେବେଳେ ସେମାନେ ଆଉ କୌଣସି ଖବର ପାଇଲେ ନାହିଁ ସେତେବେଳେ ଯାଇ ସେମାନେ ଆଶ୍ୱସ୍ତ ହେଲେ ।

ଡଙ୍ଗାଛାଡ଼ି ପୁଣି ସେମାନେ ସ୍ଥଳପଥରେ ଯାତ୍ରା କରିବାକୁ ଆରମ୍ଭ କଲେ ।

ଠିକ୍ ଏତିକିବେଳେ ଚୁଆଙ୍ଗା ଜଙ୍ଗଲୀ ଜ୍ୱରରେ ଆକ୍ରାନ୍ତ ହୋଇ ପଡ଼ିଲା । ଦେହଟା ତାର ନାଲି ପଡ଼ିଯାଇ ବେଲୁନ୍ ପରି ଫୁଲି ଉଠିଲା । ଦେହ ସାରା ଅସମ୍ଭବ ଉତ୍ତାପ ସବୁବେଳେ ଲାଗି ରହିଲା ।

ଜେନ୍‌ର ହୃଦୟ ଦୟା ଓ ସ୍ନେହରେ ଭରି ଉଠିଲା । ଦିନ ରାତି ସେବା କରି କରି ସେ ନିଜର ଦୁଃଖ ଭୁଲି ଯାଇଥିଲା ।

ଆଣ୍ଡରସନ୍ କିନ୍ତୁ ସ୍ପଷ୍ଟ ବୁଝିପାରିଲା—ଜଙ୍ଗଲରେ ଜ୍ୱର ହେଲେ ସେଥିରୁ ରକ୍ଷା ପାଇବାର ସାଧ୍ୟ କାହାରି ନାହିଁ ।

ଅଗତ୍ୟା ଜଙ୍ଗଲର ଗୋଟିଏ ସ୍ଥାନରେ ଖୋଲା ଜାଗା ଦେଖି ସେମାନେ କ୍ୟାମ୍ପ୍ ପକାଇଲେ । ଚୁଆଙ୍ଗାର ଦେହ ଭଲ ନ ହେବା ପର୍ଯ୍ୟନ୍ତ ସେମାନଙ୍କର ଅଗ୍ରଗତି ଅସମ୍ଭବ ।

କିନ୍ତୁ ଏତିକିବେଳେ ସମ୍ବାଦ ମିଳିଲା ଯେ ନିକୋଲାସ ସେମାନଙ୍କ ନିକଟରୁ ଅଳ୍ପ କେତେ ଦୂରରେ ତାର କ୍ୟାମ୍ପ ପକାଇ ବିଶ୍ରାମ ନେଉଛି ।

Digitized by srujanika@gmail.com

ନଜର ଜନିଷ ପତ୍ର ସଙ୍ଗେ ସଙ୍ଗେ ବନ୍ଧାବନ୍ଧ କରି ସେମାନେ ପୁଣି ପଳାଇବାକୁ ଲାଗିଲେ କିନ୍ତୁ ଛୁଆଟାକୁ ଧରି ଚାଲିବା ଜେନ୍ ପକ୍ଷରେ ସମ୍ଭବପର ହୋଇ ପାରିଲାନି । ଗତି ସେମାନଙ୍କର ହୋଇ ଉଠିଲା ଅତି ମନ୍ଥର ।

ସନ୍ଧ୍ୟା ସମୟକୁ ସେମାନେ ଶତ୍ରୁର କୋଳାହଳ ସ୍ପଷ୍ଟ ଶୁଣି ପାରିଲେ ।

ଆଉ ଉପାୟ ନାହିଁ ।

ଆଣ୍ଡରସନ୍ ଜେନ୍‌କୁ ଗୋଟିଏ ଗଛ ନିକଟକୁ ନେଇଯାଇ ସେଠାରେ ତାକୁ ନିଜର ରାଇଫଲ ଇତ୍ୟାଦି ଦେଇ ଛଳଛଳ ଆଖିରେ ବିଦାୟ ମାଗିଲା ।

"ମୁଁ ଯାଉଛି—"

ଜେନ୍ ଚମକି ପଡ଼ିଲା । ନିକୋଲାସ୍ ଉପରେ, ସେମାନଙ୍କୁ ଛାଡ଼ି ସେମାନଙ୍କର ଆଦିମଅଧିବାସୀ ଅନୁଚରଗଣ କିଏ କେଉଁଆଡ଼େ ଯେ ପଳାଇଲେ ତାର ଆଉ ପତ୍ତା ମିଳିଲା ନାହିଁ । ଶେଷକୁ ଆଣ୍ଡରସନ୍ ଅସହାୟ ମରଣୋନ୍ମୁଖ ଶିଶୁଟାକୁ ଛାଡ଼ିଦେଇ—ତାକୁ ଜଙ୍ଗଲରେ ଏକୁଟିଆ ପକାଇ ଦେଇ ପଳାଇବାକୁ ବସିଛି ।

"ତୁମେ କେଉଁଆଡ଼େ ଯିବ ?"

"ମୁଁ ଯିବି ନିକୋଲାସ୍ ପାଖକୁ ଏବଂ କହିବି ଯେ ତୁମେ ଆଉ ଜୀବନରେ ନାହିଁ । ଏହା କେବଳ ଏକମାତ୍ର ଉପାୟ । ନଚେତ୍ ସେ ବର୍ବର ହାତରୁ ତୁମର ମୁକ୍ତି ନାହିଁ—"

"କିନ୍ତୁ ସେ ତୁମକୁ ସଙ୍ଗେ ସଙ୍ଗେ ହତ୍ୟା କରିବ ।"

Digitized by srujanika@gmail.com

"କରୁ—କନ୍ତୁ ଗୋଟାଏ ନାଗୁଣା ସ୍ତ୍ରୀ ଓ ଗୋଟାଏ ଛୁଆ ପ୍ରାଣରେ ବଞ୍ଚିପାଇ ପାରିବେତ । ତୁମକୁ କେବଳ ମୁଁ ଏତିକି କହୁଛି ଯେ ନିକଟରେ ଗୋଟାଏ ବସ୍ତି ଅଛି । ତୁମେ କୌଣସିମତେ ବସ୍ତିରେ ପହଞ୍ଚି ଛୁଆଟାକୁ ବଞ୍ଚାଇବାର ଯୋଗାଡ଼ କର—ମୁଁ ଗଲିଲି—"

ପାଟିରୁ କଥା ନସରୁଣୁ ଆଣ୍ଡରସନ୍ ଲଟା ଗହଳରେ କୁଟିଗଲା ।

ଜେନର ହଠାତ୍ ମନେହେଲା ସେ ଆଣ୍ଡରସନ୍ ପଛେ ପଛେ ଛୁଟି ଯିବ । କନ୍ତୁ ପର ମୁହୂର୍ତ୍ତରେ ସେ କଣ ଭାବିଲା କେଜାଣି ବିପରୀତ ଦିଗରେ ଦୌଡ଼ି ପଳାଇବାକୁ ଲାଗିଲା । କଣ୍ଟାଝଣ୍ଟା ଜଙ୍ଗଲ ପଥ ଦେଇ ସେ ନିଜର ଦୁଃଖ କଷ୍ଟ ପ୍ରତି ତିଳେହେଲେ ଭ୍ରୂକ୍ଷେପ ନକରି ଖାଲି ପଳାଇବାରେ ଲାଗିଲା ।

ଆଗରେ ନରଖାଦକ ଆଦିମଅଧିବାସୀଙ୍କ ବସ୍ତି—ଯେଉଁ ବସ୍ତିରେ ଟାରଜନ୍‌କୁ ମାରିଦେବା ପାଇଁ ଷଡ଼ଯନ୍ତ୍ର ହେବ ।

ସେଠାରେ ପହଞ୍ଚିବା ମାତ୍ରକେ ବହୁ ସ୍ତ୍ରୀ, ପିଲା ଜେନର ଚତୁର୍ଦ୍ଦିଗରେ ଘେରି ଗଲେ ।

ଜେନ୍ କେବଳ ନିଜର ଛୁଆଟିକୁ ଦେଖାଇ କାନ୍ଦିବାରେ ଲାଗିଲା ।

ସମସ୍ତେ ଛୁଆକୁ ଚାହିଁ ଦେଖିଲେ ଯେ ଛୁଆଟାର ଦେହ ଫୁଲି ଉଠିଛି । ଦେହରେ ତାର ଅସମ୍ଭବ ତାତି ।

ଗୁଣିଆ ବୈଦ୍ୟ ଡକାଗଲା । ନଆଁ ଜାଳି ପାଣି ତତାଇ ଗୁଣିଆ ବୈଦ୍ୟ ପାଚନ ତିଆରି କଲା । ମନ୍ତ୍ର ପଢ଼ି ପିଲାଟାର ଉପରକୁ ପାଣି ଛିଞ୍ଚି ଭୂତପ୍ରେତଙ୍କୁ ଗାଳି ଦେଇ ସେମାନଙ୍କୁ ଘଉଡ଼ାଇବାରେ ଲାଗିଲା ।

Digitized by srujanika@gmail.com

ଜେନ୍ ସବୁ ଦେଖୁଥାଏ । କିନ୍ତୁ ଦେହ ଓ ମନ ତାର ଏତେଦୂର ଅବଶ ହୋଇ ଯାଇଥାଏ ଯେ ତାର ଆଖି ଆଗରେ କଣ ସବୁ ଘଟୁଛି ସେକଥା ବୁଝିବାର ଉପାୟ ତାର ନଥାଏ ।

ଶୁଣିଆ ବୈଦ୍ୟ ବିଦାୟ ନେବା ପରେ ପରେ ନରଖାଦକ-ମାନଙ୍କର ମୁଖିଆ ସେଠାରେ ଆସି ପହଞ୍ଚିଲା । ଜଣେ ନିଗ୍ରୋ ମାଧ୍ୟମରେ ସେ ନିଜର ବକ୍ତବ୍ୟ ପ୍ରକାଶ କଲା—

"ତୁମର ସ୍ୱାମୀ ତୁମକୁ ଖୋଜି ଖୋଜି ଆସି ନଈ ପାଖରେ ପହଞ୍ଚିଥିଲା । କିନ୍ତୁ କେତେକ ଲୋକ ତାକୁ ଘେରିଯାଇ ଆକ୍ରମଣ କରି ମାରି ପକାଇଲେ । ତେଣୁ ତୁମେ ଆଉ ଆଗକୁ ଯାଅ ନାହିଁ । ବରଂ ଏଠାରୁ ନଦୀ ଆଡ଼କୁ ଫେରି ନିଜ ଦେଶକୁ ଫେରିବାର ବ୍ୟବସ୍ଥା କରିବା ଭଲ ।"

ସମ୍ବାଦଟା ଦେଇ ମୁଖିଆ ଚାଲିଗଲା । ଜେନ୍ କିଂକର୍ତ୍ତବ୍ୟବିମୂଢ଼ ହୋଇ କେବଳ ଠିଆ ହୋଇ ଶୁଣି ଯାଉଥିଲା ।

ହଠାତ୍ ଝିଅଟାର ଦେହରେ ହାତ ପକାଇ ଜେନ୍ ଚମକି ଉଠିଲା । ଦେହଟା ତାର ବହୁ ପୂର୍ବରୁ ଶୀତଳହୋଇ କାଠହୋଇ ଯାଇଛି । ତାର ପ୍ରାଣବାୟୁ ଉଡ଼ି ଯାଇଛି ।

ଜେନ୍‌ର ବୁକୁଫାଟାଇ କୋହ ବାହାରିକୁ ବାହାରି ଆସିଲା । ଏତେ ଦୁଃଖ ଓ ବିପଦରେ ସେ ବଞ୍ଚିବାର କେବଳ ଗୋଟିଏ ମାତ୍ର ଭରସା ପାଇଥିଲା । ସେତକ ମଧ୍ୟ ଗଲା ।

କୋଳାହଳ ଓ କ୍ରନ୍ଦନ ଥମିଯିବା ପରେ ଜେନ୍ ଆଖି ଖୋଲି ସମ୍ମୁଖକୁ ଦେଖିଲା ।

ସେ ଦେଖିଲା ତା ସମ୍ମୁଖରେ ଠିଆ ହୋଇଛି ନିକୋଲାସ୍ ।

Digitized by srujanika@gmail.com

ନିକୋଲାସ୍ ଜେନ୍ ଆଡ଼କୁ ଆଗେଇ ଆସି ରାଜକୀୟ କାଇଦାରେ ଠିଆହେଲା । ଆଖି ଦୁଇଟା ତାର ଲାଗି ରହିଥାଏ ତଳେ ଶୋଇ ରହିଥିବା ଛୋଟ ଶିଶୁଟା ଉପରେ—

"ତୁମେ ବୃଥା କଷ୍ଟକରି ଏତେବାଟ ଚାଲିଆସିଲ ଜେନ୍ ମୁଁ ତୁମ ପୁଅକୁ ଏଇଠାରେ ହିଁ—ଏଇ ନରଖାଦକମାନଙ୍କ ମଧ୍ୟରେ ଛାଡ଼ି ଦେଇଯିବାକୁ ଭାବିଥିଲି । ଏଠି ରହି ସେ ଯେ ଭବିଷ୍ୟତରେ ଗୋଟାଏ ସୁନ୍ଦର ନରଖାଦକ ଓ ମୁଣ୍ଡକଟା ହୋଇ ବଢ଼ି ଉଠିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଯାହା ହେଉ ଛୁଆଟାକୁ ଧରି ଏଠାକୁ ଆସିବା ନିତାନ୍ତ କଷ୍ଟକର ବ୍ୟାପାର ହୋଇ ପଡ଼ିଥାଆନ୍ତା । ତୁମେ ମୋତେ ସେ କଷ୍ଟରୁ ଉଦ୍ଧାର କଲ ।"

ଜେନ୍ ନିଜକୁ ସମ୍ଭାଳି ପାରିଲା ନାହିଁ । ଏଣେ ଦୁଃଖରେ ସେ ଯେତିକି ମ୍ରିୟମାଣ ହୋଇପଡ଼ିଥାଏ ତା'ଠାରୁ ସେ ବେଶି ଖୁସି ହୋଇ ଯାଇଥାଏ । ଖୁସି ହେବାର ପ୍ରଧାନ କାରଣ ହେଲା— ନିକୋଲାସ୍ ଏହି ମୃତଶିଶୁଟିକି ତାର ଶିଶୁବୋଲି ଭାବିନେଇଛି, ତାରି ଶିଶୁ ମନେକରି ସେ ତାକୁ ଜାହାଜରେ ବହୁଦିନଧରି ବନ୍ଦୀକରି ମଧ୍ୟ ରଖିଥିଲା ।

ତା'ର ନିଜର ସନ୍ତାନ ବୋଧହୁଏ କେଉଁ ଅଜ୍ଞାତ ଗୋପପୁରରେ ବଢ଼ୁଛି ।

ଏକଥା କେମିତି ଯେ ସମ୍ଭବପର ହେଲା ଜେନ୍ ସେ କଥା ଭାବି ପାରିଲା ନାହିଁ । ହୁଏତ ନିକୋଲାସ୍‌ର ଅଜାଣତରେ କେହି ତାଙ୍କୁ ନେଇଯାଇ ତା ଜାଗାରେ ଅନ୍ୟ ଏକ ଶିଶୁକୁ ଆଣି ରଖି ଦେଇଛି ।

Digitized by srujanika@gmail.com

ନିକୋଲସ୍‌ର କଥାରେ ଜେନ୍ ନିଦରୁ ଉଠିଲା ଭଳି ହଠାତ୍ ଚମକି ପଡ଼ି ଉତ୍ତର ଦେଲା—

"ନିଅ—ନିଅ ଏଇ ପିଲାଟାକୁ—ଦେଖ—ତୁମର କର୍ତ୍ତୃତ୍ୱର ବାହାରକୁ ସେ କେମିତି ଚାଲିଯାଇଛି । ସ୍ଲେଟ ପିଲାଟାକୁ ଏଠାକୁ ଆଣି ତାକୁ ମାରି ତୁମେ ପାଇଲ କଣ ?"

ନିକୋଲସ୍ ପିଲାଟାକୁ ନେଇ ଯାଇଥିଲା । ତାକୁ ତଳେ ପକାଇଦେଇ ରାଗରେ ଚିତ୍କାର କରି ଉଠିଲା—

"ତା ହେଲେ ମୋର ଯୋଜନା ବ୍ୟର୍ଥ ହୋଇ ଗଲା ଦେଖୁଛି । ତୁମ ଦୁହିଁଙ୍କୁ ସାରାଜୀବନ ଧରି ଯନ୍ତ୍ରଣା ଦେବା ଆଉ ସମ୍ଭବ ହେଲାନାହିଁ । କିନ୍ତୁ ଜେନ୍ ଏକଥା ଜାଣିରଖ—ପିଲାଟା ମରିଗଲା ବୋଲି ଯେ ତୁମେ ମରିଯାଇଛ ତା କେବେ ସମ୍ଭବ ନାହିଁ । ପିଲାଟା ପିତା ନରଖାଦକ ହୋଇ ପାରିଲା ନାହିଁ । ତା ମା'ତ ନରଖାଦକର ରାଣୀ ହୋଇ ପାରିବ । ତା ପୂର୍ବରୁ ସେ ନିକୋଲସ୍‌ର କ୍ଷୁଧାକୁ ତ ଶାନ୍ତ କରି ପାରିବ ?"

"ନୀଚ—ତୁମେ ଅତି ନୀଚ—ନରକର କୀଟ ମୁଁ ତୁମର କଣ ଅପରାଧ କରିଛି ?"

"ତୁମେ ଅପରାଧ କରି ନାହିଁ—କିନ୍ତୁ ତୁମର ସେଇ ମାଙ୍କଡ଼ ସ୍ୱାମୀଟା ତ ଅପରାଧ କରିଛି । ତୁମେ ମୋତେ ସ୍ୱାମୀରୂପରେ ବରଣ କରିଥିଲେ କେତେ ସୁଖୀ ହୋଇନଥାଆନ୍ତ ।"

ଜେନ୍ ଆଉ କୌଣସି କଥାକହି ନିକୋଲସ୍ ପାଖେ ଯୁକ୍ତି କରିବାକୁ ଚାହୁଁ ନଥିଲା । ତେଣୁ କଥା ବଦଳାଇ ସେ କହିଲା—

"ପିଲାଟାକୁ ତ ହତ୍ୟାକଲ । ବର୍ତ୍ତମାନ ତାର କବରର ବନ୍ଦୋବସ୍ତ କର ।"

Digitized by srujanika@gmail.com

ନିକୋଲାସ୍ ଘରୁ ବାହାରି ତାର ଲୋକଙ୍କୁ ଆଦେଶ ଦେଲା । ସେମାନେ ଛୁଆଟାକୁ ନେଇ ଗୋଟାଏ ଗଛମୂଳରେ ଗାତଟାଏ ଖୋଳି ସେଠାରେ ତାକୁ ଶୁଆଇ ଦେଲେ ।

ନିଜ ହୃଦୟରୁ କ୍ଷୀର ଦେଇ ବଡ଼ାଇଥିବା ସେଇ ଅଜଣା ଶିଶୁଟି ଉଦ୍ଦେଶ୍ୟରେ ଜେନ୍ ଆଖିରୁ ଦୁଇଟୋପା ଲୁହ ଗଡ଼ି ପଡ଼ିଲା ।

ନିକୋଲାସ୍ ତା'ପରେ ଜେନ୍‌ର ହାତ ଧରି ପକାଇଲା । ଜେନ୍ ଛଟିପିଟି ହେବାକୁ ଆରମ୍ଭ କରିବାରୁ ତାର ମୁହଁରେ ପ୍ରଚଣ୍ଡ ଆଘାତ କରି ନିକୋଲାସ୍ ତାକୁ ଟାଣିନେଲା ତାର ତମ୍ବୁ ଆଡ଼କୁ । ତାର ସଙ୍ଗୀ ଦୁଇଜଣ ଜେନର ଅବସ୍ଥା ଦେଖି ହସି ହସି ବେଦମ୍ ହୋଇ ଯାଉଥାଆନ୍ତି ।

ଜେନ୍‌କୁ ତଳେ ପକାଇ ଦେଇ ନିକୋଲାସ୍ ତାର ସଙ୍ଗୀ ଦୁଇଜଣଙ୍କୁ ସେଠାରୁ ଚାଲି ଯିବାକୁ ଇସାରା କଲା । ଗୋଟାଏ ଚାକର ତମ୍ବୁ ଭିତରକୁ ଆସି ଘିପଟାଏ ଜାଳି ଦେଇଗଲା । ଘିପ ନିକଟରେ ଖଟଟାଏ ପଡ଼ିଥିଲା । ନିକୋଲାସ୍ ଜେନ୍‌କୁ ଖଟ ଉପରକୁ ନେବାପାଇଁ ନିଜର ସମସ୍ତ ଶକ୍ତି ପ୍ରୟୋଗ କରିବାକୁ ଲାଗିଲା ।

ଜେନ୍ ଦେଖିଲା ତା ମୁଣ୍ଡ ଉପରେ ବିପଦର ଖଣ୍ଡା ଝୁଲୁଛି । ପଶୁଟାକୁ ଆୟତ୍ତ କରିବା ତାର ଶକ୍ତି ଓ ସାମର୍ଥ୍ୟର ବାହାରେ । କିନ୍ତୁ କୌଣସି ଉପାୟରେ ଉଦ୍ଧାର ନପାଇଲେ ଜୀବନରେ ଆଉ ବଞ୍ଚିରହିବା କିଛି ଲାଭ ନାହିଁ ।

ଅତି ସତର୍କତାର ସହିତ ସେ ଲକ୍ଷ୍ୟ କଲା ଯେ ନିକୋଲାସ୍‌ର ଅଣ୍ଟାରେ ଗୋଟାଏ ପିସ୍ତଲ ଚମଡ଼ା ଖୋଳରେ ବନ୍ଧା ହୋଇ ରହିଛି । ପିସ୍ତଲର ମୁହଁଟା ଉପରକୁ ବାହାରି ପଡ଼ୁଛି ।

Digitized by srujanika@gmail.com

ନିକୋଲାସ୍ ଯେତେବେଳେ ତାକୁ ଧରିବାକୁ ଆଗେଇ ଆସିଲା ସେତିକିବେଳେ ବାହାରର ଗୋଳମାଳ ହେତୁ ସେ ଟିକିଏ ଅନ୍ୟମନସ୍କ ହୋଇ ପଡ଼ିଲା । ଏହି ଅବସରରେ ଜେନ୍ ତାର ଅଣ୍ଟାରୁ ପିସ୍ତଲଟାକୁ କାଢ଼ିନେଇ ତା ଆଗରେ ଦୃପ୍ତ ଭଙ୍ଗୀରେ ଠିଆ ହେଲା ।

ପିସ୍ତଲକୁ ଦେଖି ନିକୋଲାସ୍ ଭୟରେ କମ୍ପିବାକୁ ଲାଗିଲା । କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ସେ ସେଠାରେ ଠିଆ ହୋଇ ରହିଥାଏ ।

ତାକୁ ଗୁଳି କରିବା ଅର୍ଥ—ବିପଦକୁ ନିମନ୍ତ୍ରଣ କରିବା । ମହଲରରୁ ଯାଇ କାନ୍ତାରରେ ପଡ଼ିବା । କାରଣ ତାର ସଙ୍ଗୀମାନେ କେହି ହେଲେ ପଶୁତ୍ୱରେ ତା ଠାରୁ ନ୍ୟୂନତର ନଥିଲେ ।

ଜେନ୍ ନିଜର ସମସ୍ତ ଶକ୍ତି ଖର୍ଚ୍ଚ କରି ଲମ୍ବା ପିସ୍ତଲଟାରେ ଆଖି ପିଛୁଳାକେ ନିକୋଲାସ୍‌ର କପାଳକୁ ଆଘାତ କଲା ।

ମାଡ଼ଟା ଦୁଇ ଭ୍ରୂଲତାର ଠିକ୍ ମଧ୍ୟସ୍ଥଳରେ ଲାଗି ଥିବାରୁ ନିକୋଲାସ୍‌ର ଆଖିରୁ ଜୁକୁଜୁକିଆ ପୋକ ବାହାରିଲା । ନିଜକୁ ସ୍ଥିର ରଖିବାର ସମସ୍ତ ଚେଷ୍ଟା ତାର ବ୍ୟର୍ଥ ହେଲା । ସେ ଟଳି ଟଳି ଭୂଇଁରେ ଅଚେତା ହୋଇ ପଡ଼ିଲା । ମୁହଁରୁ ତାର ରକ୍ତର ଧାର ବହି ଚାଲିଥାଏ ।

ଜେନ୍ ତମ୍ବୁର ପଛପଟ ପରୀକ୍ଷା କରି ଦେଖିଲା—କୌଣସିଠାରେ ବାହାରକୁ ବାହାରିବା ପାଇଁ ଗୋଟେ ଛିଦ୍ରଟିଏ ନାହିଁ ।

ନିକୋଲାସ୍‌ର ଅଣ୍ଟାରୁ ଛୁରୀ କାଢ଼ିନେଇ ସେ ତମ୍ବୁଟାକୁ ଚିରି ପକାଇଲା ।

ବର୍ତ୍ତମାନ ସେ ମୁକ୍ତ । ତମ୍ବୁର ଚତୁର୍ଦ୍ଦିଗରେ କିନ୍ତୁ ନିକୋଲାସ୍‌ର ଅନୁଚରମାନଙ୍କର ରହିବାର ସ୍ଥାନ ।

Digitized by srujanika@gmail.com

ଭିର୍ଗ୍ୟଙ୍କୁ ସମସ୍ତେ ସେତେବେଳେ ଶୋଇ ଯାଇଥିଲେ । ଜେକ୍ ଧୀର ଗତିରେ ଆଗକୁ ଚାଲିବାରେ ଲାଗିଲା ।

ତମ୍ବୁର ଚାରିପାଖରେ କଣ୍ଟାର ବାଡ଼ । ଗୋଟାଏ ସ୍ଥାନରେ ସେ କଣ୍ଟାବାଡ଼କୁ ପରିଷ୍କାର କରିବା ପାଇଁ ଚେଷ୍ଟା କଲା । ରକ୍ତାକ୍ତ ହାତରେ ସେ ବହୁ ସମୟ ଧରି କାମ କରି ଚାଲିଲା—

ଶେଷକୁ ମଣିଷଟାଏ ଗଳି ଗଲା ଭଳି ରାସ୍ତାଟିଏ ତିଆରି କରିବାକୁ ସେ ସକ୍ଷମ ହେଲା ।

ବାହାରେ ଘନଘୋର ଜଙ୍ଗଲର ରହସ୍ୟମୟ କଟିମିଟିଆ ଅନ୍ଧକାର । ସେଇ ଅନ୍ଧାର ଭିତରୁ ଭାସି ଆସୁଛି ବହୁ ବନ୍ୟଜନ୍ତୁଙ୍କର ଦୌଡ଼ା ଦୌଡ଼ିର ଶବ୍ଦ । ଦୂରରେ ହାଏନା ଚିତ୍କାର କରୁଛି । ଆହୁରି ଦୂରରୁ ଶୁଭୁଛି ବାଘର ଡାକ—ସିଂହର ଗର୍ଜ୍ଜନ—ଅରଣାମଇଁଷିର ହେଣ୍ଟାଳ ।

ଏପଟେ ମୃତ୍ୟୁ—ସେପଟେ ମଧ୍ୟ ମୃତ୍ୟୁ । କିନ୍ତୁ ଜଙ୍ଗଲର ମୃତ୍ୟୁରେ ପ୍ରାକୃତିକତା ରହିଛି । ସେଠି ବୀର ପରି ମରିବାକୁ ହୁଏ କିମ୍ବା ମାରିବାକୁ ହୁଏ ।

ଜେକ୍ କଣ୍ଟାବାଡ଼ ଭେଦ କରି ସେଇ ବିକଟ ଜଙ୍ଗଲ ଭିତରକୁ ପାଦ ବଢ଼ାଇଲା ।

★

ସ୍ତ୍ରୀଲୋକଟି ଟାରଜନ୍‌କୁ ବାଟେକଡ଼ାଇ ନେଇ ଯାଉଥିଲା । କିନ୍ତୁ ସେମାନଙ୍କର ଗତି ଥିଲା ଅତି ମନ୍ଥର । ବୟସର ଆଧିକ୍ୟ ହେତୁ ସ୍ତ୍ରୀଲୋକଟି ଚାଲିବା ପାଇଁ ସମ୍ପୂର୍ଣ୍ଣ ଅକ୍ଷମ ଥିଲା । ଟାରଜନ୍

Digitized by srujanika@gmail.com

ବାଧହୋଇ ଅତି ଧୀର ଗତିରେ ତା ସଙ୍ଗ ସଙ୍ଗେ ଘୁରୁଗିଆ ଜଙ୍ଗଲି ରାସ୍ତାରେ ଗନ୍ତବ୍ୟ ପଥରେ ଅଗ୍ରସର ହେଉଥିଲା ।

ସେମାନଙ୍କର ବହୁ ପୂର୍ବରୁ ସର୍ଦ୍ଦାର ପଠାଇଥିବା ଲୋକ ଦୁଇଟା ନିକୋଲସ୍‌ର କ୍ୟାମ୍ପରେ ଯାଇ ପହଞ୍ଚି ଯାଇଥିଲେ । ସେତେବେଳକୁ ନିକୋଲସ୍ ମୁଣ୍ଡରେ ଆଘାତ ପରେ ପରେ ଟିକିଏ ସୁସ୍ଥ ଅନୁଭବ କରୁଥାଏ ।

ନିକୋଲସ୍ ଏହା ପୂର୍ବରୁ ଖବର ପାଇଥିଲା ଯେ ଟାରଜନ୍ ସର୍ଦ୍ଦାରର ଅକ୍ତିଆରରେ ଏବଂ ସେଇ ରାତିରେ ତାକୁ ଖତମ୍ କରିଦେବାର ସମସ୍ତ ବନ୍ଦୋବସ୍ତ ହୋଇଛି ।

ଜୀବନର ଗୋଟାଏ ବଡ଼ ସଫଳତାର ଆନନ୍ଦ ଅନୁଭବ କରିବା ପାଇଁ ସେ ଯେତେବେଳେ ସର୍ଦ୍ଦାରର ବସ୍ତି ଆଡ଼କୁ ଯିବାକୁ ବାହାରିଛି ଠିକ୍ ସେତିକିବେଳେ ଖବର ଆସିଲା—ଟାରଜନ୍ ମୁକ୍ତ ।

ନିକୋଲସ୍‌ର ମୁଣ୍ଡରେ ପୁଣି ଚଡ଼କ ପଡ଼ିଲା । ଆଉ ରକ୍ଷା ନାହିଁ ।

ଖବର ଶୁଣୁ ଶୁଣୁ ତାର ଆଦିବାସୀ ଅନୁଚରଦଳ ବଣଭୂତର ଡରରେ କ୍ୟାମ୍ପ୍ ଛାଡ଼ି ଯେ ଯେଉଁଆଡ଼େ ପାଇଲେ ପଳାଇଗଲେ । ସେମାନଙ୍କ ହାତରେ ଯାହା ପଡ଼ିଲା ତାକୁ ନେଇ ଯିବାକୁ ମଧ୍ୟ ସେମାନେ ଭୁଲିଲେ ନାହିଁ । କେବଳ ରହିଲେ ନିକୋଲସ୍ ଓ ଆଉ କେତେ ଜଣ ନାବିକ ।

ପ୍ରାଣଭୟରେ ନିକୋଲସ୍ ନିଜର କ୍ୟାମ୍ପ୍ ଆଡ଼କୁ ଯାଉ ଯାଉ ବିପରୀତ ଦିଗକୁ ଦୃଷ୍ଟି ପକାଇଲା ।

Digitized by srujanika@gmail.com

ସେଠାରେ ସେ ଦେଖିଲା ତାର ଚିର ଶତ୍ରୁ ଟାରଜନ୍‌ର ଅର୍ଦ୍ଧ ନଗ୍ନ ଦାନବ ମୂର୍ତ୍ତି । ପ୍ରାଣଟା ତାର ଉଡ଼ିଗଲା ପରି ମନେ ହେଲା ଏବଂ ରକ୍ତଗୁଡ଼ାକ ଯେପରି କି ଜମାଟ ବାନ୍ଧିଗଲା ।

ନିଜର କ୍ୟାମ୍ପ ଭିତରେ ପଶି ପ୍ରୈଶ୍ୱଦ୍ୱାର ବାଟେ ସେ ଜଙ୍ଗଲ ଆଡ଼କୁ ଦୌଡ଼ି ପଳାଇଲା । ଠିକ୍ ଯେଉଁ ବାଟଦେଇ ଜେନ୍ ପଳାଇ ଯାଇଥିଲା ।

ଟାରଜନ୍ କ୍ୟାମ୍ପ୍ ଭିତରେ ପଶି ଦେଖିଲା ଅନ୍ୟମାନଙ୍କୁ । ସେମାନଙ୍କ ଭିତରେ କିନ୍ତୁ ନିକୋଲାସ୍ ନଥିଲା । ତରବରରେ ସମସ୍ତ ତମ୍ବୁ ଭିତରେ ପଶି ମୁହୂର୍ତ୍ତିକେ ସେ ସବୁକୁ ସେ ଖୁଣି ପକାଇଲା— କିନ୍ତୁ ନିକୋଲାସ୍‌ର ଦେଖା ପାଇଲା ନାହିଁ ।

ସ୍ତ୍ରୀ ଲୋକଟା କହିଲା ଯେ ନିକୋଲାସ୍ ସର୍ଦ୍ଦାର ପାଖକୁ ନିଶ୍ଚୟ ଯାଇଥିବ ।

ବାଧହୋଇ ଟାରଜନ୍‌କୁ ପୁଣି ସର୍ଦ୍ଦାର ପାଖକୁ ଫେରିବାକୁ ହେଲା । ସମସ୍ତ ଜଙ୍ଗଲପଥ ସେ ଅଳ୍ପ କେତେ ମିନିଟ ମଧ୍ୟରେ ଅତିକ୍ରମକରି ବସ୍ତିରେ ଯାଇ ପହଞ୍ଚିଲା । ବସ୍ତିରେ ମଧ୍ୟ ନିକୋଲାସ୍‌ର ଦେଖା ପାଇଲା ନାହିଁ ।

ସେ ତମ୍ବୁ ନିକଟକୁ ପୁଣି ଫେରି ଆସିଲା । ତମ୍ବୁର ଚାରିପାଖ ତନ୍ନ ତନ୍ନ କରି ଦେଖି ବାସନା ବାରି, ସେ ନିକୋଲାସ୍‌ର ପିଛା ଧରିଲା । କାରଣ ଯେ କୌଣସି ମତେ ସେ ଲୋକଟାକୁ ଧରିବାକୁ ହେବ—ନଚେତ୍ ରକ୍ଷା ନାହିଁ ।

ଏଣେ ଜେନ୍ ଅକ୍ଳାନ୍ତ ପରିଶ୍ରମ କରି ଗୋଟାଏ ଜଙ୍ଗଲପଥ ଦେଇ ଗତି କରି ଚାଲିଥିଲା । ଧୀର ମନ୍ଥର ଗତିରେ ବହୁପଥ ଅତିକ୍ରମକରି ଚାଲିଥାଏ ସେ । ଚତୁର୍ଦ୍ଦିଗରେ ହିଂସ୍ର ଜନ୍ତୁଙ୍କର କୋଳାହଳ ।

Digitized by srujanika@gmail.com

ଜୀବନରେ ତାର ଭରସା ନଥାଏ । କିନ୍ତୁ ଯେତେବେଳ ପର୍ଯ୍ୟନ୍ତ ଜୀବନ ଅଛି ସେତେବେଳ ପର୍ଯ୍ୟନ୍ତ ଚେଷ୍ଟା କରିବାକୁ ହେବ ।

ଜେନ୍ ଶେଷକୁ ଗୋଟାଏ ନିତାନ୍ତ ପରିଚିତ ଜାଗାରେ ଆସି ପହଞ୍ଚିଗଲା । ସେଇ ଖୋଲା ସ୍ଥାନ—ସେଇ ଗଛ । ସେହିପରି ରହିଛି । ପିଲାଟିର କବର ଉପରର ମାଟି ସେହିଭଳି ବିକ୍ଷିପ୍ତ ଅବସ୍ଥାରେ ରହିଛି ।

ଜେନ୍‌ର ମନେ ପଡ଼ିଲା ସେହିଠାରେ ସେ ଆଣ୍ଡ୍ରୁରସନ୍ ଦେଇଥିବା ରାଇଫଲ ଓ ଗୁଳିଭର୍ତ୍ତି ବେଲ୍‌ଟଟାକୁ ପକାଇ ଦେଇଯାଇଥିଲା । ଜେନ୍‌ର ହାତରେ ନିକୋଲାସ୍‌ର ପିସ୍ତଲ ଥିଲା କିନ୍ତୁ ପିସ୍ତଲରେ ଥିଲା ମାତ୍ର ଛଅଟା ଗୁଳି । ସେଥିରେ କଣ ପ୍ରାଣରକ୍ଷା କରିହେବ ?

ଲଟାବୁଦାତଳ ଖୋଜି ଖୋଜି ଜେନ୍ ରାଇଫଲଟାକୁ ଆବିଷ୍କାର କଲା । ଗୁଳିର ବେଲ ଟଟା କାନ୍ଧରେ ପକାଇ ସେ ଆଶ୍ୱସ୍ତ ହେଲା । ବର୍ତ୍ତମାନ ଅନ୍ତତଃପକ୍ଷରେ ସେ ନିଜେ ନିଜକୁ ରକ୍ଷା କରିପାରିବ ।

ସେ ବୁଦାତଳେ ଥକ୍‌କା ହୋଇ ବସି ପଡ଼ିଲା । କିନ୍ତୁ ବିପରୀତ ଦିଗକୁ ଚାହିଁ ଦେଖିଲା ଯେ ତା ଆଡ଼କୁ ଗୋଟାଏ ବିରାଟ ଜାନୁଆର ମାଡ଼ି ଆସୁଛି ।

ଜାନୁଆରଟା ବଣମଣିଷ । ଦୈତ୍ୟ ପରି ପ୍ରକାଣ୍ଡକାୟ । ଏଇ ବଣମଣିଷ ସହିତ ଜୀବନରେ ତାର ପରିଚୟ ଅଛି । ଜେନ୍‌ର ରକ୍ତ ଜମାଟ ବାନ୍ଧିଲା ପରି ହୋଇଗଲା । ସେ ରାଇଫଲକୁ ଲକ୍ଷ୍ୟ କରି ହାତରେ ଧରିଥାଏ ।

ଗୋଟାଏ ନୁହେଁ—ତା ପଛରେ ଆଉ ଗୋଟାଏ—ତା ପଛକୁ ଆହୁରି—ଏଭଳି ପାଞ୍ଚ ଛଅଟା ବଣମଣିଷ ଜଙ୍ଗଲ ଭିତରୁ ବାହାରିଲେ ।

Digitized by srujanika@gmail.com

ବଣମଣିଷର ଦଳକୁ ଦେଖି ଦେଖି ଜେନ୍ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଲା । ସେମାନଙ୍କର କିନ୍ତୁ ଜେନ୍ ଆଡ଼କୁ ନଜର ନଥାଏ । ସେମାନେ କିଛି ଖୋଜିଲା ପରି ହୋଇ ଆଗକୁ ଆଗକୁ ଚାଲି ଥାଆନ୍ତି ।

ଜେନ୍ ଏ ଦୃଶ୍ୟ ଦେଖୁଥାଏ ଏବଂ ବରଡ଼ା ପତ୍ରପରି ଥରୁଥାଏ । ରାଇଫଲ୍‌ରେ କାହାକୁ ସେ ମାରିବ ?- ଗୋଟାଏ ଗୁଳି ଚଳାଉ ଚଳାଉ ତା ପର ମୁହୂର୍ତ୍ତରେ ସମସ୍ତେ ତା ଉପରେ ଆକ୍ରମଣ ହେବ ।

ନିଜକୁ ପ୍ରସ୍ତୁତ ରଖି ଲୁଚିକରି ରହିବା ଛଡ଼ା ଅନ୍ୟ ଉପାୟ ନଥିଲା ତା'ର । ଆଖି ଦୁଇଟା କିନ୍ତୁ ସେଇ ଭୟଙ୍କର ବଣମଣିଷଙ୍କ ଉପରେ ଥାଏ ।

ଦେଖୁ ଦେଖୁ ଜଙ୍ଗଲରୁ ପୁଣି ବାଘଟାଏ ବାହାରିଲା । ସେ କିନ୍ତୁ ବଣମଣିଷଙ୍କୁ ଆକ୍ରମଣ ନକରି ତାଙ୍କ ମଝିରେ ବସି ଗୁଡ଼ିଚୁଟି ହେଲା ।

ବାଘ ପଛେ ପଛେ ଆସିଲା ଗୋଟାଏ ବିପଣ୍ଡ କଳା ଆଦିମ ଅଧିବାସୀ । ସେ ମଧ୍ୟ ଆସି ବଣମଣିଷଙ୍କୁ ହାତଠାରେ କଣ ନିର୍ଦ୍ଦେଶ ଦେଲା ।

ମୁହୂର୍ତ୍ତକ ମଧ୍ୟରେ ସମସ୍ତେ ଜଙ୍ଗଲ ଭିତରେ ଅନ୍ତର୍ଦ୍ଧାନ ହୋଇଗଲେ ।

ଜେନ୍ ବିପରୀତ ଦିଗକୁ ପଡ଼ିଉଠି ପଳାଇବାରେ ଲାଗିଲା । ସେ ଭୟଙ୍କର ଦୃଶ୍ୟ ତା ମନରୁ ଯାଉ ନଥାଏ । କୌଣସିମତେ ଉଗାମ୍ବୀ ନଈ କୂଳରେ ପହଞ୍ଚିଲେ ସେଠାରୁ ନୌକାରେ ଯାତ୍ରାକରି ସମୁଦ୍ର କୂଳରେ ପହଞ୍ଚିଯାଇ ହେବ ।

Digitized by srujanika@gmail.com

ଜେନ୍ ପରି ନିକୋଲାସ୍ ମଧ୍ୟ ଗୋଟାଏ ବୁଦାତଳେ ବସିଥିବା ବେଳେ ଏଇ ଭୟଙ୍କର ବାଘ ଓ ବଣମଣିଷ ଦଳକୁ ଦେଖିବାକୁ ପାଇଲା । ମୁହୂର୍ତ୍ତିକେ ସେ ବୁଝି ପାରିଲା ଯେ—ଟାରଜନ୍‌ର ଅତି ବିଶ୍ୱସ୍ତ ଅନୁଚରଙ୍କଦ୍ୱାରା ସେମାନେ ଆଜି କେଡ଼େ ନୃଶଂସ । ନିକୋଲାସ୍‌ର ପ୍ରାଣ ଆସି ତଣ୍ଟିରେ ଅଟକି ରହିଲା । ଭୟରେ ଜଡ଼ସଡ଼ ହୋଇ ସେ ବୁଦା ଭିତରକୁ ପଶିଗଲା । କଣ୍ଟାଝଣ୍ଟାକୁ ଖାତିର ନାହିଁ । ଆଗେ ବଞ୍ଚିଲେ ବାପର ନାମ ।

ଜେନ୍ ବହୁପଥ ଅତିକ୍ରମ କରି ଆସି ଶେଷରେ ନଦୀକୂଳରେ ପହଞ୍ଚିଲା । କୌଣସି ମତେ ସେ ଜଙ୍ଗଲ ମଧ୍ୟରୁ ଉଦ୍ଧାର ପାଇବାକୁ ହେବ । ଚାରିଆଡ଼କୁ ଆଖି ବୁଲେଇ ଦେଖିଲା ଯେ ନିକଟରେ ଡଙ୍ଗାଟାଏ ଅଛି ।

ଡଙ୍ଗାର ଦଉଡ଼ି ଖୋଲି ସେ ଦେଖିଲା ଯେ ଡଙ୍ଗାର ଅଧା ଅଂଶ ପଙ୍କରେ ଲାଗି ଯାଇଛି । ଅଧା ପାଣିରେ ରହିଛି । ଯେତେ ଚେଷ୍ଟା କଲେ ମଧ୍ୟ ଡଙ୍ଗା ପାଣିକୁ ଗଲା ନାହିଁ ।

ଡଙ୍ଗାର ଗୋଟାଏପଟେ କାଠ ପଥର ଯାହା ପାଇଲା ସେ ଲଦିବାକୁ ଲାଗିଲା । ତା ଦ୍ୱାରା ଡଙ୍ଗାଟା ଟିକିଏ ହଲଚଲ ହେଲା ସତ କିନ୍ତୁ ପାଣି ଭିତରକୁ ଗଲା ନାହିଁ ।

ଜେନ୍ ଡଙ୍ଗାର ଗୋଟାଏ ମୁଣ୍ଡରୁ ଅନ୍ୟ ମୁଣ୍ଡକୁ ଯାଇ ନିଜ ଦେହର ଓଜନରେ ଡଙ୍ଗାଟାକୁ ପଙ୍କରୁ ଖସାଇବାକୁ ଚେଷ୍ଟା କଲା । ଡଙ୍ଗା ପୁଣି ଟିକିଏ ତଳକୁ ଖସିଲା ସତ କିନ୍ତୁ ପୂରାପୂରି ପାଣି ଭିତରକୁ ଗଲା ନାହିଁ ।

କିଂକର୍ତ୍ତବ୍ୟବିମୂଢ଼ ହୋଇ ସେ ନଦୀର କୂଳ ଆଡ଼କୁ ସାହାଯ୍ୟ ପାଇବା ଆଶାରେ ଅନାଇ ଦେଖିଲା ଯେ ସେଠାରେ ତା ଆଡ଼କୁ

Digitized by srujanika@gmail.com

ଏକ ଲୟରେ ଚାହିଁ ଯିଏ ଠିଆ ହୋଇ ରହିଛି ସେ ହେଉଛି ତାର ଚିର ଶତ୍ରୁ—ନିକୋଲାସ୍—

ଜେନ୍‌ର ମନରୁ ସାହସ ତୁଟିଗଲା ପରି ଲାଗିଲା । ସେ ଯେତେ ଶୀଘ୍ର ପାରେ ଡଙ୍ଗାଟାକୁ ପଙ୍କରୁ ଖସାଇ ନେବାପାଇଁ ବାରମ୍ବାର ବିଜୁଳି ଭଳି ଡଙ୍ଗାର ଗୋଟାଏ ମୁଣ୍ଡରୁ ଅନ୍ୟ ମୁଣ୍ଡ ପର୍ଯ୍ୟନ୍ତ ଦୌଡ଼ିବାକୁ ଲାଗିଲା ।

ଡଙ୍ଗା ଧୀରେ ଧୀରେ ପାଣିକୁ ଖସିଲା । ନିକୋଲାସ୍ ନଈ ତଳକୁ ଦୌଡ଼ି ଆସି ଡାକ ପକାଇଲା—ରହିଯା—ନଚେତ୍ ଗୁଳି କରିବି ।

ନିକୋଲାସ୍ ହାତରେ ପିସ୍ତଲ ନଥିଲେ ମଧ୍ୟ ତା ପଛରେ ଯେ ତାର ଅନୁଚରମାନେ ଅଛନ୍ତି—ଏ ବିଷୟରେ ଜେନ୍ ନିଶ୍ଚିତ ହୋଇ ଯାଇଥିଲା । ତଥାପି ଡଙ୍ଗା ପାଣିକୁ ଖସି ସୁଅରେ ଭସି ଯାଉଥିଲା—

ତଥାପି ଜେନ୍ ଦେଖିଲା—ନିକୋଲାସ୍ ଡଙ୍ଗାର ଦଉଡ଼ିଟାକୁ ଟାଣି ଧରିଛି ।

★

ଟାରଜନ୍ ଓ ତାର ବଣମଣିଷ ଦଳଙ୍କ ଭିତରେ ହଠାତ୍ ଦେଖାସାକ୍ଷାତ ହେଲା ଜଙ୍ଗଲ ମଝିରେ । ଟାରଜନ୍‌ର ସମୟ ନଥିଲା । ସେ ଅତିଶୀଘ୍ର ଜଙ୍ଗଲ ମଧ୍ୟରେ ନିକୋଲାସ୍‌ର ଗତିପଥ ଅନୁସରଣ କରି ଚାଲିଲା ।

ସେ ଜାଣିପାରିଲା ଯେ ନିକୋଲାସ୍ ଓ ଜେନ୍ ଦୁହେଁ ଏକାସଙ୍ଗେ ଯାଇନାହାନ୍ତି । କାରଣ ଜେନ୍‌ର ପାଦଚିହ୍ନ ଉପରେ ଅନ୍ୟ ବନ୍ୟଜନ୍ତୁଙ୍କର ପାଦଚିହ୍ନ ପଡ଼ିଥିଲା । କିନ୍ତୁ ନିକୋଲାସ୍‌ର ପାଦଚିହ୍ନ ପରିଷ୍କାର ଦେଖାଯାଉଥିଲା ।

Digitized by srujanika@gmail.com

ଜଙ୍ଗଲ ଭିତରେ ପ୍ରାଣୀର ଗତିପଥ ନିର୍ଣ୍ଣୟ କରିବା ଟାରଜନ୍ କିମ୍ବା ତା'ର ଦଳର ଲୋକଙ୍କ ପକ୍ଷରେ ଅସମ୍ଭବ ନଥିଲା ।

ବିଜୁଳି ବେଗରେ ସେ ଜଙ୍ଗଲ ପରେ ଜଙ୍ଗଲ ଅତିକ୍ରମ କରି ଚାଲିଆସିଲା ।

ନଦୀ କୂଳରେ ପହଞ୍ଚି ସେ ଦେଖିଲା ଯେ ପଙ୍କରେ ପାଦଚିହ୍ନ ପଡ଼ିଛି । ନୌକା ଘୋଷରି ହେବାର ଚିହ୍ନ ଅଛି । କିନ୍ତୁ ଜେନ୍ ନାହିଁ କି ନିକୋଲାସ୍ ନାହିଁ ।

ଟାରଜନ୍ ମନରେ ଆଉ କୌଣସି ସନ୍ଦେହ ନଥିଲା । ନିକୋଲାସ୍ ନିଶ୍ଚୟ ଜେନ୍‌କୁ ଧରି ଡଙ୍ଗାରେ ପଳାଇଯାଇଛି ।

ସଙ୍ଗେ ସଙ୍ଗେ ନଈ କୂଳେ କୂଳେ ସେ ଗଛ ଉପରେ ଡେଇଁ ଡେଇଁ ବିଜୁଳି ବେଗରେ ଛୁଟି ଚାଲିଲା ।

ତା ପଛେ ପଛେ ଅବଶ୍ୟ ନଦୀକୂଳରେ ତା ଦଳର ଅନ୍ୟମାନେ, ଅଳ୍ପ ସମୟ ଭିତରେ ଆସି ପହଞ୍ଚିଗଲେ । କିନ୍ତୁ ଟାରଜନ୍‌କୁ ଗଛ ଉପରେ ଉପରେ ଯିବାର ଦେଖି ସେମାନେ ମଧ୍ୟ ତା ପଛେ ପଛେ ଛୁଟିଲେ । ପାର୍ଥକ୍ୟ କେବଳ ଏତିକି ଥିଲା ଯେ ଟାରଜନ୍ ଗଛ ଉପରେ ଉପରେ ଖୁବ୍ ଶିଘ୍ର ଗତିକରି ଯାଉଥିଲା— ଅନ୍ୟମାନେ ସ୍ଥଳପଥ ଜଳପଥ ଅତିକ୍ରମ କରି ଘୁରାଣିଆ ପଥରେ ଧୀରମନ୍ଥର ଗତିରେ ତାକୁ ଅନୁସରଣ କରି ଚାଲିଥିଲେ ।

ଟାରଜନ୍ ନଦୀକୂଳରେ ଗତି କରୁକରୁ ନଦୀ ଭିତରକୁ ଚାହିଁ ଦେଖିଲା ଯେ ଗୋଟାଏ ବାଙ୍କରେ ଗୋଟାଏ ଛୋଟ ଡଙ୍ଗା ଭାସି ଯାଉଛି ।

ସେ ମୁହୂର୍ତ୍ତକ ମଧ୍ୟରେ ତାର ଗତିକୁ ବଢ଼ାଇ ଦୁଇଗୁଣ କରିଦେଲା । ଡଙ୍ଗାଟା ନଦୀର ଅଙ୍କାବଙ୍କା ପଥଦେଇ ବାଙ୍କଟାକୁ

Digitized by srujanika@gmail.com

ପାର ନହେଉଣୁ ଟାରଜନ୍ ଡଙ୍ଗା ନିକଟରେ ପହଞ୍ଚି ଯାଇଥିଲା କିନ୍ତୁ ଡଙ୍ଗାରେ ସେ ଜେନ୍‌କୁ ଦେଖିବାକୁ ପାଇଲା ନାହିଁ ।

ତଥାପି ନିଜର ଚିରଶତ୍ରୁ ତ'ର ହାତ ମୁଠାରେ । ତାରଜନ୍ କୂଳରୁ ରଡ଼ ଛାଡ଼ିଲା—

ସେ ରଡ଼ରେ ଜଙ୍ଗଲ ଯେତିକି କମ୍ପି ଉଠିଲା ତା'ଠାରୁ ବେଶି ଥରିଉଠିଲା ନିକୋଲାସ୍ ।

ଗୋଟାଏ ଲମ୍ଫରେ ଟାରଜନ୍ ନଦୀ ଭିତରକୁ ଡେଇଁ ତୀବ୍ର ବେଗରେ ସୁଅର ଗତିରେ ନିଜର ଗତି ମିଶାଇ ଦେଲା ।

ନିକୋଲାସ୍ ପ୍ରାଣ ଭୟରେ ଆହୁଲାଟାକୁ ବିଜୁଳି ବେଗରେ ଚଳାଇବାକୁ ଲାଗିଲା ।

ନଦୀ ଭିତରେ ଦୁଇଜଣଙ୍କର ଗୁରୁତର ଦୌଡ଼ ପ୍ରତିଯୋଗିତା ।

ଧୀରେ ଧୀରେ ଟାରଜନ୍ ନିକୋଲାସ୍‌ର ନିକଟବର୍ତ୍ତୀ ହେବାକୁ ଲାଗିଲା । ନିକୋଲାସ୍‌ର ହାତ ଭୟରେ ହେଉ କିମ୍ବା ଅତିଶ୍ରମଜନିତ ଦୁର୍ବଳତା ହେତୁ ହେଉ—ଧୀରେ ଧୀରେ ଶିଥିଳ ହୋଇ ଆସିଲା ।

ଏବଂ ଅଳ୍ପ ସମୟ ମଧ୍ୟରେ ଟାରଜନ୍ ଡଙ୍ଗାଟାର ମଙ୍ଗକୁ ଜାବୁଡ଼ି ଧରିଲା ।

ଠିକ୍ ସେତିକିବେଳେ ସେ ଅନୁଭବ କଲା ଯେ ତା'ର ଜଙ୍ଘକୁ କିଏ ଯେପରି ପାଣି ଭିତରୁ କାମୁଡ଼ିଧରି ତାକୁ ନଈ ଭିତରକୁ ଟାଣି ନେଉଛି ।

ପାଣି ଭିତରେ ଛଟପିଟି ହେବାର ଦୃଶ୍ୟ ଦେଖି ନିକୋଲାସ୍ ବୁଝିନେଲା ଯେ ଟାରଜନ୍ ବଡ଼ଏକ କୁମ୍ଭୀର ହାବୁଡ଼ରେ ପଡ଼ିଛି ।

Digitized by srujanika@gmail.com

ନିକୋଲାସ୍‌ର ଦୁଷ୍ଟବୁଦ୍ଧି ସବୁବେଳେ ବିଜୁଳିପରି କାମକରେ । କାଳବିଳମ୍ବ ନକରି ସେ ଆହୁଲରେ ଷ୍ଟାରଜନ୍ ମୁଣ୍ଡକୁ ନିଜର ସମସ୍ତ ଶକ୍ତି ଖଟାଇ ଗୋଟାଏ ପ୍ରଚଣ୍ଡ ପାହାର ଦେଲା ।

ତାପରେ—

ତାପରେ ପାଣିରେ କେବଳ ଗୋଟାଏ ଭଉଁରୀ ଦେଖାଗଲା । ଷ୍ଟାରଜନ୍ ପାଣି ଭିତରେ ସେଇ ଭଉଁରୀ ତଳେ ସଳିଳ ସମାଧି ଗ୍ରହଣ କଲା ।

ଉଗମ୍ବୀ ନଦୀର ସୁଅ ପୂର୍ବପରି ବହିଗଲା ସମୁଦ୍ର ଆଡ଼କୁ ।

ଭାଗ୍ୟ ତା ଉପରେ କେତେ ଯେ ପ୍ରସନ୍ନ ସେ କଥା ହୃଦୟଙ୍ଗମ କରିବାର ନିକୋଲାସ୍‌କୁ ବହୁ ସମୟ ଲାଗିଲା । ଘୋର ବିପଦରେ ସେ ନିଜର ବିଚାର ଶକ୍ତି ହରାଇଥିଲା । ଯେତେବେଳେ ତା'ର ବିଚାର ଶକ୍ତି ତା ମସ୍ତିଷ୍କ ଭିତରକୁ ପୁଣି ଫେରି ଆସିଲା ସେ ମନେ ମନେ ନିଜର ଭାଗ୍ୟକୁ ପ୍ରଶଂସା ନକରି ରହିପାରିଲା ନାହିଁ ।

ଏତେ ସହଜରେ ସେ ନିଜର ଚିରଶତ୍ରୁ ଷ୍ଟାରଜନ୍‌କୁ ନିପାତ କରିପାରିବ ସେ ଭରସା ତାର ନଥିଲା ।

ମନର ଆନନ୍ଦରେ ଗୀତ ଗାଇ ସେ ନାଆକୁ ମଝି ନଈରେ ଭସାଇ ଦେଲା । ଆଗରେ ସମୁଦ୍ର ମୁହାଣରେ ନିକୋଲାସ୍ ନିଜର ଜାହାଜକୁ ଛାଡ଼ିଦେଇ ଆସିଛି । ତା'ର ବନ୍ଧୁ ପାଲ୍ ଜାହାଜକୁ ନିଶ୍ଚୟ ଠିକ୍‌କରି ରଖିଥିବ । ବର୍ତ୍ତମାନ ଆଉ କିଛି ଚିନ୍ତା ନାହିଁ ।

କିନ୍ତୁ କୂଳକୁ ଚାହିଁ ନିକୋଲାସ୍ ଦେଖିଲା ଯେ ବଣମଣିଷ ଦଳ ଓ ବାଘଟା ନଈ କୂଳେ କୂଳେ ତାର ପିଛା କରିଛନ୍ତି ।

Digitized by srujanika@gmail.com

ସେଗୁଡ଼ାକୁ ଦେଖିବା ମାତ୍ରେ ନିକୋଲସ୍‌ର ପିଳେହି ପାଣି ହୋଇଗଲା । ପୁଣି ନିଜର ସମସ୍ତ ଶକ୍ତି ଖଟାଇ ସେ ଯଥାସମ୍ଭବ ଡଙ୍ଗାଟାକୁ ନେଇ ମଝିରେ ଚଳାଉଥାଏ । ତଥାପି କୂଳ ଉପରୁ ତା'ର ନଜର କେବେହେଲେ ଅନ୍ୟଆଡ଼େ ଯାଉନଥାଏ ।

ବଣ ମଣିଷ ଦଳ ମଧ୍ୟ ଡଙ୍ଗା ଉପରେ ନଜର ରଖି କୂଳେ କୂଳେ ଗ୍ଲଲିଥାଆନ୍ତି । ବହୁଦୂର ଏପରି ଗତି କରିବା ପରେ ସମୁଦ୍ରର ଗର୍ଜନ ଶୁଣାଗଲା । ଦୂର ଦିଗ୍‌ବଳୟରେ ଜାହାଜଟାର ମାସ୍ତୁଲ ମଧ୍ୟ ଦେଖାଗଲା ।

ନିକୋଲସ୍ ଅତି ଯତ୍ନରେ ଡଙ୍ଗାଟା ନେଇ ଜାହାଜ ପାଖରେ ଲଗାଇଲା । ଜାହାଜର ଗୋଟାଏ ପାର୍ଶ୍ୱରେ ରସିର ସିଢ଼ିଧରି ଉଠିବା ମାତ୍ରେ ପାଟି ଶୁଣାଗଲା—

"ଖବରଦାର—ଉପରକୁ ଉଠିଲେ ଗୁଳି କରିଦେବି ।"

ନିକୋଲସ୍ ଦେଖିଲା—ଏ ଆଉ କାହାର ନୁହେ । ରାଇଫଲ୍ ଧରି ଜେନ୍ ଜାହାଜ ଉପରୁ ତାକୁ ତାର ଡଙ୍ଗାରେ ଚଢ଼ି ଗ୍ଲଲିଯିବା ପାଇଁ ଆଦେଶ ଦେଉଛି । ବାଧ୍ୟହୋଇ ନିକୋଲସ୍ ଡଙ୍ଗାରେ ଚଢ଼ି କୂଳଆଡ଼କୁ ଆହୁଲା ମାରିଲା ।

ଜେନ୍ ବହୁ କଷ୍ଟରେ ସେ ଜାହାଜ ପାଖରେ ଆସି ପହଞ୍ଚିବାରେ ସକ୍ଷମ ହୋଇଥିଲା । ନଦୀ କୂଳରେ ତାର ଡଙ୍ଗାର ରସି ଯେତେବେଳେ ନିକୋଲସ୍ ଧରି ପକାଇଥିଲା—ଜେନ୍ ରାଇଫଲ୍ ଦେଖାଇ ନିକୋଲସ୍‌କୁ ରସି ଛାଡ଼ି ଦେବାକୁ ବାଧ୍ୟକଲା । ନିକୋଲସ୍ ପ୍ରାଣମୂର୍ଚ୍ଛା ଗତିରେ ନଦୀର କୂଳେ କୂଳେ ଦୌଡ଼ି ତା ନିଜ ଡଙ୍ଗାରେ ଜେନ୍‌ର ପିଛା କଲା । କିନ୍ତୁ ସେତେବେଳକୁ ଜେନ୍ ସ୍ରୋତରେ ବହୁଦୂର ଗତିକରି ସାରିଥିଲା ।

Digitized by srujanika@gmail.com

ବହୁ କଷ୍ଟରେ ଜାହାଜ ନିକଟରେ ପହଞ୍ଚି ଜେନ୍ ଦେଖିଲା ଯେ ସେ ଜାହାଜଟା ନିକୋଲାସ୍‌ର । କିନ୍ତୁ ସମୁଦ୍ର ମଝିରେ ଡଙ୍ଗା ସମ୍ଭବତ ଝାସ ଦେବା ଅପେକ୍ଷା ଜାହାଜରେ ଉଠିବା ଶ୍ରେୟସ୍କର ମଣି ସେ ବହୁ କଷ୍ଟରେ ଡଙ୍ଗାକୁ ସମ୍ଭାଳି ଜାହାଜ ଉପରକୁ ଉଠିଲା । ଜାହାଜରୁ ଅନ୍ୟମାନେ ଜଙ୍ଗଲଆଡ଼କୁ ଖାଦ୍ୟ ପାଇଁ ଚାଲିଯାଇ ଥିଲେ । ପ୍ରହରୀ ଦୁଇଟା ମଦ ପିଇ ବେହୋସ ହୋଇ ପଡ଼ିଥିଲେ । ଜେନ୍ ସେମାନଙ୍କୁ ଡାଲିପକାଇ ଜାହାଜରେ ଅପେକ୍ଷା କରୁକରୁ ନିକୋଲାସ୍‌କୁ ଦେଖିବାକୁ ପାଇଲା ।

ନିକୋଲାସ୍‌ଠାରୁ ସେ ଉଦ୍ଧାର ପାଇଲା ସତ—କିନ୍ତୁ କୂଳରେ ଯେତେବେଳେ ଫେରନ୍ତା ନାବିକଙ୍କୁ ସେ ଦେଖିଲା । ଜେନ୍‌ର ବୁଦ୍ଧି ହଜିଗଲା—

★

ଟାରଜନ୍ ଅନୁଭବ କଲା ଯେ ଏକ ବିରାଟକାୟ ଜଳଜନ୍ତୁ ତା'ର ଜଙ୍ଘକୁ କାମୁଡ଼ି ଧରିଛି ଓ ତାକୁ ପାଣି ତଳକୁ ଟାଣି ନେଉଛି । ମନଇଚ୍ଛା ବାୟୁ ପେଟ ଭିତରକୁ ନେଇ ସେ ପାଣି ଉପରୁ ତଳକୁ ବୁଡ଼ି ଯାଉଥା'ନ୍ତି ତା ମୁଣ୍ଡ ଉପରେ ସାମାନ୍ୟ ଆଘାତ ଲାଗିଲାପରି ଜଣାଗଲା ।

କୁମ୍ଭୀରଟା ତାକୁ ଭୀଷଣ ବେଗରେ ପାଣି ଭିତରେ ଟାଣି ନେଉଥିଲା । ପାଣିରେ କୁମ୍ଭୀର ହାତୀକୁ ମଧ୍ୟ ଅକ୍ତିଆର କରିପାରେ । ଟାର୍ଜନ୍ ନିଜକୁ ମୁକୁଳାଇବା ପାଇଁ ବହୁ ଚେଷ୍ଟା

Digitized by srujanika@gmail.com

କଲା—କିନ୍ତୁ କୁମ୍ଭୀରର ବଜ୍ରବନ୍ଧନରୁ ନିଜକୁ ମୁକ୍ତ କରିବାର ଶକ୍ତି ତା'ର ନଥିଲା ।

ଏହାହିଁ ବୋଧହୁଏ ଜୀବନର ପରିସମାପ୍ତି ଅଳ୍ପ କେତେ ସେକେଣ୍ଡ ଭିତରେ ପାଣି ଭିତରେ ତାର ନିଃଶ୍ୱାସ ବନ୍ଦ ହୋଇଯିବ ଏବଂ ସେ ଶେଷରେ କୁମ୍ଭୀରର ଖାଦ୍ୟରେ ପରିଣତ ହେବ ।

ଟାରଜନ୍ ଅଣ୍ଟାରୁ ତାର ଛୁରୀ ବାହାର କଲା । କୁମ୍ଭୀର ଉପରେ ସେ ମୁହଁମାଡ଼ି ପଡ଼ି ରହି ନିଃଶ୍ୱାସକୁ ନିୟନ୍ତ୍ରଣ କରୁଥାଏ । ଗୋଟି ଏ ହାତରେ କୁମ୍ଭୀରକୁ ଜାବୁଡ଼ିଧରି ଅନ୍ୟ ହାତରେ କୁମ୍ଭୀରର ତଣ୍ଟି ପାଖରେ ସେ ନିଜର ସମସ୍ତ ଶକ୍ତି ପ୍ରୟୋଗକରି ଛୁରୀଟାକୁ ଭିତରକୁ ଠେଲିବାକୁ ଚେଷ୍ଟା କରିବାକୁ ଲଗିଲା ।

କୁମ୍ଭୀରର ଚମଡ଼ାରେ ଢାଲ ତିଆରି ହୁଏ । ଅନ୍ୟ କୌଣସି ଜନ୍ତୁର ଚମଡ଼ା କୁମ୍ଭୀର ଚମଡ଼ା ପରି ଶକ୍ତ ନୁହେଁ, କୁମ୍ଭୀର ତଥାପି ବିଜୁଳିବେଗରେ ଟାରଜନ୍‌କୁ ଟାଣିନେଇ ଗୋଟାଏ ପଙ୍କୁଆ ଗାତରେ ପଶିଗଲା ।

ଗାତରେ କୁମ୍ଭୀରଟା ସମ୍ପୂର୍ଣ୍ଣରୂପେ ପଶିଗଲା ପରେ ଟାରଜନ୍ ଦେଖିଲା ଯେ ଗାତରେ ପାଣି ନାହିଁ । କିନ୍ତୁ ଗାତର ମୁହଁଟା କେବଳ ପାଣି ଭିତରେ ଅଛି । ଗାତ ଭିତରଟା ଗୋଟାଏ ପ୍ରକାଣ୍ଡ କୋଠରୀ ଭଳି ହୋଇଛି ଏବଂ ଯେଉଁଭିତରେ ଅଧିଡ଼ଜନେ କୁମ୍ଭୀର ରହିଲାପରି ଜାଗା ଅଛି ।

କୁମ୍ଭୀରଟା ଗାତ ଭିତରେ ଟାରଜନ୍‌କୁ ଛାଡ଼ି ଚାଲେ ଗଡ଼ିଗଲା ଏବଂ ଛଟିପିଟି ହୋଇ ନିଶ୍ଚଳ ହୋଇ ପଡ଼ିଗଲା ।

ଘୋର ଅନ୍ଧକାର ଭିତରେ ଟାରଜନ୍ ଅନୁଭବ କଲା ଯେ କୁମ୍ଭୀରଟା ମରିଯାଇଛି ।

Digitized by srujanika@gmail.com

ନିଃଶ୍ୱାସ ତା'ର ବନ୍ଦ ହେବା ଉପରେ । କୌଣସିମତେ ଗାତ ଭିତରୁ ବାହାରକୁ ବାହାରିବାକୁ ହେବ । ଏଣେ କୁମ୍ଭୀରର କାମୁଡ଼ାରେ ଗୋଡ଼ ପ୍ରାୟ ଅଚଳ ହୋଇ ପଡ଼ୁଛି । ଭାଗ୍ୟକୁ ହାଡ଼ ଭାଂଗିନାହିଁ । କୁମ୍ଭୀରର ଦାନ୍ତ ମଧ୍ୟ ଟାରଜନ୍‌ର ଇସ୍ପାତର ମାଂସପେଶୀକୁ ଭେଦକରି ଗଭୀର କ୍ଷତ କରିବା ପାଇଁ ସକ୍ଷମ ହୋଇ ପାରିନାହିଁ ।

ଟାରଜନ୍ ପାଣି ଭିତରୁ ଉପରକୁ ଉଠି ଦେଖିଲା ଯେ କୂଳ ଅତି ନିକଟରେ । ପଛକୁ ଅନାଇ ଦେଖିଲା ଯେ ନଈ ଭିତରୁ ଦୁଇଟା କୁମ୍ଭୀର ତାକୁ ଦେଖି ତା ଆଡ଼କୁ ମାଡ଼ି ଆସୁଛନ୍ତି ।

ପାଣି ଭିତରକୁ ଡାଳଟାଏ ଲମ୍ବି ଆସିଛି । ଏକାଥରକେ ନିଜର ସମସ୍ତ ଶକ୍ତି ସଞ୍ଚୟକରି ଟାରଜନ୍ ଗଛର ଡାଳରେ ଯାଇ ବସିଲା । କୁମ୍ଭୀର ଦୁଇଟା ତଳେ ପାଟିମେଲାଇ କେବଳ ତାକୁ ଅନାଇ ରହିଲେ ।

କିଛିକ୍ଷଣ ବିଶ୍ରାମ କରିବା ପରେ ସେ ଗଛ ଉପରେ ଗତି କରିବାକୁ ମନେ ମନେ ସ୍ଥିର କରିନେଲା । ଗୋଡ଼ରେ ଭୀଷଣ ଯନ୍ତ୍ରଣା ହେତୁ ଗଛ ଉପରେ ଡେଇଁ ଡେଇଁ ଯିବା ତା ପକ୍ଷରେ ମୋଟେ ସମ୍ଭବପର ହେଲା ନାହିଁ । ବାଧ୍ୟହୋଇ ସେ ନଦୀ କୂଳେ କୂଳେ ସମୁଦ୍ର ଆଡ଼କୁ ଗତି କରିବାକୁ ଲାଗିଲା ।

ପିଲାଟା ମରିବା କଥା ଟାରଜନ୍ ମନରେ ଘୋର ଦୁଃଖ ଜାଗ୍ରତ କରିଥିଲା । ମନରେ ତା'ର ନାନା ପ୍ରକାର ସନ୍ଦେହ ଜାତ ହୋଇଥିଲା । କେଜାଣି ମୃତ ଶିଶୁଟା ତା'ର ନୁହେଁ ବୋଲି କାହିଁକି କହିଲା ? ପ୍ରକୃତରେ ଶିଶୁଟା ଯେ ତା'ର ନୁହେଁ ଟାରଜନ୍ ସେ କଥା ବିଶ୍ୱାସ କରିବାର କୌଣସି କାରଣ ପାଇଲା ନାହିଁ ।

Digitized by srujanika@gmail.com

ନିକୋଲସ୍ ନିଶ୍ଚିତ ଭାବରେ ତା'ର ପୁଅକୁ ଚୋରାଇ ନେଇ ଜାହାଜରେ ରଖିଥିବାର ସ୍ପଷ୍ଟ ପ୍ରମାଣ ସେ ଆଗରୁ ପାଇଛି ।

ତେବେ କ'ଣ ସ୍ତ୍ରୀ ଲୋକଟା ଜେନ୍ ନୁହେଁ ? ହୋଇପାରେ ସେ ଅନ୍ୟ କିଏ ! ଜେନ୍ ନିଜର ଶିଶୁକୁ ନିଜର ବୋ'ଲି ସ୍ୱୀକାର କାହିଁକି ନ କରିବ ? ଜେନ୍ ବୋଧହୁଏ ଲଣ୍ଡନରେ ନିରାପଦରେ ଅଛି ।

ଏହିପରି ନାନା ଭାବନାର ବଶବର୍ତ୍ତୀ ହୋଇ ଟାରଜନ୍ କୂଳେ କୂଳେ ଅନେକ ଦୂର ଗତିକଲା । ରାସ୍ତାରେ ଦଳେ ଦଳେ ଆଦିବାସୀ ତା'ର ଗତିରୋଧ କଲେ । କିନ୍ତୁ ସେମାନଙ୍କୁ ଉପଯୁକ୍ତ ଦଣ୍ଡ ଦେବାକୁ ଟାରଜନ୍‌ର ଯଥେଷ୍ଟ ଶକ୍ତି ଥିଲା ।

ଏତିକିବେଳେ ରାତି ହୋଇ ଆସିଲା । ମେଘର ଅନ୍ଧକାରରେ ନଦୀର ଗର୍ଭ ଆବୃତ ହୋଇ ପଡ଼ିବାରୁ ଆଗରେ କ'ଣ ଅଛି କିଛି ଦେଖାଗଲା ନାହିଁ । ଟାରଜନ୍ କ'ଣ କରିବ କିଛି ସ୍ଥିରକରି ପାରିଲା ନାହିଁ ।

ହଠାତ୍ ଘନ ଅନ୍ଧକାର ଭେଦକରି ତା କାନରେ ଆସି ବାଜିଲା ଜଣେ ସ୍ତ୍ରୀ ଲୋକର ଚିତ୍କାର । ଚିତ୍କାର ନଦୀ ଗର୍ଭରୁ ଓ ଅଳ୍ପ ଦୂରରୁ ଆସୁଥିବା ପରି ଜଣାଯାଉଥିଲା ।

ଟାରଜନ୍ ପାଣି ଭିତରକୁ ପୁଣି ଡେଇଁଲା ଏବଂ ନିକଟରେ ଥିବା ଗୋଟାଏ ଜାହାଜ ପାଖରେ ଆସି ପହଞ୍ଚିଲା ।

× × ×

ନାବିକମାନେ କୂଳରୁ ନିକୋଲସ୍‌ର ପାଟିଶୁଣି ନିକୋଲସ୍ ଆଡ଼କୁ ଡଙ୍ଗାନେଇ ତାକୁ ଡଙ୍ଗାରେ ବସାଇ ଜାହାଜ ଆଡ଼କୁ ଆସିଲେ ।

Digitized by srujanika@gmail.com

ଶତ୍ରୁମାନଙ୍କୁ ଦେଖି ଜେନ୍ ରାଇଫଲରୁ ଗୁଳି ଚଳାଇଲା । ଗୋଟାଏ ଲୋକ ଅବଲମ୍ବେ ଡଙ୍ଗାରୁ ପାଣିକୁ ଖସି ପଡ଼ିଲା ।

ତଥାପି ନିକୋଲାସ୍ ତାର ଲୋକମାନଙ୍କୁ ନେଇ ଜାହାଜ ଆଡ଼କୁ ଗତି କରିବାରେ ଲାଗିଲା । ଜେନ୍ ପୁଣି ଗୁଳି ଚଳାଇବାରୁ ଆଉ ଗୋଟାଏ ନାବିକ ସେହିପରି ପାଣିକୁ ଖସି ସଲିଳ ସମାଧି ଗ୍ରହଣ କଲା ।

ବାଧ୍ୟ ହୋଇ ନିକୋଲାସ୍ ଡଙ୍ଗାକୁ କୂଳଆଡ଼କୁ ଫେରାଇଲା ।

ଜେନ୍ ଯେତେବେଳେ ଦେଖିଲା ଯେ ନିକୋଲାସ୍ ଫେରି ଯାଉଛି—ସେତେବେଳେ ତା'ର ପିଣ୍ଡରେ ପ୍ରାଣ ପଶିଲା । ରାଇଫଲ ଧରି ସେ ସଙ୍ଗେ ସଙ୍ଗେ ପ୍ରହରୀମାନଙ୍କ ନିକଟକୁ ଗଲା । ରାଇଫଲ ଦେଖାଇ ସେମାନଙ୍କୁ ସେ ନିରସ୍ତ କଲା ଏବଂ ଜାହାଜର ନଙ୍ଗର ଉଠାଇବାକୁ ସେମାନଙ୍କୁ ଆଦେଶ ଦେଲା ।

ଜେନ୍‌ର ଆଦେଶ ପାଳନ କରିବା ଛଡ଼ା ସେମାନଙ୍କର ଅନ୍ୟ ଉପାୟ ନଥିଲା । ସେମାନେ ଜାହାଜର ନଙ୍ଗର ଉଠାଇବା କାମରେ ଲାଗିଗଲେ । ଜେନ୍ ରାଇଫଲ୍ ଧରି ସେମାନଙ୍କୁ ଜଗି ରହିଥାଏ । ଅନ୍ତତଃ ସେଇ ଜାହାଜଟାରେ ସମୁଦ୍ର ଭିତରକୁ ଭାସି ଭାସି ଯାଇହେବ । ଆଉ କିଛି ନ ହେଲେ ଆପାତତଃ ନିକୋଲାସ୍‌ର ଦାଉରୁ ରକ୍ଷା ମିଳିଯିବ ପରେ । ଯଦି ସମୁଦ୍ର ଭିତରେ ଅନ୍ୟ ଜାହାଜର ସନ୍ଧାନ ମିଳେ ତେବେ ନିଜ ଦେଶକୁ ଫେରିବା ଅସମ୍ଭବ ହେବନାହିଁ ।

ଜାହାଜରୁ ନଙ୍ଗର ଉଠିବା ମାତ୍ରେ ଜାହାଜ ସ୍ରୋତ ଓ ପବନର ଗତିଧରି ସମୁଦ୍ର ଆଡ଼କୁ ଭାସିଗଲା । ଜେନ୍ ମନରେ ସାମାନ୍ୟ ସାନ୍ତ୍ୱନା ଜାତ ହେଲା ।

Digitized by srujanika@gmail.com

କିନ୍ତୁ ଜାହାଜଟା ଅଳ୍ପଦୂର ଯାଇ ପୋଟାଏ ଚଡ଼ାରେ ଲାଗିଗଲା । ଠିକ୍ ସେତିକବେଳେ ଜେନ୍ ଶୁଣିଲା ଜଣେ ସ୍ତ୍ରୀଲୋକର ଚିତ୍କାର । କଣ ହେଲା—ଦେଖିବାକୁ ଯାଇ ସେ ଜାହାଜ ଉପରୁ ତଳକୁ ଦୃଷ୍ଟି ନିକ୍ଷେପ କଲା । ଏହି ଅବସରରେ ପ୍ରହରୀ ଦୁଇଜଣ ତା ଉପରକୁ ଲମ୍ଫ ଦେଲେ—କାରଣ ନିକୋଲାସ୍ ଯେ ସେମାନଙ୍କର ଅତି ନିକଟରେ ଚିତ୍କାରରୁ ସେକଥା ସେମାନେ ଜାଣିପାରିଥିଲେ ।

ଜେନ୍ ବହୁ ଚେଷ୍ଟା କଲା—କିନ୍ତୁ ସେତେବେଳକୁ ବେଳ ଗଡ଼ି ଯାଇଥିଲା । ଦୁଇଜଣ ସଶସ୍ତ୍ର ପ୍ରହରୀଙ୍କୁ ଗୋଟାଏ ଦୁର୍ବଳା ସ୍ତ୍ରୀଟାକୁ ଅକ୍ତିଆରରେ ଆଣିବାକୁ ବେଶି ସମୟ ଲାଗିଲା ନାହିଁ ।

ଜେନ୍‌କୁ ସେମାନେ ଜାହାଜ ଭିତରକୁ ଘୋଷାରି ନେଇଥିଲେ । ସେତିକବେଳେ ଜେନ୍ ପାଣିକୁ ଅନାଇ ଦେଖିଲା ଯେ ଜଣେ ବିରାଟକାୟ ଲୋକ ଜାହାଜ ଉପରକୁ ଉଠି ଆସୁଛି ।

★

ମୁଗାମ୍ବୀ ଓ ତାର ଦଳ ନୌକାରେ ନିକୋଲାସ୍‌କୁ ଦେଖିଥିଲେ । ମୁଗାମ୍ବୀ ନିକୋଲାସ୍‌କୁ ଭଲକରି ଚିହ୍ନିଥିଲା । ତା'ର ପ୍ରଭୁ ଟାରଜନ୍‌ର ଶତ୍ରୁ ବୋଲି ସେ ନିକୋଲାସ୍‌କୁ ଭଲରୂପେ ଜାଣିଥିଲା । ତେଣୁ ନଦୀ ଭିତରେ ତାକୁ ଓ ତାର ଅନୁଚରମାନଙ୍କୁ ଦେଖି ମୁଗାମ୍ବୀ ସଙ୍ଗେ ସଙ୍ଗେ ତା' ପିଛୁ ଧରିବାକୁ ତତ୍ପର ହୋଇ ଉଠିଲା । ବହୁ ସମୟ ଖୋଜା ଖୋଜି ପରେ ନିକଟରେ ଥିବା ଗୋଟାଏ ଡଙ୍ଗାଟିଏ ଟାଣି ସେଇ ଘୋର

Digitized by srujanika@gmail.com

ଅନ୍ଧକାର ମଧ୍ୟରେ ସେମାନେ ନଈ ଭିତରକୁ ଡଙ୍ଗା ଚଳାଇ ନେଲେ ।

କିନ୍ତୁ ନଦୀ ଭିତରେ ଡଙ୍ଗା ଗଲିବା ମାତ୍ରେ ଡଙ୍ଗା ଭିତରୁ ଶୁଭିଲା ଗୋଟାଏ ସ୍ତ୍ରୀ'ର ଚିତ୍କାର । ଗୋଟାଏ ଆଦିବାସୀ ବାଳକ ବିବାହ ବେଦୀରୁ ପଳାଇଆସି ଡଙ୍ଗା ଭିତରେ ଅନ୍ଧାରରେ ଲୁଚିଥିଲା । ତାକୁ ଖାଇବାକୁ ବଣମଣିଷ ଓ ବାଘ ଉଭୟେ ସେତେବେଳକୁ ତତ୍ପର ହୋଇ ଉଠିଥିଲେ ।

ମୁଗାମ୍ବୀର ଆଦେଶରେ ବଣମଣିଷ ଓ ବାଘ ସ୍ଥିର ହୋଇ ରହିଲେ । ଭୟରେ କମ୍ପୁଥିବା ବାଳକଟିକୁ ବହୁତ ଆଶ୍ୱାସନା ଦେଇ ମୁଗାମ୍ବୀ ସମସ୍ତଙ୍କୁ ନିଜର ସମସ୍ତ ଶକ୍ତି ଖଟାଇ ଡଙ୍ଗା ଚଳାଇବାକୁ ଆଦେଶ ଦେଲା ।

ଖୁବ୍ ଶିଘ୍ର ଡଙ୍ଗା ଭସି ଗଲିଲା । ମୁଗାମ୍ବୀ ଆଶ୍ଚର୍ଯ୍ୟର ସହିତ ଦେଖିଲା ଯେ ତା ଆଗକୁ ଗୋଟାଏ ଜାହାଜ ଭସି ଯାଉଛି । ଜାହାଜର ଗତି ଖିପ୍ର ଥିବାରୁ ମୁଗାମ୍ବୀ ତା'ର ସଙ୍ଗୀମାନଙ୍କୁ ଆହୁରି ବେଗରେ ଡଙ୍ଗା ଚଳାଇବାକୁ ଆଦେଶ ଦେଲା ।

ଠିକ୍ ଏତିକବେଳେ ମୁଗାମ୍ବୀର ଡଙ୍ଗା ନିକଟରେ ଆଉ ଏକ ଡଙ୍ଗା ଆସି ହାଜର ହେଲା । ନିକୋଲାସ୍'ର ଜଣେ ଅନୁଚର ଯେମିତି ମୁଗାମ୍ବୀର ଡଙ୍ଗାକୁ ଧରିଛି—ଡଙ୍ଗା ଭିତରୁ ବଣମଣିଷ ଦଳ ସଙ୍ଗେ ସଙ୍ଗେ ଖିଙ୍କାରି ଉଠିଲେ ।

ନିକୋଲାସ୍ ସଙ୍ଗେ ସଙ୍ଗେ ବିପଦଟା କଳନା କରିନେଲା—

"ଗୁଳିକର—ଗୁଳିକର" ସେ ଚିତ୍କାର କରି ଉଠିଲା ।

Digitized by srujanika@gmail.com

ଗୁଳି ଚଳାଇବାର ଏବଂ ଶକ୍ତ ଓ ଡଙ୍ଗା ଭିତରେ ଥିବା ଆଦିବାସୀ ସ୍ତ୍ରୀହିର ଏବଂ ଆତଙ୍କିତ ଚିତ୍କାର ଜେନ୍ ଓ ଟାରଜନ୍ ଉଭୟେ ଶୁଣିଥିଲେ । କିନ୍ତୁ ଘଟଣା କଣ ତାହା ଜାଣିବାର ସେମାନଙ୍କର ଉପାୟ ନଥିଲା ।

ନିକୋଲାସ୍ ଥିଲା ଅତି ଚାଲାକ୍ । ମୁଗାମ୍ବୀର ଅନୁଚରମାନଙ୍କ ସହିତ ଯୁଦ୍ଧ କରିବା ଅପେକ୍ଷା ବରଂ ଜାହାଜ ଆଡ଼କୁ ଚାଲିଯିବାକୁ ସେ ଶ୍ରେୟସ୍କର ମନେ କଲା । ତା'ର ନାବିକମାନେ ଥିଲେ ଅଧିକ-ଦକ୍ଷ । ତେଣୁ ବିଦ୍ୟୁତ୍ ବେଗରେ ସେ ନିଜ ଡଙ୍ଗାକୁ ଜାହାଜ ଆଡ଼କୁ ନେଇଚାଲିଲା ।

ଠିକ୍ ସେତିକି ବେଳେ ଜାହାଜଟା—ଅଟକିଯାଇ କୂଳର ଗୋଟାଏ ବିପରୀତ ମୁଖୀ ସ୍ରୋତରେ ପଡ଼ିଯାଇଥିଲା ଏବଂ ଧୀରେ ଧୀରେ ନିକୋଲାସ୍ ଆଡ଼କୁ ଆଗେଇ ଆସୁଥିଲା ।

ଟାରଜନ୍ ସେତେବେଳକୁ ଜାହାଜ ଉପରକୁ ଉଠି ସାରିଥିଲା । ସେଠି କାହା ସହିତ କାହାର ଯୁଦ୍ଧ ଚାଲିଛି ତାହା କଳନା କରିବାର ସମୟ ତା'ର ନଥିଲା । ଜଣେ ସ୍ତ୍ରୀ ଲୋକ ଯେ କେତେଜଣ ଦୁର୍ବୃତ୍ତଙ୍କଦ୍ୱାରା ନିର୍ଯ୍ୟାତିତା ହେବାକୁ ଯାଉଛି ଏକଥା ବୁଝିବାରେ ତା'ର ତିଳେ ହେଲେ ବିଳମ୍ବ ହେଲା ନାହିଁ ।

ଏବଂ ଅନତି ବିଳମ୍ବରେ ତାହାର ବଜ୍ରବାହୁ ପ୍ରହରୀ ଦୁଇଟାଙ୍କ କାନ୍ଧରେ ଯାଇ ପଡ଼ିଲା । ପ୍ରହରୀ ଦୁଇଜଣ ଚିତ୍କାରକରି ଉଠିଲେ । ଆଗରେ ତାଙ୍କର ପ୍ରକାଣ୍ଡକାୟ ଟାରଜନ୍ ।

"କ'ଣ ଏଠି ହେଉଛି ?" ଟାରଜନ୍ ପ୍ରଶ୍ନକଲା ।

Digitized by srujanika@gmail.com

ଜେକବ୍‌ର କାନରେ ଟାରଜନ୍‌ର ସ୍ୱର ଗୋଟାଏ ଅଦ୍ଭୁତ ଦେବତାର ସ୍ୱର ଭଳି ଅତି ପରିଚିତ ଓ ଅତି ଆପଣାର ମନେ ହେଲା । ସେ ଆନନ୍ଦରେ ଡେଇଁ ପଡ଼ି ଆଖି ଆଗରେ ପ୍ରାଣର ଦେବତା ଟାରଜନ୍‌କୁ ଦେଖି ଆବେଗରେ ଆତ୍ମହରା ହୋଇ ତାକୁ କୁଣ୍ଢାଇ ପକାଇ ଚିତ୍କାର କରି ଉଠିଲା—ଟାରଜନ୍ !

ସେତିକିବେଳେ ଆକାଶରୁ ମେଘ ଅପସରିଗଲା । ଜ୍ୟୋତ୍ସ୍ନାଲୋକ ମୁହୂର୍ତ୍ତିକ ପାଇଁ ନଦୀ ଗର୍ଭରେ ଏବଂ ଜାହାଜ ଉପରେ ଏକ ଆଲୋକର ପରିସ୍ଫୁରଣ ଖେଳାଇ ଦେଇଗଲା ।

ଟାରଜନ୍ ଆଗକୁ ଚାହିଁ ଦେଖିଲା ଜାହାଜ ଉପରକୁ ଉଠି ଆସୁଛି ନିକୋଲାସ୍ ।

ତା ପଛେ ପଛେ ଉଠି ଆସୁଛନ୍ତି ତା'ର ଅନୁଚର ଦଳ ।

ଟାରଜନ୍‌କୁ ଆଗରେ ଦେଖି ନିକୋଲାସ୍ ପାଟିକରି ଉଠିଲା— 'ଗୁଳିକର—ଗୁଳିକର'—ବନ୍ଧୁକର ଗର୍ଜନ ଶୁଣାଗଲା ।

କିନ୍ତୁ ଲକ୍ଷ୍ୟ ଭେଦକରି ହେଲା ନାହିଁ । ଟାରଜନ୍ ନିକୋଲାସ୍ ଆଡ଼କୁ ଆଗେଇ ଆସିଲା ।

ସେତେବେଳକୁ ନାବିକମାନେ ଆଉ ଗୁଳି କରିବା ଅବସ୍ଥାରେ ନଥିଲେ ।

କାରଣ ନାବିକମାନଙ୍କର ପଛେ ପଛେ ଜାହାଜ ଉପରକୁ ଚଢ଼ିବାକୁ ଚେଷ୍ଟା କରୁଥିଲେ ମୁଗାମ୍ବୀ ଓ ତାର ବଣମଣିଷର ଦଳ । ବାଘର ଗର୍ଜନ ମଧ୍ୟ ଶୁଣାଯାଉଥିଲା ।

Digitized by srujanika@gmail.com

ନିକୋଲାସ୍ ତା'ର ଅନୁଚର ଦଳଙ୍କ ଭିତରେ ଖୋଜିଗଲା ପ୍ରାଣର ଆତଙ୍କ । ଆଗରେ ଯମ—ପଛରେ ଯମ ଦୂତ । ପ୍ରାଣ ବିକଳରେ ଯେ ଯେଉଁଆଡ଼େ ପାଇଲେ ପଳାଇବାକୁ ଲାଗିଲେ ।

ଗୃହଜଣ ନାବିକ ଓ ନିକୋଲାସ୍ ଗୋଟାଏ କ୍ୟାବିନ୍ ଭିତରେ ପଶି ଭିତରୁ ଦ୍ୱାର ବନ୍ଦ କରିଦେଲେ ।

କିନ୍ତୁ କିଛି ସମୟ ପରେ ଭୟାତୁର ନାବିକ ଗୃହଜଣ ନିକୋଲାସ୍‌କୁ ତାଙ୍କ ଭିତରେ ରଖିବା ନିରାପଦ ମନେ ନକରି ଦ୍ୱାରଖୋଲି ତାକୁ ବାହାରକୁ ଠେଲି ଦେଲେ ।

ନିକୋଲାସ୍ ଧକ୍‌କା ଖାଇ ଜାହାଜ ଉପରେ ପଡ଼ି 'ମଲି—ମଲି' ବୋଲି ବିକଳରେ ବୋବାଳି ଛାଡ଼ିଲା ।

ସେ ଭୟାତୁର ଆହ୍ୱାନ ଆଉ କାହାର କର୍ଣ୍ଣରେ ପଡ଼ିବା ପୂର୍ବରୁ ଶୀକରଲୋଭୀ ବାଘର ଦୃଷ୍ଟିକୁ ହଠାତ୍ ଆକର୍ଷଣ କରିସାରିଥିଲା ।

କ୍ଷୁଧାତୁର ପ୍ରାଣୀଟା ଗର୍ଜ୍ଜନ ଛାଡ଼ି ଜିହ୍ୱା ଲହଲହ କରି, ଦାନ୍ତ ଦେଖାଇ, ଲାଙ୍ଗୁଡ଼ ପିଟି ନିକୋଲାସ୍ ଆଡ଼କୁ ଧାଇଁଲା—

ନିକୋଲାସ୍ ସିଡ଼ି ଉପରେ ଚଢ଼ି କ୍ୟାବିନର ଛାତ ଉପରକୁ ଉଠିଲା—

ବାଘଟା ପଛେ ପଛେ କ୍ୟାବିନର ଛାତ ଉପରକୁ ଉଠି ଏକାଠିଆଁକେ ନିକୋଲାସ୍‌କୁ ତଳେ ପକାଇ ତା' ଉଣ୍ଟିରେ ଦାନ୍ତ ବସାଇଲା ।

Digitized by srujanika@gmail.com

ଟାରଜନ୍‌ର ଇଚ୍ଛାଥିଲା ନିକୋଲାସ୍‌ର ପ୍ରତିଶୋଧ ସେ ନିଜ ହାତରେ ନେବ ତେଣୁ ସେ ମଧ୍ୟ ଗଛ ଉପରକୁ ଉଠି ଆସିଥିଲା ।

ସେତେବେଳକୁ ବାଘ, ନିକୋଲାସ୍‌ର ହାଡ଼ ଚୋବାଇ ଲଗିଥାଏ । ନିକୋଲାସ୍ ଅର୍ଦ୍ଧମୃତ ଅବସ୍ଥାରେ ଛଟପଟ ହେଉଥାଏ ।

ରକ୍ତମୁହାଁ ବାଘ କ'ଣ ଆଉ ସେତେବେଳେ 'ଟାରଜନ୍' 'ଫାରଜନ୍'ମାନେ ? ବାଘର ଆହାର ମୁହଁରେ ବାଧା ଦେବାର ଅର୍ଥ ଆକ୍ରମଣର ସମ୍ମୁଖୀନ ହେବା ।

ଟାରଜନ୍ ବୁଝିଲା—ଯେତେ ପୋଷା ମାନିଲେ ମଧ୍ୟ ବାଘ କେତେବେଳେ ହେଲେ ମୂଷା ହୋଇ ପାରିବ ନାହିଁ ।

"କଡ଼କଡ଼" 'ମଡ଼ମଡ଼' ଶବ୍ଦରେ ବାଘ, ନିକୋଲାସ୍‌ର ରକ୍ତାକ୍ତ ମାଂସ ଓ ହାଡ଼କୁ ଚୋବାଉ ଚୋବାଉ ଟାରଜନ୍‌କୁ ଦେଖି ତାକୁ ଧମକାଇ "ଗାଉଁ ଗାଉଁ" ହୋଇ ଗର୍ଜନ କଲା ।

ବାଧହୋଇ ଟାରଜନ୍‌କୁ ପରାଜୟ ସ୍ୱୀକାର କରିବାକୁ ହେଲା । ସେ ତଳକୁ ଆସି ଦେଖିଲା—ଜେନ୍ ତାକୁ ଅପେକ୍ଷା କରିଛି ।

ମୁଗାମ୍ବୀ ଓ ବମେଣିଷ—ଚୋରୋଟି ନାବିକକୁ ଛାଡ଼ଦେଇ ବାକି ସମସ୍ତଙ୍କୁ ଶେଷକରି ଦେଇଛନ୍ତି । କିନ୍ତୁ ନିକୋଲାସ୍‌ର ପ୍ରଧାନ ସଙ୍ଗୀ ପଲ୍‌ର ଦେଖା ନାହିଁ ।

ନାବିକ ଚାରିଜଣ ବର୍ତ୍ତମାନ ଟାରଜନ୍‌ର ବନ୍ଦୀ ।

Digitized by srujanika@gmail.com

ବିଣମଣିଷ ଦଳଙ୍କୁ ନିରସ୍ତ୍ର ରହିବା ପାଇଁ ଆଦେଶ ଦେଇ ଟ'ରଜନ୍ ଜାହାଜକୁ ସମୁଦ୍ର ଆଡ଼କୁ ଚଳାଇନେଲା ।

କିନ୍ତୁ ପ୍ରଚଣ୍ଡ ଝଡ଼ବର୍ଷା ଯୋଗୁଁ ସେମାନେ ବେଶି ଦୂର ଅଗ୍ରସର ହୋଇପାରିଲେ ନାହିଁ । କୂଳରେ ସେମାନଙ୍କୁ ବାଧହୋଇ ନଙ୍ଗର ପକାଇବାକୁ ପଡ଼ିଲା—

ଟାରଜନ୍ ଓ ଜେନ୍ ଦୁହିଁଙ୍କର ମିଳନ ହେଲା ସତ କିନ୍ତୁ ସନ୍ତାନର ସନ୍ଧାନ ମିଳିଲା ନାହିଁ । ଜେନ୍ କହିଲା—ମୃତ ଶିଶୁଟା ତା'ର ପୁଅ ନୁହେଁ—

ଟ'ରଜନ୍ କହିଲା—ସେ ଯେ ଜାହାଜରେ ଥିବା ଏକମାତ୍ର ଶିଶୁ ଏଥିରେ କିନ୍ତୁ ସନ୍ଦେହର ଅବକାଶ ନାହିଁ ।

ଜେନ୍ କହିଲା—ଆଣ୍ଡରସନ୍ ବି ସେ କଥା ବାରମ୍ବାର ତାକୁ କହୁଥିଲା—

ଟାରଜନ୍ ଓ ଜେନ୍ ଦୁହେଁ ଆଶ୍ୱସ୍ତ ହେଲେ ଯେ ସେମାନଙ୍କର ପ୍ରାଣର ଜ୍ୟାକ୍ ନିଶ୍ଚୟ ନିରାପଦରେ କେଉଁଠାରେ ରହିଛି ।

ଏବଂ ଭବିଷ୍ୟତରେ ଦିନେ ସମସ୍ତ ଅନ୍ଧାର ଓ ଝଡ଼ ବର୍ଷା କାଟି ସେମାନେ ନିଜର ପ୍ରାଣ ପ୍ରତିମାର ଚାନ୍ଦ ମୁହଁ ଦେଖି ପ୍ରାଣକୁ ନିଶ୍ଚୟ ଶୀତଳ କରିପାରିବେ ।

Digitized by srujanika@gmail.com

ଜାହାଜ ଉପରେ ବହୁ ସମୟ ଧରି ଟାରଜନ୍ ଓ ଜେନ୍ ବୁଲାବୁଲି କରୁଥିଲେ । ଲଣ୍ଡନ ଛାଡ଼ିବା ପରଠାରୁ ସେମାନଙ୍କ ଜୀବନରେ କେତେ କଣ ଘଟି ଯାଇନାହିଁ ? କି ଅଦ୍ଭୁତ ଭାଗ୍ୟ ସେମାନଙ୍କର ।

ପରସ୍ପର ନିକଟରେ ସେମାନେ ବର୍ଣ୍ଣନା କରି ଚାଲିଥିଲେ ଅଜ୍ଞାତ ଦିନର ସେହି ଅଭୁଲା ସ୍ମୃତି । ଜଣେ କହୁଥିଲା ଅନ୍ୟ ଜଣେ ଶୁଣୁଥିଲା ଆଉ ଜଣେ କହୁଥିଲା ଏବଂ କହିବା ଲୋକ ଶ୍ରୋତାର ଆସନ ଗ୍ରହଣ କରୁଥିଲା ।

ସେ ଅସରନ୍ତି କଥାର ସୁଅରେ ସେମାନେ ସମ୍ପୂର୍ଣ୍ଣ ନିମଜ୍ଜିତ ହୋଇ ଯାଇଥିଲେ । ସେମାନେ ନିଜକୁ ଭୁଲି ଯାଇଥିଲେ ଏବଂ ଭୁଲି ଯାଇଥିଲେ ସେମାନଙ୍କ ଚତୁର୍ଦ୍ଦିଗରେ ଥିବା ପ୍ରକାଣ୍ଡ ବିଶ୍ୱକୁ ।

ସେମାନେ ସେଥି ସହିତ ଭୁଲି ଯାଇଥିଲେ ଯେ ନିକୋଲାସ୍‌ର ସଙ୍ଗୀ ପାଲ୍ ତାଙ୍କ ଉପରେ ପୂରା ନଜର ରଖି ବଣର ଗୋଟାଏ ବୁଦାତଳେ ବସି ରହିଛି ।

ନିକୋଲାସ୍‌ଠାରୁ ନିଷ୍ଠୁରତାରେ, ଚତୁରତାରେ ପାଲ୍ କିଛି କମ୍ ନଥିଲା । ବହୁ ଗୁଣରେ ନିକୋଲାସ୍‌ଠାରୁ ସେ ଥିଲା ଅଧିକ ସାହସୀ—ଅଧିକ ଚତୁର ।

ସେଇଥିପାଇଁ ସମସ୍ତେ ଶେଷ ହେଲେ କିନ୍ତୁ ପାଲ୍ ନିଜର ରାସ୍ତା ନିଜେ ବାଛି ନେଇଥିଲା ଏବଂ ସେଥିଯୋଗୁ ସମସ୍ତେ ବିଚ୍ଛିନ୍ନ ହେବାପରେ ସେ ବଞ୍ଚି ରହିବାକୁ ସକ୍ଷମ ହୋଇ ପାରିଥିଲା ।

ନିଜ ଦଳ ନିଶ୍ଚିହ୍ନ ହୋଇଯିବା ଦେଖି ପାଲ୍‌ର ମନରେ ଭୟଙ୍କର ପ୍ରତିଶୋଧର ଶିଖା ପ୍ରଜ୍ୱଳିତ ହୋଇ ଉଠିଥିଲା । ରାଗରେ

Digitized by srujanika@gmail.com

ତା'ନ୍ତ କଣ୍ଟମଣ୍ଡ କରି ବହୁକଷ୍ଟରେ ସେ ନିଜକୁ ସମ୍ଭାଳି ରଖିବା ପାଇଁ ସକ୍ଷମ ହୋଇଥିଲା । ବର୍ତ୍ତମାନ ତା ନିକଟରେ ସାଧନ ନଥିଲା କି ସମ୍ବଳ ନଥିଲା । କି ଉପାୟରେ ସେ ପ୍ରତିଶୋଧ ନେବ ?

ଘୃଣା ଓ ପ୍ରତିଶୋଧର ନିଆଁରେ ପ୍ରଜ୍ୱଳିତ ତାର ଚାଞ୍ଚଲ୍ୟ ମସ୍ତିଷ୍କରେ ଗୋଟାକ ପରେ ଗୋଟାଏ ଯୋଜନା ଖେଳି ବୁଲୁଥିଲା । ପ୍ରତ୍ୟେକ ଯୋଜନାକୁ ସବୁଦିଗରୁ ବିଶ୍ଳେଷଣ କରି ସେ ଦେଖୁଥିଲା ଏବଂ କଣ ହେବ ମୁଣ୍ଡ ହଲାଇ ଦେଉଥିଲା ।

କେବଳ ଗୋଟିଏ ମାତ୍ର ଯୋଜନା କାର୍ଯ୍ୟକାରୀ ହୋଇପାରେ । ରାତିର ଅନ୍ଧକାରରେ କୌଣସି ମତେ ଯଦି ଜାହାଜ ଭିତରକୁ ସେ ଯାଇ ପାରନ୍ତା ତା ହେଲେ କୌଣସି ଅସୁବିଧା ହୁଅନ୍ତା ନାହିଁ ତାର ।

ଜାହାଜରେ ନିଶ୍ଚୟ ତାର କେତେକ ସଙ୍ଗୀ ରହିଯାଇଥିବେ । ସେମାନଙ୍କ ସାହାଯ୍ୟରେ ସେ ଟାରଜନ ବିରୁଦ୍ଧରେ ଷଡ଼ଯନ୍ତ୍ର କରି ତାକୁ ଜାହାଜରୁ ନିଶ୍ଚିହ୍ନ କରି ଦେଇପାରେ !

ଜାହାଜରେ ତାର ନିଜ ରହିବା କ୍ୟାବିନ୍‌ରେ ଥିଲା ଗୋଟାଏ ବିସ୍ଫୋରକ ଯନ୍ତ୍ର । ତା ଦେହରେ ଝୁଲା ଯାଉଥିଲା ଘଣ୍ଟା ଭଳି ଅଉ ଗୋଟାଏ ଯନ୍ତ୍ର । ତାହାଦ୍ୱାରା ସମସ୍ତ ଜାହାଜ ମୁହୂର୍ତ୍ତକେ ଚୂର୍ଣ୍ଣୀଭୂତ ହୋଇ ଯାଇପାରେ ।

ପାଲ୍ ସ୍ଥିର କରିନେଲା ଯେ ସେ କୌଣସି ମତେ ଜାହାଜ ଉପରକୁ ଯିବ । ଏହାହିଁ ତାର ଉଦ୍ଧାରର ଏକମାତ୍ର ପଥ । ଜଙ୍ଗଲରେ ବନ୍ୟଜନ୍ତୁଙ୍କ ହାବୁଡ଼ରେ ପଡ଼ି ମରିବା ଅପେକ୍ଷା ବରଂ ଉଦ୍ଧାରର ଉପାୟ ଚିନ୍ତା କରିବା କଥା ।

Digitized by srujanika@gmail.com

କିନ୍ତୁ ଜାହାଜ ନିକଟକୁ ଯିବାର ସେ ଉପାୟ ନାହିଁ । ନିକଟରେ ଡଙ୍ଗାଟିଏ ବି ନାହିଁ । ଡଙ୍ଗାର ଯୋଗାଡ଼ରେ ସମୟ ଲାଗିବ । ସେତେବେଳକୁ ଜାହାଜ ନଈରେ ଥିବ କି ନାହିଁ ।

ପାଲ୍ ବସ୍ତିଆଡ଼କୁ ଦୌଡ଼ିଲା । କଣ୍ଟା, ଝଣ୍ଟା, ବଣଜଙ୍ଗଲ କୌଣସି କଥା ପ୍ରତି ତାର ଆଉ ଭ୍ରୂକ୍ଷେପ ନାହିଁ ।

ଆଦିବାସୀ ବସ୍ତିରେ ପହଞ୍ଚି ସେ ଆଦିବାସୀ ସର୍ଦ୍ଦାରକୁ ଡଙ୍ଗାଟିଏ ଦେବାକୁ କହିଲା ।

ସର୍ଦ୍ଦାର ଦେଖିଲା ପାଲ୍ ଏକୁଟିଆ । ତାକୁ ଡରିବାର କୌଣସି କାରଣ ନାହିଁ । ଚାରିଆଡ଼େ ଆଦିବାସୀ ଯୋଦ୍ଧା ପାଲ୍‌କୁ ଘେରି ରହିଛନ୍ତି । ସର୍ଦ୍ଦାର ପାଲ୍‌କୁ ଆଗରୁ ଚିହ୍ନିଥିଲା । ରାଗରେ ସର୍ଦ୍ଦାରର ସର୍ବାଙ୍ଗ ଥରି ଉଠିଲା । ପାଲ୍‌ର କୌଣସି କଥା ଶୁଣିବା ପାଇଁ ସେ ପ୍ରସ୍ତୁତ ନଥିଲା । ସେ ତାର ଯୋଦ୍ଧାମାନଙ୍କୁ ପାଲ୍‌କୁ ନେଇ ବସ୍ତି ବାହାରେ ଛାଡ଼ି ଆସିବା ପାଇଁ ଆଦେଶ ଦେଲା ।

ବାଧ୍ୟହୋଇ ଯୋଦ୍ଧାମାନଙ୍କ ସଙ୍ଗରେ ପାଲ୍ ବସ୍ତିରୁ ବାହାରି ଆସିଲା । ନଈକୂଳରେ ତାକୁ ଛାଡ଼ିଦେଇ ଯୋଦ୍ଧାମାନେ ବସ୍ତି ଭିତରକୁ ଚାଲିଗଲେ ।

ନଈ କୂଳରେ ବୁଦାମୂଳରେ ପାଲ୍ ବସିରହିଛି ଏହି ସମୟରେ ସେ ଦେଖିଲା ଡଙ୍ଗାଟିଏ କୂଳକୁ ଆସୁଛି ।

ତା ଉପରେ ବସି ଗୀତ ଗାଇ ଆସୁଥିଲା ମାଛୁଆ ଆଦିବାସୀ ବାଳକଟିଏ ।

ପାଲ୍ ବୁଦାମୂଳରେ ସମ୍ପୂର୍ଣ୍ଣ ରୂପେ ନିଜକୁ ଲୁଚାଇ ଧୀରେ ଧୀରେ ସାପ ପରି କୂଳ ଆଡ଼କୁ ଅଗ୍ରସର ହେଲା ।

Digitized by srujanika@gmail.com

ଡଙ୍ଗାଟାକୁ କୂଳରେ ଥିବା ଏକ ଗଛ ଡାଳରେ ବାନ୍ଧିଦେଇ ବାଳକଟି ନଜର ଧନୁଶର ଠିକଣା କରିନେଲା । ସନ୍ଧ୍ୟା ହେଲେ ଜଙ୍ଗଲୁ ବାହାରି ଶୀକାର କରିବା ଥିଲା ତାର ଉଦ୍ଦେଶ୍ୟ ।

ତାପରେ ଡଙ୍ଗା ଭିତରେ ସେ ଶୋଇଗଲା ।

ନଜର ସମ୍ମୁଖରେ ସୁବର୍ଣ୍ଣ ସୁଯୋଗ ଉପସ୍ଥିତ ହୋଇଥିବା ଦେଖି ପାଲ୍ ଦ୍ରୁତ ଗତିରେ ଅଥଚ ନିଃଶବ୍ଦରେ ଆଗେଇ ଆସି ଡଙ୍ଗା ନିକଟରେ ପହଞ୍ଚିଲା । କିନ୍ତୁ ସମସ୍ତ ଅପେକ୍ଷା କରି ଚାରିଆଡ଼କୁ ସେ ଚାହିଁ ଦେଖିଲା—ଚତୁର୍ଦ୍ଦିଗ ଶୂନ୍‌ଶାନ ।

ତାପରେ ନଜର ପିସ୍ତଲ ବାହାର କରି ସେ ବାଳକଟିର ଛାତି ପାଖକୁ ପିସ୍ତଲ ନେଇ ବାଳକଟିକୁ ଗୁଳିକଲା ।

ବାଳକର ଛାତିରେ ଗୁଳି ବହୁଦୂରକୁ ଭେଦିଗଲା । ବାଳକ କରେଇରେ ପଡ଼ିଥିବା ଚିଙ୍ଗୁଡ଼ି ମାଛ ପରି ବଙ୍କେଇ ଯାଇ ପୁଣି ସିଧା ହୋଇ ନିଶବ୍ଦରେ ତଳେ ପଡ଼ିଗଲା ।

କ୍ଷତରୁ ରକ୍ତ ବାହାରି ଡଙ୍ଗାରେ ଚତୁର୍ଦ୍ଦିଗକୁ ବ୍ୟାପିଗଲା । ବାଳକର ଶବଟାକୁ ପାଣିକୁ ପକାଇ ଦେଇ ପାଲ୍ ଡଙ୍ଗାରେ ଆହୁଲା ମାଇଲା ।

ସ୍ରୁଅରେ ପଡ଼ି ଡଙ୍ଗା ବିଜୁଳି ବେଗରେ ଛୁଟିବାକୁ ଆରମ୍ଭ କଲା । କିନ୍ତୁ ସେତେବେଳକୁ ଚାରିଆଡ଼େ ଅନ୍ଧାର ବ୍ୟାପି ଯାଇଥାଏ ।

ତଥାପି ପାଲ୍‌ର ଯାତ୍ରାର ବିରାମ ନଥାଏ । ଯେ କୌଣସି ମତେ ଜାହାଜ କୂଳ ଛାଡ଼ିବା ପୂର୍ବରୁ ସେଇ ବନ୍ଦରରେ ଜାହାଜରେ ପହଞ୍ଚିବାକୁ ହେବ ।

ଏକ ଲକ୍ଷ୍ୟରେ ବିଗ୍‌ବଳସ୍ଥ ଆଡ଼କୁ ନଜର କରି ଚାଲିଥାଏ ସେ । କିଛିକ୍ଷଣ ପରେ ଜାହାଜର ଆଲୋକ ତା ଆଖି ଆଗରେ ସ୍ପଷ୍ଟ ହୋଇ ଉଠିଲା ।

Digitized by srujanika@gmail.com

ପାଲ୍ ଯୁବକ ତାର ଭାଗ୍ୟ ସ୍ୱୀକାର କଲା । ଡଙ୍ଗାଟାକୁ ଜାହାଜର ଗୋଟାଏ ପାଖ୍ୱରେ ଅଟକାଇ ସେ ଜାହାଜ ଉପରକୁ ଉଠିଲା ।

ଜାହାଜର ଉପରେ ଥିବା ଗୋଟାଏ କ୍ୟାବିନ୍‌ରେ ସେତେ-ବେଳକୁ ତାର ଜଣେ ପୁରାତନ ସାଙ୍ଗ ଆଲୁଅ ଜାଳି କଣ ଗୋଟାଏ ବହି ପଢ଼ୁଛି ।

ପାଲ ଅତି ସନ୍ତର୍ପଣରେ ନାବିକ ନିକଟକୁ ଯାଇ ତା ନାଁ ଧରି ଡାକିଲା —ନାବିକ ଚମକି ପଡ଼ି ଦେଖିଲା ତା ଆଗରେ ଠିଆ-ହୋଇଛି ପାଲ ।

"ସମସ୍ତେ ମଲେ—କିନ୍ତୁ ତୁମ ଭଳି ଦୁର୍ବୃତ୍ତ ଏବେ ମଧ୍ୟ ଜୀଇଁ ରହିଛି ?"

"ମୁଁ ଜୀଇଛି ବୋଲି ତ ଦେଖାହେଲା । ମରିଥିଲେ କଣ ଆଉ ଏଠିକି ଆସିଥାନ୍ତି !"

"କାହିଁକି ଏଠିକି ଆସିଛ ?"

"ତୁମମାନଙ୍କର ସାହାଯ୍ୟ ପାଇଲେ ଜାହାଜକୁ ଅଧିକାର କରିବା ବର୍ତ୍ତମାନ ମଧ୍ୟ ଅସମ୍ଭବ ନୁହେଁ ।"

"ଆମେ ତୁମକୁ କାହିଁକି ସାହାଯ୍ୟ କରିବୁ ? ତୁମେ ଯେଉଁଭଳି-ବ୍ୟବହାର ଦେଖାଇଛ ନା—ସେଥିରେ ତ ତୁମକୁ ଦେଖିଲା ମାତ୍ରେ ଗୁଳି କରିବା କଥା—"

"କିନ୍ତୁ ଟାଇଗର୍ କଣ ତୁମକୁ ମୁଣ୍ଡରେ ବସାଇ ରଖିଛି ?"

"ସେ ଆମକୁ ସ୍ୱାଧୀନତା ଦେଇଛି । ସେ ଆମ ପ୍ରତି ଭଲ ବ୍ୟବହାର କରୁଛି—ତା ପ୍ରତି ଆମେ କୃତଜ୍ଞ । ମଣିଷ, ମଣିଷ ପ୍ରତି କିଭଳି ବ୍ୟବହାର କରେ ସେ କଥା ଆମେ ଏବେ ଶିଖିଛୁ ।"

Digitized by srujanika@gmail.com

"ତା ହେଲେ ତୁମେ ମୋତେ ସାହାଯ୍ୟ କରିବ ନାହିଁ ?"

"ସାହାଯ୍ୟ କରିବା କଥା ଛାଡ଼, ବର୍ତ୍ତମାନ ତୁମକୁ ମୁଁ ଟାଇରଜନ ହାତରେ ସମର୍ପଣ କରିଦେବ । ଯଦି ଭଲଗନ୍ତ ଥାଏ ତାହେଲେ ଜାହାଜରୁ ଚାଲିଯାଅ—"

ପାଲ କେତେ କହିଲା—କେତେ ଲୋଭ—କେତେ ଭୟ ଦେଖାଇଲା । —କିନ୍ତୁ ନାବିକର ହୃଦୟକୁ ଜୟ କରି ପାରିଲାନାହିଁ ।

ଶେଷକୁ ସେ ବୁଦ୍ଧିଦ୍ୱାରା କାମ ହାସଲ କରିବାକୁ ମନେ ମନେ ସ୍ଥିର କଲା । ବହୁତ ପରିଶ୍ରମ କରି ଶେଷରେ ଏଭଳି ଭାବରେ ତାକୁ ହତାଶ ହେବାକୁ ପଡ଼ିବ—ଏକଥା ସେ ସ୍ୱପ୍ନରେ ସୁଧା କଳ୍ପନା କରି ନଥିଲା ।

ବଡ଼ ବିନମ୍ର ସ୍ୱରରେ ସେ ନାବିକକୁ ଅନୁରୋଧ କଲା—

"ମୋତେ ଯଦି ଏଭଳି ଭାବରେ ତୁମେ ଜଙ୍ଗଲରେ ଛାଡ଼ି ଯିବାକୁ ଚାହୁଥାଅ—ମୋର ସେଥିରେ ଆଉ କିଛି କହିବାର ନାହିଁ । କିନ୍ତୁ ମୋ କ୍ୟାବିନ୍‌ରେ ଯେଉଁ ମୂଲ୍ୟବାନ ଜିନିଷ ଅଛି ସେ ସବୁକୁ ମୁଁ ତୁମକୁ ଦେଇଯିବାକୁ ଚାହେଁ—ଚାଲ—ମୋ ସଙ୍ଗେ ସଙ୍ଗେ ଚାଲ ।

ପାଲ୍‌ର ଏଭଳି ଭାବରେ ହୃଦୟ ପରିବର୍ତ୍ତନ ହୋଇଯାଇ ପାରିବ ସେକଥା ନାବିକ ବିଶ୍ୱାସ କରୁ ନ ଥିଲେ ସୁଦ୍ଧା ଲୋଭରେ ପଡ଼ି ସେ ପାଲ୍‌ର ପୁରାତନ କ୍ୟାବିନ ଅଡ଼କୁ ଗଲା । ପାଲ୍ ନାବିକକୁ ଦୁଆରେ ଜଗୁଆଳି ରୂପେ ରଖାଇ ଦେଇ ଘର ଭିତରେ ପଶିଲା ।

ନିଜର ସବୁଠାରୁ ବେଶି ମୂଲ୍ୟବାନ ଜିନିଷକୁ ଦେହର ବିଭିନ୍ନ ଅଂଶରେ, ଲୁଗାପଟା ଭିତରେ ଲୁଚାଇ ସେ ଟଙ୍କା ତୋଡ଼ାଟାକୁ କୋଟ ପକେଟରେ ରଖିନେଲା । ତାପରେ ଟେବୁଲ

Digitized by srujanika@gmail.com

ତଳେ ଥିବା ଗୋଟାଏ ଗୁପ୍ତ ଖୋପ ଭିତରୁ ଗୋଟାଏ ବାକ୍ସଟାକୁ ଖୋଲି ଦେଖିଲା । ଯନ୍ତ୍ରଟା ଠିକ୍ ଅଛି । ତାପରେ ବାକ୍ସ ଭିତରେ ଥିବା ଗୋଟାଏ ଗୁହ୍ବରେ ସେ ଯନ୍ତ୍ରରେ ଗୁହ୍ବ ଭରିବାକୁ ଲାଗିଲା । ଗୁହ୍ବ ଭରିବାମାତ୍ରେ ଯନ୍ତ୍ରଟା ଟିକ୍ ଟିକ୍ କେତେକର ଘଣ୍ଟାପରି ଚାଲିବାକୁ ଆରମ୍ଭ କଲା । ତାପରେ ଯନ୍ତ୍ରର ଦୁଇ ମୁଣ୍ଡରେ ଲାଗିଥିବା ତାର ଯୋଡ଼ିଦେଇ ବାକ୍ସଟାକୁ ପୁଣି ଯଥାସ୍ଥାନରେ ରଖିଦେଇ ପାଲ୍ ତରତର ହୋଇ ବାହାରକୁ ବାହାରି ଆସିଲା ।

କୋଟ ପକେଟରୁ ଟଙ୍କାପାଇ ନାବିକ ଖୁସି । ସେ କପରି ଜାଣିବ ଯେ ଜାହାଜକୁ ଉଡ଼ାଇ ଦେବାପାଇଁ ପାଲ୍ ର ଷଡ଼ଯନ୍ତ୍ର ତାରି ଯୋଗୁଁ ସୁଫଳ ହେବାକୁ ଯାଉଛି ।

★

ପରଦିନ ସେଦିନ ମଧ୍ୟ ସକାଳ ହେଲା । ପୂର୍ବଦିଗରେ ଦିଗନ୍ତର ଆକାଶ ଉପରକୁ ସୂର୍ଯ୍ୟ ଉଠି ଆସିଲେ । ଝଡ଼ ଓ ବର୍ଷା ଯେମିତି ରୂପେ ଥମି ଯାଇଥାଏ । ଚାରିଆଡ଼େ ସୂର୍ଯ୍ୟାଲୋକ ଝଲମଲ ହୋଇ ପଡ଼ିଥାଏ । ଚାରିଜଣ ଜାହାଜ ଉପରକୁ ଉଠିଲେ । ଜାହାଜରେ ଯେ ଯେଉଁଠାରେ ଥିଲେ ନିଜ ନିଜର କାମ କରିବା ପାଇଁ ସମସ୍ତେ ଆସି ସେଠାରେ ହାଜର ହେବାକୁ ଲାଗିଲେ ।

ବଣ ମଣିଷ ଓ ବାଘ ନାବିକ ମେଳରେ ଆସି ହାଜର ହୋଇଗଲେ । ବାଘ ଓ ବଣମଣିଷ ପୂର୍ବଦିନର ମାଂସ ଭୋଜନରେ ବେଶ୍ ତୃପ୍ତି ଲାଭ କରିଥାଆନ୍ତି । ନାବିକମାନଙ୍କର ମାଂସ ଯେ ସେମାନଙ୍କର ଉତ୍ତମ ଖାଦ୍ୟରୂପେ ବ୍ୟବହାର ହେବାପାଇଁ ଅଛି । ଏଥିରେ ସେମାନଙ୍କର ସନ୍ଦେହ ନ ଥିଲା ।

Digitized by srujanika@gmail.com

ତେଣୁ ଟାରଜନ୍‌ର କାରଣକୁ ସେମାନେ ଆନନ୍ଦ ମନରେ ଗ୍ରହଣ କରି ନେଇଥିଲେ ।

ମୃଗାମ୍ବୀ ଓ ନାବିକମାନେ ଜାହାଜର ନଙ୍ଗର ଉଠାଇଲେ । ଚାଲ ଚାଲ ଜାହାଜ ସମୁଦ୍ର ଆଡ଼କୁ ଗତିକଲା ।

ଆକାଶ ଏପରି ପରିଷ୍କାର ଥିଲା ଏବଂ ସେମାନଙ୍କର ଯିବାର ଅନୁକୂଳ ଦିଗରେ ପବନ ଏଭଳି ବହୁଥିଲା ଯେ ସମସ୍ତେ ନିଜକୁ ସୁଖୀ ଓ ନିରାପଦ ମନେ କରୁଥିଲେ ।

କିନ୍ତୁ ସେମାନଙ୍କ ଅଜାଣତରେ କ୍ୟାବିନ୍ ଭିତରେ ଘଣ୍ଟାଟି ଟିକ୍ ଟିକ୍ ଗତିରେ ଅବିରାମ ଗତିକରି ଚାଲିଥିଲା । ଦୂରରେ ଥିବା ବଡ଼କଣ୍ଟା ନିକଟକୁ ଧୀର ଅଥଚ ନିଶ୍ଚିତ ଗତିରେ ଛୋଟ କଣ୍ଟାଟି ଆଗେଇ ଆସୁଥିଲା ।

ଦୁହେଁ ଏକାଠି ହେବାମାତ୍ରେ ହେବ ପ୍ରଳୟ ।

ଜାହାଜ ନଈ ମୁହାଣରୁ ସମୁଦ୍ର ଭିତରକୁ ଗତି କରିଗଲା । ଟାରଜନ୍ ମନେ ମନେ ଭାବିଲା ଆଫ୍ରିକାର ମୃଗାମ୍ବୀ ନଦୀର ମୁହଁ ନିକଟରେ ଥିବା ସେଇ ଜଙ୍ଗଲୀ ଦ୍ୱୀପରେ ସେ ବାଘ ଓ ବଣମଣିଷ ଗୁଡ଼ାକୁ ଛାଡ଼ିଦେଇ ଜାହାଜ ଧରି ଇଂଲଣ୍ଡକୁ ଚାଲିଯିବ ।

ଜେନ୍ ଓ ଟାରଜନ୍ ପୁଅର ଚିନ୍ତାରେ ବ୍ୟସ୍ତ ହୋଇ ପଡ଼ିଥିଲେ । ଜାହାଜଟା ପବନପରି ଉଡ଼ି ଯାଆନ୍ତା କି ?

କିନ୍ତୁ ଜଙ୍ଗଲୀ ଦ୍ୱୀପ ଓ ଆଫ୍ରିକାର ସ୍ଥଳଭାଗ ମଝିରେ ଥିବା ସ୍ଥିର ଜଳରେ ଜାହାଜ ଅତି ମନ୍ଥର ଗତିରେ ଆଗକୁ ବଢ଼ି ଚାଲିଥିଲା ।

ଅଳ୍ପ ଦୂରରେ ଜଙ୍ଗଲୀ ଦ୍ୱୀପ । ଦୂର ଦିଗ୍‌ବଳୟରେ କଳା ରେଖା ସବୁ ଧୀରେ ଧୀରେ ବଡ଼ ଆକାର ଧାରଣ କରୁଥାଏ ।

Digitized by srujanika@gmail.com

ଜାହାଜର ଇଞ୍ଜିନ୍ ମନ୍ଥର ଗତିରେ ଶବ୍ଦ କରି ଜାହାଜକୁ ଅଥଳ ଜଳ ଉପରେ ବାଟ କଢ଼ାଇ ନେଇ ଚାଲିଥାଏ—

ଏବଂ ତା ସଙ୍ଗେ ସଙ୍ଗେ କ୍ୟାବିନ୍‌ରେ ଥିବା ଭଦ୍ରୁଙ୍କର ଯନ୍ତ୍ରଟି ମଧ୍ୟ 'ଟିକ୍ ଟିକ୍' ଶବ୍ଦ କରି ଗତିକରି ଚାଲିଥାଏ ।

ହଠାତ୍ ଗୋଟାଏ ଭଦ୍ରୁଙ୍କର ଶବ୍ଦ ଶୁଣାଗଲା । କ୍ୟାବିନର ଛାତ ମୁହୂର୍ତ୍ତକେ ଅତି ଉଚ୍ଚକୁ ଉଠି ପାଣିରେ ଛିଟିକି ପଡ଼ିଲା—। ଆଗ୍ନେୟଗିରିରୁ ଧୂଆଁ ବାହାରିଲା ପରି କଳାଧୂଆଁରେ ଜାହାଜର ଉପର ଅଚ୍ଛାଦିତ ହୋଇ ପଡ଼ିଲା । ଜାହାଜର ବିଭିନ୍ନ ଅଂଶ ଖଣ୍ଡ ବିଖଣ୍ଡ ହୋଇ ସେ ବିସ୍ଫୋରଣରେ ଏଣେ ତେଣେ ଛିଟିକି ପଡ଼ିଲେ ।

ତାପରେ ଦେଖାଗଲା ଜାହାଜର ଚାରିଆଡ଼େ ନିଆଁ ଲାଗି ଯାଇଛି । ନିଆଁ ଏତେ ଶୀଘ୍ର ବିସ୍ତାର ଲାଭ କରୁଛି ଯେ କେଉଁଆଡ଼େ ପଳାଇ ଯିବାର ମଧ୍ୟ ଉପାୟ ନାହିଁ ।

ଟାରଜନ୍ ଓ ଜେନ୍ ବିସ୍ଫୋରଣରେ ସ୍ତବ୍ଧ ହୋଇ ରହି-ଯାଇଥିଲେ । ବାଘ ଓ ବଣମଣିଷ ଗୁଡ଼ାକ ଏଣେ ତେଣେ ଭୟରେ ଦୌଡ଼ି ଚିତ୍କାର ଓ ଗର୍ଜନ ଆରମ୍ଭ କରି ଦେଇଥିଲେ । ନାବିକମାନେ ଚକିତ ହୋଇ ବିସ୍ଫୋରଣ ଓ ନିଆଁ ଆଡ଼କୁ ଅନାଇ ରହିଥିଲେ । ଜାହାଜ ଉପରେ ସମ୍ପୂର୍ଣ୍ଣ ବିଶୃଙ୍ଖଳା ବିରାଜ କରୁଥିଲା ।

ଟାରଜନ ମୁହୂର୍ତ୍ତକେ କଳନା କରି ଦେଖିଲା ଯେ ଜାହାଜରେ ଥିବା ପ୍ରାଣୀମାନଙ୍କ ମଧ୍ୟରୁ କେହି ହତାହତ ହୋଇନାହାନ୍ତି ।

ପାଣି ପକାଇ ନିଆଁ ଲିଭାଇବାକୁ ସେ ଆଦେଶ ଦେଲା । କିନ୍ତୁ ପାଣି ପଡ଼ିବାମାତ୍ରେ ନିଆଁ ଅଧିକ ଜୋରରେ ଜଳି ଉଠୁଥିଲା । ଅଳ୍ପସମୟ ଭିତରେ ଜାହାଜଟା ଯେ ଜଳ ଭସ୍ମରେ ପରିଣତ ହେବ

Digitized by srujanika@gmail.com

ଏଥିରେ କାହାରି ମନରେ ତିଳେହେଲେ ସନ୍ଦେହର ଅବକାଶ ନ ଥିଲା ।

ଟାରଜାନ୍ ଜାହାଜରେ ଥିବା ଡଙ୍ଗା ସମୁଦ୍ରରେ ପକାଇବାକୁ ଆଦେଶ ଦେଲା । ଦକ୍ଷ ନାବିକମାନେ ଡଙ୍ଗା ଦୁଇଟିକୁ ସମୁଦ୍ରକୁ ଓହ୍ଲାଇ ଦେଲେ । ଯାହା ହାତରେ ଯାହା ପଡ଼ିଲା ତାହା ଧରି ସମସ୍ତେ ବାଣ୍ଟାବାଣ୍ଟି ହୋଇ ଡଙ୍ଗା ଦୁଇଟିରେ ଯାଇ ବସିଲେ ।

ଜଳନ୍ତା ଜାହାଜକୁ ପଛରେ ପକାଇ ଡଙ୍ଗା ଦୁଇଟି ଅଦୂରସ୍ଥ ଜଙ୍ଗଲି ଦ୍ୱୀପ ଆଡ଼କୁ ଭସି ଚାଲିଲା । ଡଙ୍ଗା ଚଳାଇବା ପାଇଁ ସୁଦକ୍ଷ ନାବିକମାନଙ୍କର ଅଭାବ ନଥିଲା । ମହାଦେଶ ଓ ଦ୍ୱୀପ ମଝିରେ ଥିବା ସମୁଦ୍ର ମଧ୍ୟ ସେତେ ଭୟଙ୍କର ନଥିଲା । ତେଣୁ ଦ୍ୱୀପ ନିକଟରେ ପହଞ୍ଚିବା ସେମାନଙ୍କ ପକ୍ଷରେ ମୋଟେ କଷ୍ଟକର ହୋଇ ନଥିଲା ।

ଦ୍ୱୀପ ନିକଟରେ ପହଞ୍ଚିବା ମାତ୍ରେ ବାଘ ଡଙ୍ଗାରୁ ଡେଇଁ ଜଙ୍ଗଲ ଭିତରେ କେଉଁଆଡ଼େ ଲୁଚିଗଲା । ବଣମଣିଷ ଦଳ ହୁ' ହୁ' ହୋଇ ନିଜର ଚିରପରିଚିତ ଜନ୍ମଭୂମିର ଘନ ସବୁଜ ଜଙ୍ଗଲ ଭିତରେ କାହିଁ କେଉଁଆଡ଼େ ହଜିଗଲେ ।

ଜନ୍ମଭୂମିର ମାୟା ସମସ୍ତଙ୍କୁ ଆକର୍ଷଣ କରେ । ସେ ପ୍ରାଣୀ ହେଉ କିମ୍ବା ମଣିଷ ହେଉ ।

ଟାରଜାନ ଓ ଜେନ୍ ସେମାନଙ୍କର ପ୍ରିୟ ବନ୍ୟ ଅନୁଚର-ମାନଙ୍କର ଆନନ୍ଦରେ ଅନ୍ତରରେ ଅନୁଭବ କରୁଥିଲେ ଏକ ଅବ୍ୟକ୍ତ ସନ୍ତୋଷ । ଏଇମାନଙ୍କ ଯୋଗୁଁ ତ ଦୁହେଁ ଦୁହିଁଙ୍କୁ ଦେଖିବାର ସୌଭାଗ୍ୟ ଲାଭ କଲେ । ବହୁ ବିପଦ ବରଣ କରି ଟାରଜାନ ପଛରେ ରହି ସେମାନେ ତାର ଉପକାର କରିଗଲେ । ଟାରଜାନ ସେମାନଙ୍କ

Digitized by srujanika@gmail.com

ଗଡପଥକୁ କୃତଜ୍ଞତାର ଦୃଷ୍ଟିରେ ଅନାଇ ରହିଥିଲି—ତେଣେ ଆଜି ଏକ ପ୍ରଚଣ୍ଡ ବିସ୍ଫୋରଣରେ ଜାହାଜଟା ଖଣ୍ଡ ଖଣ୍ଡ ହୋଇ ସମୁଦ୍ରରେ ନିଶ୍ଚିହ୍ନ ହୋଇଗଲା ।

★

ଜଙ୍ଗଲୀ ଦ୍ୱୀପରେ ପହଞ୍ଚିବା ପରେ ଟାରଜନ୍ ଓ ତାର ଅନୁଚରମାନଙ୍କର ପ୍ରଧାନ କାର୍ଯ୍ୟହେଲା ନିଜପାଇଁ ଏକ ସ୍ଥାନ ନିରୂପଣ କରିବା ଏବଂ ସେଠାରେ ରହିବାର ସମସ୍ତ ବନ୍ଦୋବସ୍ତ କରିବା ।

ଟାରଜନ୍ ଆଗରୁ ସମସ୍ତ ଦ୍ୱୀପରେ ଭ୍ରମଣ କରି ସାରିଥିଲା । ତେଣୁ ଗୋଟାଏ ଝରଣା କୂଳରେ ସେ ବସତି ସ୍ଥାପନ କରିବାକୁ ସ୍ଥିର କରି ସମସ୍ତଙ୍କୁ ସେଠାକୁ ବାଟ କଢ଼ାଇ ନେଲା ।

ରହିବା ପାଇଁ ସେମାନେ ଘର ତିଆରି କଲେ । ସେଠି କାଠର ଅଭାବ ନ ଥିଲା । ନିଜ ପାଖରେ ଯେଉଁ ଅସ୍ତ୍ରଶସ୍ତ୍ର ଥିଲା ତାକୁ ବ୍ୟବହାର କରି ସେମାନେ ରହିବା ଘର ଓ ନାନା ପ୍ରକାରର ଆସବାବ ପତ୍ର ନିର୍ମାଣ କରିବାକୁ ଆରମ୍ଭ କଲେ ।

ଖାଦ୍ୟପାଇଁ ଟାରଜନ୍ ଜଙ୍ଗଲ ଭିତରକୁ ପ୍ରତିଦିନ ଯାଇ ଜନ୍ତୁ ଶୀକାର କରି ନେଇ ଆସୁଥିଲା । ଅନ୍ୟମାନଙ୍କ ଅପେକ୍ଷା ମୁଗାମ୍ବୀ ଶୀକାରରେ ତାର ସହାୟତା କରିବାକୁ ସବୁବେଳେ ପ୍ରସ୍ତୁତ ଥିଲା । କିନ୍ତୁ ଘୋର ଜଙ୍ଗଲ ଭିତରେ ନାବିକମାନଙ୍କ ସହିତ ଜେନ୍‌କୁ ଏକୁଟିଆ ଛାଡ଼ି ସେ କେଉଁଆଡ଼େ ଯିବାପାଇଁ ପ୍ରସ୍ତୁତ ନ ଥିଲା ।

Digitized by srujanika@gmail.com

ମୃଗାମ୍ବୀକୁ ଜେନ୍ ପାଖରେ ଛାଡ଼ିଦେଇ ସେ ଏକୁଟିଆ ଶୀକାର କରିବାକୁ ବାହାରି ଯାଉଥାଏ ।

ଜେନ୍ ସହିତ ମୃଗାମ୍ବୀ ସାଥିରେ ଆସିଥିବା ଅଜଣା ନିଗ୍ରୋ ଯୁବକଟି ମଧ୍ୟ ରହୁଥାଏ ।

ଏହିପରି ଭାବରେ ଜଙ୍ଗଲ ଭିତରେ ସେମାନଙ୍କ ଦିନ ଅତିବାହିତ ହେବାକୁ ଲାଗିଲା । ଟାରଜନ୍ ଓ ଜେନ୍ ସେଠି କୌଣସି ଅସୁବିଧା ଭୋଗ କରୁ ନ ଥିଲେ ସତ—କିନ୍ତୁ ପୁଅ କଥା ଭାବି ସେମାନେ ଅତି ଦୁଃଖରେ ଜୀବନ କଟାଉ ଥିଲେ । ଦ୍ୱୀପରୁ ବାହାରି ଯିବାର ଆଉ କୌଣସି ଉପାୟ ନ ଥିଲା । ପୁଅର ସ୍ଥିତି ସମ୍ବନ୍ଧରେ ମଧ୍ୟ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ । ତେଣୁ ପୁଅ ସମ୍ବନ୍ଧରେ ନାନା ପ୍ରକାରର ଭୟାତୁର ଚିନ୍ତା ତାଙ୍କ ମନକୁ ସର୍ବଦା ବ୍ୟାକୁଳିତ କରୁଥିଲା ।

ବିଶେଷ କରି ଜେନ୍ ପୁଅ ସମ୍ବନ୍ଧରେ ସବୁବେଳେ ଶଙ୍କାକୁଳ ଚିନ୍ତାକରି ନିତାନ୍ତ ବିବ୍ରତ ଅବସ୍ଥାରେ କାଳ କଟାଉ ଥିଲା । ମାତୃ ହୃଦୟ ତାର ସବୁବେଳେ ଶଙ୍କିତ ହୋଇ ପଡ଼ୁଥିଲା ।

ଟାରଜନ୍ ଦେଖିଲା ଯେ ଦ୍ୱୀପରୁ ବାହାରିବାର ଏକମାତ୍ର ଉପାୟ ହେଲା ଗୋଟାଏ ଜାହାଜ ତିଆରି କରିବା । ତେଣୁ ସମସ୍ତଙ୍କୁ ସେ ଜାହାଜ ତିଆରି କାମରେ ଲାଗିଯିବାକୁ ଆଦେଶ ଦେଲା ।

ପ୍ରଥମେ ସମସ୍ତେ ଜାହାଜ ତିଆରି କାମରେ ଆଗ୍ରହର ସହିତ ଲାଗିଗଲେ । କିନ୍ତୁ ଏତେ ଅଳ୍ପ ଲୋକଙ୍କ ପକ୍ଷରେ କାମରେ ଉଲ୍ଲେଖଯୋଗ୍ୟ ଅଗ୍ରଗତି କରିବା ସମ୍ଭବ ହେଲା ନାହିଁ । ଧୀରେ ଧୀରେ ସେମାନଙ୍କର ଉଦ୍ୟମ ଶିଥିଳ ହେବାକୁ ଆରମ୍ଭ କଲା ।

Digitized by srujanika@gmail.com

ଉଦ୍ୟମର ଶିଥିଳତା ଯେତିକି ବଢ଼ିଲା ଟାରଜନ୍‌ର ତାଡ଼ନା ମଧ୍ୟ ସେତିକି ବଢ଼ି ଚାଲିଲା ।

ଫଳରେ ନାବିକ ଚାକରଗଣ ନିତାନ୍ତ ଅସନ୍ତୁଷ୍ଟ ଅବସ୍ଥାରେ କାଳଯାପନ କରୁଥିଲେ ।

ଏଣେ ଜାହାଜ ଛଡ଼ାଇବା ପରେ ସମସ୍ତ ବନ୍ଦୋବସ୍ତ କରିବା ସଙ୍ଗେ ସଙ୍ଗେ ଟାରଜନ୍ ସମୁଦ୍ରକୂଳରେ ଗୋଟାଏ ଉଚ୍ଚ ସ୍ଥାନରେ ଗୋଟାଏ ଖମ୍ବ ପୋତି ତା ଉପରେ ନାଲି ପତାକା ବାନ୍ଧି ସେଠି ସବୁବେଳେ ଲୋକ ଜଗାଇ ଦେଇଥିଲା । କାଳେ ସମୁଦ୍ରଗାମୀ କୌଣସି ଜାହାଜର ଦୃଷ୍ଟି ଆକର୍ଷିତ ହୋଇପାରେ—ଏବଂ ସେମାନେ ସେ ଜଙ୍ଗଲି ଦ୍ୱୀପରୁ ସଭ୍ୟ ସମାଜ ମଧ୍ୟକୁ ଯିବାର ସୁଯୋଗ ଲାଭ କରନ୍ତି, ତା ସାଙ୍ଗକୁ ଦୂରରୁ ଦେଖିବା ଭଳି ନିଆଁ ଜାଳିବା ପାଇଁ କାଠ ଇତ୍ୟାଦି ପ୍ରସ୍ତୁତ କରି ରଖା ଯାଇଥିଲା । ଦ୍ୱୀପର ପୂର୍ବଦିଗରେ ଟାରଜନ୍ ଏଭଳି ଭାବରେ ନିଜକୁ ପ୍ରସ୍ତୁତ ରଖିଥିବା ବେଳେ ଦ୍ୱୀପର ଉତ୍ତର ଦିଗରେ ଗୋଟାଏ ଜାହାଜ ଆସି ଲାଗିଥିଲା ଓ ଆଉ ଦଳେ ଲୋକ ଜାହାଜରୁ ଓହ୍ଲାଇ ଦ୍ୱୀପରେ ବସତି ସ୍ଥାପନ କରି ସାରିଥିଲେ ।

ଜାହାଜଟାର ନାମ ଥିଲା "କାଉଁରୀ" । ଜାହାଜଟା ଦକ୍ଷିଣ ସମୁଦ୍ରରୁ ମୁକ୍ତା ଉତ୍ତୋଳନ କରି ଫେରୁଥିଲା । ଜାହାଜର କୋଷାଗାରରେ ମୁକ୍ତାସବୁ ଭରପୂର ହୋଇ ରହିଥିଲା ।

ଧନ ଯେଉଁଠି ବିପଦ ସେଇଠି । ଜାହାଜର କପ୍ତାନ ଓ କର୍ମଚାରୀମାନେ ସତୋଟ ଥିଲେ ମଧ୍ୟ ଜାହାଜ ଭିତରେ ଥିଲେ ତିନିଜଣ ଡକାଇତ ଜଣିକଟା ଡକାୟତ ।

Digitized by srujanika@gmail.com

ଜଣକର ନାମ 'କାଇସାଙ୍ଗ୍ ।' ସେ ଚୀନ ଦେଶର ଲୋକ ଥିଲା । ଦୁଷ୍ଟବୁଦ୍ଧିରେ କାଇସାଙ୍ଗ ସହିତ ତାଳ ଦେବାଲୋକ ଦୁନିଆରେ ଆଉ କେହି ନ ଥିଲେ ।

ଆଉ ଜଣେ ଥିଲା ସ୍ୱିଡ଼େନ୍ ଦେଶର ଲୋକ । ତାର ନାମ ଥିଲା 'ଗଷ୍ଟ' । ଖୁବ୍ ସ୍ୱଭାବର ଲୋକ ହେଲେ ମଧ୍ୟ ନିଷ୍ଠୁରତା, ଚତୁରତା ଓ କୂଟ ବୁଦ୍ଧିରେ ସେ ବି କାହାରି କମ୍ ନ ଥିଲା ।

ଏମାନଙ୍କ ସହିତ "ମାଓରି" ଜାତିର ଜଣେ ରକ୍ତପିପାସୁ ଆଦିମ ଅଧିବାସୀ ବନ୍ଧୁତା ସୂତ୍ରରେ ଆବଦ୍ଧ ହୋଇ ସେମାନଙ୍କର ନିର୍ଦ୍ଦେଶରେ କାମ କରୁଥିଲା । ମଣିଷଟାଏ ମାରିଦେବା ତା ନିକଟରେ ଥିଲା ମଶା, କମ୍ବା ମାଛିଟାଏ ମାରିବା ସହିତ ସମାନ ।

ଏହି ତିନିଜଣ ମିଶି 'କାଉଁଗ୍ସ' ଜାହାଜର ମୁକ୍ତା ସମ୍ପଦକୁ ଅକ୍ତିଆର କରିବା ଅଭିପ୍ରାୟରେ—ଶୋଇଥିବା ଅବସ୍ଥାରେ ଜାହାଜର କପ୍ତାନ ଓ କର୍ମଚାରୀମାନଙ୍କୁ ହତ୍ୟାକଲେ ।

ଜାହାଜକୁ ଘେନିଆସି ସେମାନେ ସେହି ଦ୍ୱୀପରେ ଲଙ୍ଗର ପକାଇ ରହିଥିଲେ ।

ଏକାଠି ମିଶି କାମ କରିଥିଲେ ସୁଦ୍ଧା ପ୍ରତ୍ୟେକ ଅନ୍ୟକୁ ସନ୍ଦେହର ଚକ୍ଷୁରେ ଦେଖୁଥାନ୍ତି । 'ଗଷ୍ଟ' ଜାହାଜ ଚଳାଇବା କାମ ଜାଣିଥାଏ । ତେଣୁ ନିଜକୁ କପ୍ତାନ ରୂପେ ସେ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରୁଥାଏ । ସେଥିରେ ସଫଳ ହେବାପାଇଁ ତାକୁ ବିଳମ୍ବ ଲାଗିଲା ନାହିଁ । କିନ୍ତୁ ତାର ଉଦ୍ଦେଶ୍ୟ ଥାଏ—ସେ ଏକୁଟିଆ କପଟ ସୁଯୋଗ ଅନୁସାରେ ମୁକ୍ତାଭରା ଜାହାଜଟାକୁ ନେଇ ସେ ଦ୍ୱୀପରୁ ଖସି ପଳାଇବ । ତେଣୁ 'କାଇସାଙ୍ଗ୍' ଓ 'ମୋମୁଲ୍'କୁ ସେ ଦୂରରେ ରଖିବାକୁ ଚେଷ୍ଟା କରୁଥାଏ ।

Digitized by srujanika@gmail.com

ସେମାନେ ମଧ୍ୟ ତାର ଗନ୍ତି ବଧିରୁ ତା ମନେ ଭାବ ଠଉରେଇ ନଇ ତା ପଛେ ପଛେ ଗୁଇପର ଲାଗି ଉଦ୍ବେଗାନ୍ତ ଏବଂ ତାକୁ ଜାହାଜ ନେଇ ଶୀଘ୍ର ସେଠାରୁ ଯିବାପାଇଁ ପ୍ରବର୍ତ୍ତାଇ ଥାଆନ୍ତି ।

କିନ୍ତୁ ସେତିକବେଳେ ଦୂର ଦିଗ୍‌ବଳୟରେ ଗୋଟାଏ ଯୁଦ୍ଧ ଜାହାଜ ଯାଉଥିବାର ସନ୍ଧାନ ଲାଭ କରି ସେମାନେ ବ୍ୟସ୍ତ ହୋଇ ଦ୍ୱୀପରେ କାଳଯାପନ କରିବାକୁ ବାଧ୍ୟ ହୁଅନ୍ତି । ସମୁଦ୍ର ଭିତରକୁ ଯିବାମାନେ ଧରାପଡ଼ିବା—ଏହି କଥା କହି 'ଗଷ୍ଟ' ସମୟ ଓ ସୁଯୋଗ ଅପେକ୍ଷାରେ କାଳକ୍ଷେପଣ ମାତ୍ରକୁ କାର୍ଯ୍ୟକାରୀ କରୁଥାଏ ।

ଏହି ଭଳି ଅବସ୍ଥାରେ ଥରେ 'ମୋମୂଲ୍' ଜଙ୍ଗଲ ଭିତରେ ବୁଲି ବୁଲି ଟାରଜାନ ଦଳର ଦୁଇଜଣ ନାବିକ ଗୋଟାଏ ସ୍ଥାନରେ ପରସ୍ପର ସହିତ ମନ୍ତ୍ରଣା କରୁଥିବାର ଶୁଣିବାକୁ ପାଏ । ସେତେବେଳେ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ଓ କଥୋପକଥନ ଚାଲିଥାଏ—"କିନ୍ତୁ ଆମ୍ଭେମାନେ ଏ ନର୍କରୁ ଓ ହାଡ଼ଭଙ୍ଗା ଖଟଣୀରୁ ରକ୍ଷା ପାଇବା କେମିତି ?"

"ଗୋଟାଏ ଡଙ୍ଗା ତିଆରି କରି ଦୁଇଜଣ ତାକୁ ନେଇ ଆଫ୍ରିକାର ସ୍ଥଳ ଭାଗକୁ ପଳାଇ ଯିବା—"

"ସାଙ୍ଗରେ କାହାକୁ ନେବା— ?"

"କାହିଁକି—ସେଇ ଝିଅଟାକୁ । ଦେଖିବାକୁ ସେ ଯେମିତି ସୁନ୍ଦର ତାକୁ ଛାଡ଼ିଯିବା କଣ ସହଜ କଥା ?"

"ଠିକ୍ କଥା କହିଛୁ—ତା ଠାରୁ ମଧ୍ୟ ବହୁ ଟଙ୍କା ପଇସା ଆଦାୟ କରି ହେବ ।"

କଥୋପକଥନ ଶୁଣି ମୋମୁଲ୍ ପଦାକୁ ବାହାରି ଆସିଲା—

Digitized by srujanika@gmail.com

"ଭାଇମାନେ— ମୁଁ ବି ତୁମ ସଙ୍ଗରେ ସାଥୀ ହେବି ।"

ନାବିକ ଦୁଇଜଣ ଚମକି ଉଠିଲେ । କିନ୍ତୁ 'ମୋମୁଲ୍' ନିଜର ଫରମୁଲା ସେମାନଙ୍କୁ ଶୁଣାଇ ଦେଲା—

"ତୁମର ଜାହାଜ ଚଳାଇବାର ଶକ୍ତି ଅଛି—କିନ୍ତୁ ଜାହାଜ ନାହିଁ । ଆମର ଜାହାଜ ଅଛି କିନ୍ତୁ ଚଳାଇବାକୁ ଲୋକ ନାହାନ୍ତି । ମୋ ସଙ୍ଗରେ ଆସିଲେ ମୁଁ ସବୁ ବ୍ୟବସ୍ଥା କରିଦେବି ।"

ନାବିକ ଦୁଇ ଜଣଙ୍କୁ ସଙ୍ଗରେ ନେଇ 'ମୋମୁଲ୍' ଜଙ୍ଗଲର ଗୋଟାଏ ସ୍ଥାନରେ ସେମାନଙ୍କୁ ଲୁଚାଇ ରଖି କାଇସାଙ୍ଗଙ୍କୁ ଡାକି ଆଣିଲା ।

ଚାରିଜଣ ମନ୍ତ୍ରଣାରେ ସ୍ଥିର କଲେ ଯେ 'କାଉଁସ୍' ଜାହାଜରେ ସେମାନେ ଦୁଇଜଣ ସ୍ତ୍ରୀ ଲୋକଙ୍କୁ ଧରି ସେଠାରୁ ଖସି ପଳାଇବେ । ଆଉ ମଧ୍ୟ ସ୍ଥିର ହେଲା ଯେ 'ଟଷ୍ଟୁ'କୁ ସଙ୍ଗେ ସଙ୍ଗେ ମାରି ଦିଆଯିବ ! 'ଟଷ୍ଟୁ'କୁ ମାରିବାର ଭାର 'ମୋମୁଲ୍' ଉପରେ ନ୍ୟସ୍ତ ରହିଲା ।

ତାପରେ ସଭା ଭଙ୍ଗ ହେଲା ।

କାଇସାଙ୍ଗ୍ ଓ ମୋମୁଲ୍ ଛୁରି ଧରି 'ଟଷ୍ଟୁ'ର ତମ୍ବୁ ଆଡ଼କୁ ବାହାରିଲେ । 'ଟଷ୍ଟୁ' ସେତେବେଳେ ଅନ୍ୟ ତମ୍ବୁରେ କୌଣସି କାମରେ ଲାଗିଥିଲା । କାଇସାଙ୍ଗ୍ ଓ ମୋମୁଲ୍‌କୁ ଛୁରି ହାତରେ ତା ତମ୍ବୁ ଆଡ଼କୁ ଆସୁଥିବାର ଦେଖି ସେ ସ୍ପଷ୍ଟ ବୁଝିପାରିଲା ଯେ ସେମାନେ ତାକୁ ହତ୍ୟା କରିବାକୁ ଆସୁଛନ୍ତି । ଏପରି ଜାହାଜ ଚଳାଇ ନେବା ପାଇଁ ସେମାନେ ଅନ୍ୟ କୌଣସି ବ୍ୟବସ୍ଥା କରି ସାରିଛନ୍ତି ।

'ଟଷ୍ଟୁ' ନିଃଶବ୍ଦରେ ତମ୍ବୁ ଛାଡ଼ି ଜଙ୍ଗଲ ଭିତରେ ପଶିଲା । ନିଶ୍ଚିତ ମୃତ୍ୟୁଠାରୁ ଜଙ୍ଗଲ ଯେ ସହସ୍ର ଗୁଣରେ ଶ୍ରେୟସ୍କର !

Digitized by srujanika@gmail.com

★

ନାବିକ ଦୁଇଜଣ ବାରଜଣ ଲୋକଙ୍କୁ ବାଟ କଢ଼ାଇ ନେଇ ଝାରଜନର ତମ୍ବୁପାଖ ଜଙ୍ଗଲରେ ଲୁଚି ରହିଥିଲେ ।

ଏଥି ପୂର୍ବରୁ ଝାରଜନକୁ ଜଙ୍ଗଲର ବହୁଦୂରକୁ ସେମାନେ ପଠାଇ ଦେଇଥିଲେ । ଗୋଟାଏ ବଡ଼ ହରିଣପଲ ଦୂରରେ ବିଶ୍ରାମ କରୁଥିବାର ସନ୍ଧାନ ଦେଇ ସେ ଚାଲି ଯିବାପରେ ସେମାନେ 'ମୋମ୍ବୁଲ' ଓ କାଇସାଙ୍କୁ ସେମାନଙ୍କର ଅନୁଚରମାନଙ୍କ ସହିତ ଡାକି ଆଣିଥିଲେ ।

ସେମାନଙ୍କର କିନ୍ତୁ ଧାରଣା ନ ଥିଲା ଯେ 'ଗଷ୍ଟ' ସେମାନଙ୍କର ପିଛା ଧରି ତାଙ୍କ ଅଜାଣତରେ ସେମାନଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟ କରୁଛି ।

ଜଣେ ନାବିକ ବୁଦା ମୂଳରୁ ବାହାରି ପଡ଼ିଲା ଓ ଜେନ୍ ଆଡ଼କୁ ଗଲା ।

ମୁଗାମ୍ବୀ ନିକଟରେ ପହଞ୍ଚି ସେ ନିତାନ୍ତ ବ୍ୟସ୍ତ ହୋଇ ଡରିଥିବାର ଅଭିନୟ କରି କହିଲା—"ଶୀଘ୍ର ଚାଲ—ମୋର ଅନ୍ୟ ଜଣେ ସାଙ୍ଗକୁ ତୁମର ବଣ ମଣିଷ ଦଳ ହତ୍ୟା କରିବାକୁ ଯାଉଛନ୍ତି ।"

ମୁଗାମୀ ଜେନ୍‌କୁ ଛାଡ଼ି ଯିବାକୁ ପ୍ରସ୍ତୁତ ନ ଥିଲା । କିନ୍ତୁ ଜେନ୍ ନିଜେ କହିଲା ।

"ଏ ଅବସ୍ଥାରେ କଣ ଅପେକ୍ଷା କରାଯାଏ ? ତୁମେ ଶୀଘ୍ର ଯାଅ ।

Digitized by srujanika@gmail.com

ମୃଗାମ୍ବୀ ସେଠାରେ ଥିବା ଅନ୍ୟ ଦୁଇଜଣ ଲୋକଙ୍କୁ ନେଇ ଜଙ୍ଗଲକୁ ଗୁଳିଯିବା ପରେ ପରେ ସେମାନେ ସମସ୍ତେ ଜେନ୍ ଓ ତା ସାଥିରେ ଥିବା ସ୍ତ୍ରୀ ଲୋକଟିକୁ ଘେରଗଲେ ଏବଂ ସେମାନଙ୍କୁ ନିଃଶବ୍ଦରେ ଟେକନେଇ ଜଙ୍ଗଲ ଭିତରେ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ ।

ମୃଗାମ୍ବୀ ବହୁଦୂର ଗତିକରି ବଣମଣିଷଙ୍କର କମ୍ବା ନାବକଟିର କୌଣସି ଚିହ୍ନ ପାଇଲା ନାହିଁ । ସେ ବୁଝି ପାରିଲା ଯେ ତାକୁ ଦୂରକୁ ନେଇଯିବା ପାଇଁ ଏ ଏକ ଷଡ଼ଯନ୍ତ୍ର । ପୁଣି ଟାରଜନକୁ ମଧ୍ୟ ସେହିଭଳି ଢଙ୍ଗରେ ଆଗରୁ ସ୍ଥାନାନ୍ତରିତ କରାଯାଇଥିଲା ।

ଏ ସବୁର କାରଣ କଣ ?

ବୃଥା ସମୟ ନଷ୍ଟ ନକରି ସେ ଦ୍ରୁତଗତିରେ ସମୁଦ୍ର ଆଡ଼କୁ ଗତିକରି ଆସୁଥାଏ । ଏତିକବେଳେ ସେମାନଙ୍କର ରହିବା ସ୍ଥାନଠାରୁ ଅଳ୍ପ ଦୂରରେ ଟାରଜନ ସହିତ ତାର ଦେଖାହେଲା ।

ସବୁକଥା ବୁଝିବା ପରେ ଅତି ବ୍ୟସ୍ତ ହୋଇ ସେମାନେ ନିଜର ରହିବା ସ୍ଥାନ ଆଡ଼କୁ ଦ୍ରୁତ ପଦକ୍ଷେପରେ ଗତିକଲେ । ସେଠାରେ ପହଞ୍ଚି ସେମାନେ ଦେଖିଲେ— ଜେନ୍ କମ୍ବା ଆଦିବାସୀ ସ୍ତ୍ରୀ—କାହାରି ପତ୍ତା ନାହିଁ ।

ଏତିକି ବେଳେ ଗଛରୁ ଓହ୍ଲାଇ 'ଗଷ୍ଟ' ସେମାନଙ୍କୁ ସାକ୍ଷାତ କଲା ଓ କହିଲା—"ମୁଁ ସେମାନଙ୍କୁ ଜାଣେ—ତୁମେ ମୋ ସାଙ୍ଗେ ସାଙ୍ଗେ ଆସ ସେମାନେ ଯେଉଁଠାକୁ ଯାଇଛନ୍ତି ମୁଁ ତମମାନଙ୍କୁ ସେଠିକି ବାଟ କଢ଼ାଇ ନେବି । ସେମାନେ ବର୍ତ୍ତମାନ ଜାହାଜରେ ଚଢ଼ି ଚାଲିଯିବେ, ଶୀଘ୍ର ଆସ ।"

Digitized by srujanika@gmail.com

ବିଳମ୍ବ କରିବାର ଅବକାଶ ନଥିଲା । ଟାରଜନ ଓ ମୁଗାମ୍ବୀ 'ଗଷ୍ଟ' ସହିତ ଖିପ୍ର ବେଗରେ ଗତି କରି ଉଦ୍ଦିଷ୍ଟ ସ୍ଥାନରେ ଯାଇ ପହଞ୍ଚିଲେ ।

ସେତେବେଳକୁ ସେମାନେ ଜେନ ସହିତ ଜାହାଜରେ ଚଢ଼ି ଜାହାଜକୁ ସମୁଦ୍ର ମଧ୍ୟକୁ ଛୁଡ଼ି ସାରିଥିଲେ ।

ଟାରଜନ ଏହି ପ୍ରଥମ ଥର ପାଇଁ ନିରାଶା ଅନୁଭବ କଲା । ମୁଣ୍ଡରେ ହାତ ଦେଇ ସେ ଥକ୍କା ହୋଇ ବସିପଡ଼ିଲା—ଏ କଣ ଭାଗ୍ୟର ଶେଷ ନିଷ୍ଠୁର ପରିହାସ ତା ପ୍ରତି ? କେଉଁ ଅଭିଶପ୍ତ ଜୀବନ ନେଇ ସେ ସଂସାରରେ ଜନ୍ମ ଗ୍ରହଣ କରିଛି ?

ଆଉ ଉପାୟ ନାହିଁ । ବାଧ୍ୟ ହୋଇ ହମସ୍ତେ ସେଠାରୁ ଫେରି ଆସିଲେ ।

ନିଜର ବାସସ୍ଥାନ ନିକଟରେ ନପହଞ୍ଚୁଣୁ ଟାରଜନ ବାଘର ଗର୍ଜ୍ଜନ ଶୁଣିବାକୁ ପାଇଲା ।

ବାଘର ଡାକ ଶୁଣି ଟାରଜନ ବୁଝିପାରିଲା ଯେ ବହୁଦିନ ପରେ ତାର ପୂର୍ବପରିଚିତ ବନ୍ଧୁ ପୁଣି ତା ନିକଟକୁ ଫେରି ଆସିଛି । ପ୍ରତ୍ୟୁତ୍ତରରେ ସେ ମଧ୍ୟ ସେ ଡାକର ଜବାବ ଦେଲା ।

କିଛି ସମୟ ପରେ ଦେଖାଗଲା ଯେ ଜଙ୍ଗଲ ଭିତରୁ ନିଃଶବ୍ଦ ଗତିରେ ବାଘ ତା ଆଡ଼କୁ ଦଉଡ଼ି ଆସୁଛି । ଟାରଜନ ନିକଟକୁ ଆସିବା ମାତ୍ରେ ବାଘ, ବଳେଇ ପରି ଟାରଜନ ଦେହରେ ଘଷିହେଲା । ନିଜର ସମସ୍ତ ଦୁଃଖ ସତ୍ତ୍ୱେ ଟାରଜନର ହାତ ବାଘ ଉପରେ ଯାଇ ପଡ଼ିଲା । ସେ ବାଘର କୋମଳ ଦେହକୁ ଆଉଁସୁଥାଏ ସତ—ମନ କିନ୍ତୁ ଲାଖି ରହିଥାଏ ତାର—ସମୁଦ୍ରର ଦୂର ଦିଗ୍ ଳୟ ତଳେ ।

Digitized by srujanika@gmail.com

ବାଘ ଆସିବା ପରେ ପରେ ଜଙ୍ଗଲ ଭିତରେ ଶୁଭିଲା ବଣମଣିଷର ଡ଼ାକ । ଟାରଜନ ପାଟିରୁ ଆପେ ଆପେ ତାର ପ୍ରତ୍ୟୁତ୍ତର ବାହାରିଗଲା । ଅଳ୍ପ ସମୟ ମଧ୍ୟରେ ବଣମଣିଷର ଦଳ ମଧ୍ୟ ସେଠାରେ ଆସି ହାଜର ହୋଇଗଲେ । ବହୁ ଦିନ ପରେ ସେମାନେ ସମସ୍ତେ ଏକାଠି ହୋଇଥିବାରୁ ସେମାନଙ୍କ ମଧ୍ୟରେ ଆନନ୍ଦର କୋଳାହଳ ଲାଗିଯାଇଥାଏ ।

ମଣିଷ ମନର ଦୁଃଖ ବଣର ପଶୁ ଅବା ବୁଝନ୍ତେ କିପରି ? ଟାରଜନ ମନର ଦୁଃଖ ମନରେ ମାରି ସମୁଦ୍ର ଆଡ଼କୁ ଏକଲୟରେ ଅନାଇ ରାତିର ଅନ୍ଧକାରରେ କିଛି ଯେପରି ଅନ୍ୱେଷଣ କରୁଥାଏ ।

ହଠାତ୍ ସମୁଦ୍ର ଉପରେ ଆଲୋକର ରେଖା ଫୁଟିଉଠିଲା । ଟାରଜନ ଚମକପଡ଼ି ଉଠି ଠିଆହେଲା । ପାଣି କୂଳକୁ ଦଉଡ଼ିଯାଇ ସେ ଦେଖିଲା ଜାହାଜଟା ଅଳ୍ପ ଦୂରରେ ନଙ୍ଗର ପକାଇ ରହିଛି ।

ଜାହାଜରେ ଥିବା ଦସ୍ୟୁଦଳ ବିପଦ ସଙ୍କୁଳ କୂଳକୁ ତ୍ୟାଗକରି ସମୁଦ୍ର ମଧ୍ୟର ନିରାପଦତାରେ ରାତି ଯାପନ କରିବାକୁ ସ୍ଥିର କରିଛନ୍ତି ।

'ଗଷ୍ଟ' ସ୍ପଷ୍ଟରୂପେ ଜାହାଜଟାକୁ ଚିହ୍ନି ପାରିଲେ । ଏ ସେଇ ଜାହାଜ ।

ଟାରଜାନ ବିଜୁଳି ବେଗରେ ବହୁଦିନ ଧରି ପରିଶ୍ରମ କରି ତିଆରି କରିଥିବା ବଡ଼ ଡଙ୍ଗାଟିର ନିକଟରେ ଯାଇ ପହଞ୍ଚିଲା । ଆଉ ବିଳମ୍ବ କରିବା ଉଚିତ ହେବନାହିଁ । ବଣମଣିଷ ଦଳର ସହାୟତାରେ ଡଙ୍ଗାଟାକୁ ପାଣି ଭିତରକୁ ନେବା ମୋଟେ କଷ୍ଟକର ହେଲାନାହିଁ ।

ତାର ବିଶ୍ୱସ୍ତ ଅନୁଚରମାନଙ୍କ ସହିତ ଟାରଜନ ପୁଣି ଜଳଯାତ୍ରା ଆରମ୍ଭ କରିଦେଲା । 'ଟେଷ୍ଟ'କୁ ଯେତେ ବୁଝାଇଲେ ମଧ୍ୟ ସେମାନଙ୍କ ସାଥୀରେ ଯିବାକୁ ସେ ମୋଟେ ରାଜି ହେଲା ନାହିଁ ।

Digitized by srujanika@gmail.com

ତେଣେ ଜାହାଜର ଗୋଟାଏ କ୍ୟାବିନ୍ ଭିତରେ ନାବିକଟା ଜେନ୍ ଅଙ୍କୁ ମାଡ଼ ଆହୁଥିଲା । କିନ୍ତୁ ଜେନ୍ ହାତରେ ପିସ୍ତଲ ଧରି ତାର ଗତିରୋଧ କରୁଥିଲା । ଦୁହେଁ ଛକାପଞ୍ଝା ଅବସ୍ଥାରେ ପରସ୍ପରକୁ ଆକ୍ରମଣ କରିବା ଉଦ୍ଦେଶ୍ୟରେ ଟାକ ରହିଥାନ୍ତି ।

ଠିକ୍ ଏତିକବେଳେ ଜାହାଜର ପ୍ରହରୀ ପାଟିକରି ଉଠିଲା । ପ୍ରହରୀର ଚିତ୍କାର ସଙ୍ଗେ ସଙ୍ଗେ ଗୁଳି ଫୁଟିବାର ଶବ୍ଦ ମଧ୍ୟ ଶୁଣାଗଲା । ଜେନ୍ ହଠାତ୍ ଅନ୍ୟମନସ୍କ ହୋଇ ପଡ଼ିଲା । ଏହି ଅବସରରେ ନାବିକଟା ଜେନ୍ ହାତରୁ ଅସ୍ତ୍ର ଛଡ଼ାଇ ନେଇ ତାକୁ ଟଣାଟଣି କରିବାକୁ ଆରମ୍ଭ କଲା ।

ଗୋଟିକ ପରେ ଗୋଟିଏ କରି ଟାରଜନର ଦଳ ଜାହାଜ ଉପରକୁ ଉଠି ଆସି ପ୍ରଥମେ ଅର୍ଦ୍ଧସୁପ୍ତ ଅବସ୍ଥାରେ ପଡ଼ିଥିବା ପ୍ରହରୀ ଉପରେ ଆକ୍ରମଣ କରି ଦେଲେ । ପ୍ରହରୀ ଅତର୍କିତ ଅବସ୍ଥାରେ ଚିତ୍କାର କରି ଉଠିଲା ଓ ଲକ୍ଷ୍ୟହୀନ ଭାବରେ ଗୁଳି ଚଳାଇଲା । କିନ୍ତୁ ଅଳ୍ପ ସମୟ ଭିତରେ ତାକୁ କାବୁ କରି ସେମାନେ ତାର ଶବକୁ ସମୁଦ୍ର ମଧ୍ୟକୁ ଫିଙ୍ଗିଦେଲେ ।

ଜାହାଜରେ ଘୋର ଗଣ୍ଡଗୋଳ ଲାଗିଗଲା । ସମସ୍ତେ ଉପରକୁ ଅସ୍ତ୍ରଶସ୍ତ୍ର ଧରି ଦଉଡ଼ି ଆସି ଦେଖିଲେ—ଗୋଟାଏ ବିରାଟକାୟ ଦୈତ୍ୟ ସାଙ୍ଗରେ ଭୂତ ଭଳି ଦେଖା ଯାଉଥିବା ଦଳେ ଅଦ୍ଭୁତ ଜୀବ ଓ ଗୋଟାଏ ମସ୍ତବଡ଼ ବାଘକୁ ଧରି ଜାହାଜ ଉପରେ ଡେଇଁ ବୁଲୁଛି । ଅସ୍ତ୍ର ଶସ୍ତ୍ର ଫିଙ୍ଗି ଯେ ଯେଉଁ ଦିଗକୁ ପାଇଲା ପ୍ରାଣ ଭୟରେ ପଳାଇବାକୁ ଲାଗିଲେ ।

ଟାରଜନ ଜେନ୍‌ର ଚିତ୍କାର ଶୁଣି କାବିନ ଆଡ଼କୁ ଦଉଡ଼ିଗଲା । ଦେଖିଲା ନାବିକଟା ଜେନର ହାତ ଧରି ତାକୁ ଟାଣିନେବାକୁ ଚେଷ୍ଟା

Digitized by srujanika@gmail.com

କରୁଛି । ଝାଉଜନର ଶରୀର ଉପରେ କମ୍ପ ଉଠିଲା । ସେ ନାବିକର ବେକଟାକୁ ଧରି ତାକୁ ସେ ପାଖକୁ ଆଣିଲା । ଆଖିର ଅଙ୍ଗାରରୁ ଯେପରି ଜଳନ୍ତା ନିଆଁ ବାହାରୁଥାଏ ତାର ।

ଦୁଇହାତରେ ମୁଣ୍ଡଟାକୁ ଧରି ଟିକିଏ ଚାପିଦେବା ମାତ୍ରେ ନାବିକର ମୁଣ୍ଡଟା ମଡ଼ ମଡ଼ ଶବ୍ଦ କରି ଗୋଟାଏ ପଟକୁ ଝୁଲି ପଡ଼ିଲା । ମୁହଁବାଟେ ଦେଇ ରକ୍ତର ସୁଅ ଛୁଟିବାକୁ ଲାଗିଲା । ଝାଉଜନ ପାଗଳପରି ତାକୁ ଟେକି ନେଇ ସମୁଦ୍ର ଭିତରକୁ ବୁଲାଇ ବୁଲାଇ ଫିଙ୍ଗିଦେଲା ।

ବହୁଦିନ ପରେ ମଣିଷ ମାଂସ ଖାଇବାର ସୁଯୋଗ ଲଭିକରି ବାଘଟା ମଧ୍ୟ ପାଗଳ ହୋଇଯାଇଥାଏ । ତା ଆଗରେ 'କାଇସାଙ୍ଗ' ଦଉଡ଼ି ପଳାଉଥିବାର ଦେଖି ସେ ଏକା ଡିଆଁକେ ଯାଇ ତା କଟରେ ହାଜର ହୋଇଗଲା । 'କାଇସାଙ୍ଗ' ଗୋଟାଏ ଉଚା ଜାଗା ଉପରେ ଚଢ଼ି ବୋବାଳି ଛାଡ଼ିବାକୁ ଆରମ୍ଭ କଲା । ବାଘ ତା ନିକଟକୁ ଡେଇଁବା ମାତ୍ରେ ସେ ତଳକୁ ଡେଇଁ ଦଉଡ଼ି ଯାଇ ଗୋଟାଏ ଘର ଭିତରେ ପ୍ରବେଶ କଲା କିନ୍ତୁ ଦ୍ୱାର ବନ୍ଦ କରିଦେବା ପୂର୍ବରୁ ବାଘର ମୁଣ୍ଡଟା ଦ୍ୱାର ଭିତରକୁ ଗଳି ସାରିଥିଲା । ଉପାୟାନ୍ତର ନଦେଖି 'କାଇସାଙ୍ଗ' ମଲି ମଲି ବୋଲି ବୋବାଳି ଛାଡ଼ି କାନ୍ଧକୁ ଆଉଜି ଆଖି ବୁଜିଦେଲା । ତାକୁ ଟାଣି ଆଣି ମୂଷାକୁ ବିଲେଇ ଧରିଲା ପରି ବେକକୁ କାମୁଡ଼ିଧରି ବାଘ ଜାହାଜ ଉପରେ ତାର ହାଡ଼ଗୋଡ଼ ଚୋବାଇବାରେ ଲାଗିଲା ।

ରାତି ପାହି ସକାଳ ହେଲା । ଯେଉଁମାନେ ବାଘ ଓ ବନ-ମଣିଷଙ୍କ ହାବୁଡ଼ରେ ପଡ଼ିଥିଲେ ସେମାନେ ଯମ ଭୁବନକୁ ଚାଲି ଯାଇଥିଲେ । ବାକି ଯେଉଁମାନେ ଥିଲେ ସେମାନଙ୍କୁ ଜାହାଜ

Digitized by srujanika@gmail.com

ଚଳାଇବା କାମରେ ଲଗାଇ ଟାରଜନ୍ ଜଙ୍ଗଲୀ ଦ୍ୱୀପ ଆଡ଼କୁ ଗଡ଼ିକଲା ।

ଦ୍ୱୀପରେ ପହଞ୍ଚିବା ମାତ୍ରେ ବନମଣିଷ ଓ ବାଘ ଜାହାଜରୁ ଡେଇଁ କୂଳରେ ଆସି ଠିଆହେଲେ । ଟାରଜନ ଛଳ ଛଳ ନୟନରେ ସେମାନଙ୍କୁ ଶୁଳଯିବାକୁ ଇସାରା ଦେଲା ।

ଏମାନେ ହେଲେ ଟାରଜନ୍‌ର ଜାନୁଆର । ଏମାନଙ୍କୁ ନେଇସେ ବହୁ ବିପଦର ସମ୍ମୁଖୀନ ହୋଇଛି । ଟାରଜନର ହୃଦୟରେ ସେମାନଙ୍କର କର୍ମର ଅଳିଭା ଦାଗ ଚିରଦିନ ଲାଗି ରହିଗଲା ।

ନୂଆ ଭଙ୍ଗ ଜାହାଜକୁ ସେଠାରୁ ନେଇ ଟାରଜନ୍ ସମୁଦ୍ରରେ ଯାତ୍ରା ଆରମ୍ଭ କରିବାର ଅଳ୍ପଦିନ ମଧ୍ୟରେ ସମୁଦ୍ର ପଥରେ ଯାଉଥିବା ଇଂଲଣ୍ଡର ଗୋଟାଏ ବଡ଼ ଜାହାଜ ସହିତ ତାର ଭେଟ ହେଲା ।

ଜାହାଜରୁ ଲଣ୍ଡନ ସହିତ ବେତାର ସଂଯୋଗ ସ୍ଥାପନ କରିବାରୁ ଜଣାଗଲା ଯେ ଟାରଜନର ପୁଅ, ଲଣ୍ଡନରେ ନିରାପଦରେ ଅଛି । ଫଲ୍—ଟାରଜନର ପୁଅକୁ ଗୋଟାଏ ଅନାଥାଶ୍ରମରେ ଲୁଚେଇ ରଖି ସେପଟାକାର ଗୋଟାଏ ଛୁଆକୁ ଜାହାଜକୁ ନେଇ ଆସିଥିଲା—ନିକୋଲାସର ଅଜାଣତରେ । ପରେ ଟାରଜନର ପୁଅକୁ ଦେଖାଇ—ଟାରଜନ କିମ୍ବା ଜେନଠାରୁ ପ୍ରଚୁର ଅର୍ଥ ଆଦାୟ କରିବା ଥିଲା ତାର ଉଦ୍ଦେଶ୍ୟ କିନ୍ତୁ ଅନାଥାଶ୍ରମର ପରିଚାଳିକା ପରେ ଟାରଜନ ପୁଅକୁ ଫେରାଇ ଦେଇଥିଲେ ଏବଂ ସେ ଜେନ୍‌ର ପୂର୍ବ-ପରିଚିତା ଆମେରିକାନ ନିଗ୍ରୋ ପରିଚାରିକା ପାଖରେ ଲଣ୍ଡନରେ ନିରାପଦରେ ରହିଥିଲା ।

ବିପଦର ମେଘ ସତେ ଅବା ଆକାଶରୁ ଉଭେଇ ଯାଇଥିଲା ଏବଂ ଟାରଜନ ଓ ଜେନ୍ ସମୁଦ୍ରର ଢେଉ କାଟି କାଟି ଧୀରେ ଧୀରେ ଲଣ୍ଡନ ଅଭିମୁଖରେ ଆଗେଇ ଚାଲିଲେ ।

●

Digitized by srujanika@gmail.com

ପୃଥିବୀର ବିଭିନ୍ନ ଭାଷାରେ ୩ କୋଟିରୁ ଅଧିକ କପି ନିଃଶେଷିତ

ଦୁର୍ଦ୍ଦାନ୍ତ ଆଡ଼ଭେଞ୍ଚର ସିରିଜ୍

- ୧ମ ଖଣ୍ଡ : ବଣ ମଣିଷ ଟାର୍ଜନ
- ୨ୟ ଖଣ୍ଡ : ଟାର୍ଜନ ଫେରିଲା
- ୩ୟ ଖଣ୍ଡ : ଟାର୍ଜନର ଜାନୁଆର
- ୪ର୍ଥ ଖଣ୍ଡ : ସନ୍ ଅଫ ଟାର୍ଜନ (ଯନ୍ତ୍ରସ୍ଥ)

ପ୍ରତି ଖଣ୍ଡ ଟ ୨ ଙ୍କା   ରେଜିଷ୍ଟ୍ରି ଡାକରେ ଟ ୨-୫୦

ଲିପିକା, ବାଙ୍ଗାଳୀସାହି, କଟକ-୯

Digitized by srujanika@gmail.com